RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR

◆VOLUME- 43 ◆ISSUE-343 ◆THURSDAY ◆11 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୪୩ ◆ଗୁରୁବାର ◆୧୧ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଫିଫା ବିଶ୍ୱକପ୍ ଉଦ୍‌ଘାଟନ ଆଜି



■ ମେକ୍ସିକୋ ସିଟି, ୧୦।୬ (ସମିସ): ଫିଫା ବିଶ୍ୱକପ୍ ଫୁଟବଲର ୨୩ତମ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବ। ବିଶ୍ୱର ଏହି ସର୍ବାଧିକ ଲୋକପ୍ରିୟ ପ୍ରତିଯୋଗିତାକୁ ପ୍ରଥମଥର ୩ଟି ଦେଶ ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଏବଂ କାନାଡା ମିଳିତ ଭାବେ ଆୟୋଜନ କରୁଛନ୍ତି। ଜୁନ୍ ୧୧ରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏହି ସଂସ୍କରଣରେ ମଧ୍ୟ ସର୍ବାଧିକ ୪୮ଟି ଦେଶ ଅଂଶଗ୍ରହଣ କରୁଥିଲାବେଳେ ସର୍ବାଧିକ ୧୦୪ଟି ମ୍ୟାଚ୍ ୩ଟି ଦେଶର ୧୬ଟି ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏହା ମଧ୍ୟରୁ ଆମେରିକାର ସର୍ବାଧିକ ୧୧ଟି ଭେନ୍ୟୁରେ ଫାଇନାଲ ଓ କ୍ୱାର୍ଟରଫାଇନାଲ ପରଠାରୁ ସମସ୍ତ ନକ୍‌ଆଉଟ ମ୍ୟାଚ୍ ସମେତ ମୋଟ ୭୮ଟି, ଅନ୍ୟ ଦୁଇ ସହ ଆୟୋଜକ ଦେଶ ୧୩ଟି ଲେଖାଏଁ ମ୍ୟାଚ୍ ଆୟୋଜନ କରିବେ। ଜୁଲାଇ ୧୯ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଫାଇନାଲ ମୁକାବିଲା ନ୍ୟୁ ଜର୍ସୀର ମେଟ୍‌ଲାଇଫ ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତରେ ମ୍ୟାଚ୍ ଗୁଡିକର ସିଧାସଳଖ ପ୍ରସାରଣ ଜୀ ଏଣ୍ଟରଟେନ୍‌ମେଣ୍ଟ ନେଟ୍‌ୱର୍କରେ ପ୍ରସାରଣ କରାଯିବ। ଜୀ ଟିଭି ପକ୍ଷରୁ ୟୁନିଟ୍‌୮-ସ୍ପୋର୍ଟ୍ସ ନାମରେ ୪ଟି ଚ୍ୟାନେଲ ହିନ୍ଦୀ ଓ ଇଂରାଜୀରେ ସିଧାସଳଖ ପ୍ରସାରଣ କରାଯିବ।

ଆସନ୍ତାକାଲି ବା ଗୁରୁବାର ମେକ୍ସିକୋ ସିଟିରେ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରୁ ଦେଢ଼ ଘଣ୍ଟା ଲାଗି ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଛି। ଆମେରିକା ଓ କାନାଡାରେ ମଧ୍ୟ ଏକ ସଙ୍ଗେ ଉତ୍ସବର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଖ୍ୟାତ ଗାୟିକା ସାକିରା ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିବେ। କାନାଡାର ଟରଣ୍ଟୋ ଓ ଆମେରିକାରେ ମଧ୍ୟ ଉଦଘାଟନୀ ଉତ୍ସବର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଦୁଃସ୍ଥିତି ଆଣିବ 'ଗଡ଼ଜିଲା ଏଲ୍ ନିନୋ'

■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଏକ ପ୍ରାକୃତିକ ଜଳବାୟୁ ପରିବର୍ତ୍ତନ 'ଏଲ୍ ନିନୋ' ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ବୈଜ୍ଞାନିକମାନେ ଏହାକୁ 'ଗଡ଼ଜିଲା ଏଲ୍ ନିନୋ' ବା ଅତି ଶକ୍ତିଶାଳୀ ଏଲ୍ ନିନୋର ଆଖ୍ୟା ଦେଇଛନ୍ତି। ଯଦିଓ ଏହି ପରିବର୍ତ୍ତନ ଭାରତଠାରୁ ହଜାର ହଜାର କିଲୋମିଟର ଦୂରରେ ସୃଷ୍ଟି ହେଉଛି, ତଥାପି ଏହାର ସିଧାସଳଖ ପ୍ରଭାବ ଭାରତର ସାଧାରଣ ଜୀବନଯାତ୍ରା, ଚାଷକାର୍ଯ୍ୟ ଏବଂ ବ୍ୟବସାୟ ଉପରେ ପଡ଼ିବାକୁ ଯାଉଛି। ବିଶ୍ୱ ଅର୍ଥନୈତିକ ମଞ୍ଚ ସମେତ ଅନେକ ଅନ୍ତର୍ଜାତୀୟ ସଂଗଠନ ଏହାକୁ ନେଇ ସତର୍କ ସୂଚନା ଜାରି କରିଛନ୍ତି। ଭାରତର ଲକ୍ଷ ଲକ୍ଷ ଚାଷୀଙ୍କ ପାଇଁ ମୌସୁମୀ ଋତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏବେ ବି ଦେଶର ପ୍ରାୟ ଅଧା କୃଷି ଜମି ଜଳସେଚନ ବଦଳରେ ବର୍ଷା ଜଳ ଉପରେ ନିର୍ଭର କରେ। ଏଲ୍ ନିନୋ ପ୍ରଭାବରେ ମୌସୁମୀ ବର୍ଷା କମିଯାଏ କିମ୍ବା ଦୀର୍ଘ ଦିନ ଧରି ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ। ଏହାଦ୍ୱାରା ଧାନ, ଡାଲି, ସୋୟାବିନ୍, କପା ଏବଂ ମକା ଭଳି ମୁଖ୍ୟ ଫସଲର ବୁଣାକାର୍ଯ୍ୟ ବାଧାପ୍ରାପ୍ତ ହେବ। ବର୍ଷା ଅଭାବରୁ ଉତ୍ପାଦନ କମିଲେ ବଜାରରେ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେବ। ଫଳରେ ଦୈନନ୍ଦିନ ବ୍ୟବହୃତ ▶ପୃଷ୍ଠା-୭



ଚାଷଠାରୁ ଆରମ୍ଭ କରି ବିଦ୍ୟୁତ ଗ୍ରୀଡ୍ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେବ

# ନେହରୁଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

## ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଶାସନରେ ସର୍ବାଧିକ ସମୟ



■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଭାରତୀୟ ରାଜନୀତିରେ ଆଜି ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦେଶର ସର୍ବାଧିକ ସମୟ କାର୍ଯ୍ୟ କରିବାର ରେକର୍ଡ ସ୍ଥାପନ କରିଛନ୍ତି। ଜୁନ ୧୦ ତାରିଖରେ ସେ ଲଗାତାର ୪, ୩୯୯ ଦିନ ପ୍ରଧାନମନ୍ତ୍ରୀ ପଦରେ ରହି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ୪, ୩୯୮ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି।

୨୦୧୪ ମସିହା ମେ ୨୬ରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବା ନରେନ୍ଦ୍ର ମୋଦୀ କ୍ରମାଗତ ତିନିଟି ଲୋକସଭା ନିର୍ବାଚନରେ ବିଜୟ ହାସଲ କରି ଏହି ରେକର୍ଡ ସ୍ଥାପନ କରିଛନ୍ତି। ଏହା ପୂର୍ବରୁ କେବଳ ଜବାହରଲାଲ ନେହରୁ ଲଗାତାର ତିନିଥର ସାଧାରଣ ନିର୍ବାଚନ ଜିତି ଏପରି ସଫଳତା ହାସଲ କରିଥିଲେ। ନେହରୁ ୧୯୪୭ରୁ ୧୯୬୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିବା ବେଳେ ସେ ଏବେ ମଧ୍ୟ ଭାରତର ସର୍ବାଧିକ ସମୟ ଧରି ପ୍ରଧାନମନ୍ତ୍ରୀ ରହିଥିବା ନେତା ଭାବେ ପରିଚିତ। ତେବେ ନିର୍ବାଚନ ଜିତି ଲଗାତାର କାର୍ଯ୍ୟକାଳ ଆଧାରରେ ମୋଦୀ ଏବେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଦାୟିତ୍ୱରେ ଥିଲେ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ମୋଟ ଶାସନକାଳ ୯ ହଜାର ଦିନରୁ ଅଧିକ ହୋଇଛି। ଏହା ସହ ସେ ଦେଶର ସର୍ବାଧିକ ସମୟ ନିର୍ବାଚିତ ସରକାରର ମୁଖ୍ୟ ଭାବେ କାର୍ଯ୍ୟ କରିବାର ରେକର୍ଡ ମଧ୍ୟ ହାସଲ କରିଛନ୍ତି।

ଲୋକସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରଦର୍ଶନ ମଧ୍ୟ ଏହି ଯାତ୍ରାର ଏକ ମୁଖ୍ୟ ଅଂଶ। ୨୦୦୯ରେ ୧୧୬ଟି ଆସନ ଜିତିଥିବା ଦଳ ୨୦୧୪ରେ ୨୮୨ ଏବଂ ୨୦୧୯ରେ ୩୦୩ଟି ଆସନ ଜିତିଥିଲା। ୨୦୨୪ରେ ଆସନ ସଂଖ୍ୟା ୨୪୦କୁ ଖସିଥିଲେ ମଧ୍ୟ ଦଳ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ନେତୃତ୍ୱରେ କ୍ଷମତା ବଜାୟ ରଖିଥିଲା। ଅନ୍ୟପଟେ କଂଗ୍ରେସ ୨୦୦୯ରେ ୨୦୬ଟି ଆସନ ଜିତିଥିବା ବେଳେ ୨୦୧୪ରେ ଏହା ୪୪କୁ ଖସିଯାଇଥିଲା। ତେବେ ୨୦୨୪ରେ ଦଳ ପୁଣି ୯୯ଟି ଆସନ ଜିତି ନିଜର ସ୍ଥିତିକୁ କିଛିଟା ସୁଦୃଢ଼ କରିଥିଲା। ନରେନ୍ଦ୍ର ମୋଦୀଙ୍କ ୪, ୩୯୯ ଦିନର ଲଗାତାର ପ୍ରଧାନମନ୍ତ୍ରୀ ପଦର ଯାତ୍ରା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ; ବରଂ ଭାରତୀୟ ରାଜନୀତିରେ ଏକ ନୂତନ ମାଇଲଖୁଣ୍ଟ। ଏହି ରେକର୍ଡ ଆଗାମୀ ଦିନରେ ଭାରତର ରାଜନୈତିକ ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ।

## ମମତାଙ୍କ ଘର ବାହୁଡ଼ା !

# କଂଗ୍ରେସରେ ମିଶିବ ଟିଏମ୍‌ସି ?



■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ମମତା ବାନାର୍ଜୀଙ୍କ ଘର ୱାପସି ହେବ କି? ୧୯୯୮ରେ ଗଠିତ ତୃଣମୂଳ କଂ।।ଗ୍ରେସ ବା ଟିଏମ୍‌ସି କଣ କଂଗ୍ରେସରେ ମିଶିଯିବ? ସଂପ୍ରତି ଏଭଳି ଅନେକ ପ୍ରଶ୍ନ ଜାତୀୟ ରାଜନୀତିକୁ ସରଗରମ କରି ରଖିଛି। ଦୀର୍ଘ ୨୮ ବର୍ଷ ଧରି ପଶ୍ଚିମ ବଙ୍ଗ ରାଜନୀତିରେ ଛାଇ ହୋଇ ରହିଥିବା ମମତା ବାନାର୍ଜୀଙ୍କୁ ନେଇ ଅନେକ କଳ୍ପନାଜଳ୍ପନା ଲାଗି ରହିଛି। କ୍ରମାଗତ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ମମତା ହାରିଯିବା ପରେ ତାଙ୍କ ବିରୋଧରେ ଦଳ ଭିତରେ ଏମିତି ବିଦ୍ରୋହ ହେବ ବୋଲି କେହି କେବେହେଲେ କଳ୍ପନା କରିନଥିଲେ। ଗତ ୨୮ ବର୍ଷ ଧରି ତାଙ୍କର ଅତି ଘନିଷ୍ଠ ଓ ନିର୍ଭରଯୋଗ୍ୟ ସହଯୋଗୀ ଥିବା ନେତାମାନେ ବିପଦ ସମୟରେ ତାଙ୍କୁ ଛାଡ଼ିଦେଇ ବିରୋଧୀ ଶିବିରରେ ମିଶିବାରେ ଲାଗିଛନ୍ତି। ଏଥିରେ ହତାଶ ହୋଇ ସେ କଂଗ୍ରେସରେ ମିଶିବା ଲାଗି ଯୋଜନା କରୁଥିବା କୁହାଯାଉଛି। ରାଜନୀତିରେ କିଛି ଅସମ୍ଭବ ନାହିଁ। ରାଜନୀତିରେ ଚିର ଦିନ ପାଇଁ କେହି ଶତ୍ରୁ କି ମିତ୍ର ନାହାନ୍ତି। ଗତ ଏକ ▶ପୃଷ୍ଠା-୭

## ଦଳର ବିଧାୟକ ପ୍ରାର୍ଥୀଙ୍କ ସହ ବୈଠକ

# ଏସ୍‌ଆଇଆର୍ ସମୟରେ ସତର୍କ ଓ ସଜାଗ ରୁହ: ନବୀନ



- ଦୁଇ ବର୍ଷରେ ଭୁଶୁଡ଼ି ଯାଇଛି ଆଇନଶୃଙ୍ଖଳା
- ଭୟରେ ଅଛନ୍ତି ସାରା ଓଡ଼ିଶାର ଜନସାଧାରଣ
- ପୂର୍ବରୁ ରାଜ୍ୟରେ ଦେଖା ନ ଥିଲା ଏଭଳି ଅବ୍ୟବସ୍ଥା
- ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ଆରମ୍ଭ କର
- ପରିବର୍ତ୍ତନର ସୂଚନା ଦେଉଛି ନାରୀ ଅଧିକାର ଅଭିଯାନ

■ ଭୁବନେଶ୍ୱର, ୧୦।୬ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ବିଧାୟକ ପ୍ରାର୍ଥୀଙ୍କ ସହ ବୁଧବାର ସାଂଗଠନିକ ବୈଠକ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶଙ୍ଖ ଭବନରେ ଅନୁଷ୍ଠିତ ଏହି ବୈଠକରେ ନବୀନ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତି ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ମତ ବିନିମୟ କରିଛନ୍ତି। ରାଜ୍ୟର ସାମଗ୍ରିକ ସ୍ଥିତି, ଶାସନ ବ୍ୟବସ୍ଥା ତଥା ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ନବୀନ। ସେ କହିଛନ୍ତି ଯେ ଗତ ଦୁଇ ବର୍ଷରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଜନସାଧାରଣ ଭୟରେ ରହିଛନ୍ତି। ହତ୍ୟା, ଧର୍ଷଣ, ଲୁଟ୍, ନାରୀ ନିର୍ଯାତନା ଆଦି ଅପରାଧ ସୀମା ଲଙ୍ଘି ସାରିଲାଣି। ଅର୍ଥନୈତିକ ଅବସ୍ଥା ▶ପୃଷ୍ଠା-୭

## ଅହମଦାବାଦ ଦ୍ୱିତୀୟ ପର୍ଯ୍ୟାୟ ମେଟ୍ରୋକୁ ୨୧୬୯ କୋଟି ଅନୁଦାନ

# ଅନ୍ଧାରରେ ଭୁବନେଶ୍ୱର ମେଟ୍ରୋ ଭାଗ୍ୟ

■ ଭୁବନେଶ୍ୱର, ୧୦।୬ (ସମିସ): କେନ୍ଦ୍ର କ୍ୟାବିନେଟ୍ ଅହମଦାବାଦ ମେଟ୍ରୋ ରେଳ ପ୍ରକଳ୍ପର ଫେଜ୍ ୨(ଏ)କୁ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପରେ କୋଟେଶ୍ୱର ରୋଡ୍‌ରୁ ସର୍ଦ୍ଦାର୍‌ର ବଲ୍ଲଭଭାଇ ପଟେଲ ଆନ୍ତର୍ଜାତୀୟ ବିମାନବନ୍ଦର ପର୍ଯ୍ୟନ୍ତ ୬.୦୩ କିଲୋମିଟର ଲମ୍ବର ନୂତନ କରିଡରକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ବାବଦକୁ କେନ୍ଦ୍ର ସରକାର ୨,୧୬୯ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ସମ୍ପ୍ରସାରଣ ପରେ ଅହମଦାବାଦ-ଗାନ୍ଧୀନଗର ମେଟ୍ରୋ ନେଟ୍‌ୱର୍କ ୭୭.୬୩ କିଲୋମିଟରକୁ ବୃଦ୍ଧି ପାଇବ। ଗୁଜୁରାଟକୁ କେନ୍ଦ୍ର ସରକାରଙ୍କ ଏହି ଭେଟି ପରେ ଓଡ଼ିଶାର ମେଟ୍ରୋ ପ୍ରକଳ୍ପ ଓ ଡବଲ ଇଂଜିନ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ▶ପୃଷ୍ଠା-୭



କେନ୍ଦ୍ରକୁ ପ୍ରସ୍ତାବ ଦେଉ ନାହାନ୍ତି, ନିଜେ କରିବାକୁ ନେଉନାହାନ୍ତି ପଦକ୍ଷେପ

## ଇନ୍ଧନ ସଙ୍କଟ

# ପେଟ୍ରୋଲ୍‌ର ବିକଳ୍ପ ସାଜିବ ଇଥାନଲ୍ !

## ଇ-୮୫ ଓ ଇ-୨୦ ଫ୍ଲେକ୍ସ-ଫୁଏଲ୍‌କୁ ନେଇ ଦ୍ୱନ୍ଦ୍ୱରେ ଗ୍ରାହକ



- ଇ-୮୫ ଫ୍ଲେକ୍ସ-ଫୁଏଲ ଟେକ୍ନୋଲୋଜି ଯାନ
- ଇ-୨୦ ଇନ୍ଧନରେ ସୁରକ୍ଷିତ ଚାଲିପାରିବ ତ?
- ଦିଲ୍ଲୀରେ ଖୋଲଛି ମାତ୍ର ଗୋଟିଏ ଆଉଟଲେଟ୍

■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ସମ୍ପ୍ରତି ଇ-୮୫ ଇନ୍ଧନକୁ ନେଇ ସାରା ଦେଶରେ ଚର୍ଚ୍ଚା। ଏହି ନୂଆ ଇନ୍ଧନ କେବଳ ପରିବେଶ ଅନୁକୂଳ ନୁହେଁ, ଦାମ ମଧ୍ୟ କମ୍। ଇ-୨୦ ଇନ୍ଧନ ଅପେକ୍ଷା ଲିଟର ପିଛା ୨୦ ଟଙ୍କା ଶସ୍ତା। ଦିଲ୍ଲୀରେ ପ୍ରଚଳନ ହୋଇଥିବା ଏହି ଇନ୍ଧନକୁ ନେଇ ସରକାର ଏଭଳି ଯୁକ୍ତି ବାଢୁଥିବା ବେଳେ ଗାଡ଼ି ମାଲିକ କିନ୍ତୁ ଚିନ୍ତାରେ। ସେମାନଙ୍କର ଗାଡ଼ିର ଇଞ୍ଜିନ ଇ-୨୦ ପେଟ୍ରୋଲ ଅନୁକୂଳ ଥିବା ବେଳେ ଏହା ଇ-୮୫ରେ ଚାଲିପାରିବ ତ? ଇ-୨୦ ପେଟ୍ରୋଲ ଗାଡ଼ିକୁ ନେଇ ସେମାନଙ୍କର ଚିନ୍ତା ବଢ଼ିଲାଣି। ସୂଚନାଯୋଗ୍ୟ ଯେ ଇ-୮୫ ଇନ୍ଧନ ହେଉଛି ଏକ ▶ପୃଷ୍ଠା-୭






## ୨୦୩୦ ସୁଦ୍ଧା ଶେଷ ହେବ 'ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ'ର ଯାତ୍ରା

■ ପ୍ରଶାନ୍ତ ମହାସାଗରରେ ଖସାଇବ ନାସା
■ ଖର୍ଚ୍ଚ ହେବ ୯, ୫୦୦ କୋଟି ଟଙ୍କା

ନ୍ୟୁୟର୍କ, ୧୦।୬(ଏଜେନ୍ସି): ପୃଥିବୀ ପୃଷ୍ଠରୁ ପ୍ରାୟ ୪୦୦ କିଲୋମିଟର ଉପରେ ରହି ବିଗତ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ବିଶ୍ୱର ସବୁଠାରୁ ବଡ଼ ସ୍ପେସ୍ ଲାବୋରେଟୋରୀ 'ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ' (ଆଇଏସ୍‌ଏସ୍) ନିଜର ଶେଷ ସମୟରେ ପହଞ୍ଚିଛି। ଆମେରିକାର ମହାକାଶ ସଂସ୍ଥା 'ନାସା' ଏହାକୁ ୨୦୨୮ ରୁ ୨୦୩୦ ମସିହା ମଧ୍ୟରେ ସୁରକ୍ଷିତ ଭାବେ ପୃଥିବୀକୁ ଫେରାଇ ଆଣିବାକୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ପ୍ରାୟ ୧ ବିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୯, ୫୦୦ କୋଟି ଟଙ୍କା) ଖର୍ଚ୍ଚ କରାଯିବ। ମହାକାଶ ଷ୍ଟେସନଟି ତାର ନିର୍ଦ୍ଧାରିତ ସମୟ ସୀମାଠାରୁ ବହୁତ ଅଧିକ ଦିନ କାର୍ଯ୍ୟ କରିସାରିଛି। ଏବେ ଏଥିରେ ଅନେକ ଯାନ୍ତ୍ରିକ ତ୍ରୁଟି ଦେଖାଯାଉଛି ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଅତ୍ୟଧିକ ଖର୍ଚ୍ଚ ହେଉଛି। ଏହା ବଦଳରେ ନାସା ଏବେ ଚନ୍ଦ୍ର ଓ ମଙ୍ଗଳ ଅଭିଯାନ ଉପରେ ଅଧିକ ଧ୍ୟାନ ଦେବାକୁ ଚାହୁଁଛି। ପ୍ରାୟ ୪, ୫୦, ୦୦୦ କିଲୋଗ୍ରାମ ଓଜନର ଏହି ବିଶାଳ ଷ୍ଟେସନକୁ ଏକ ସ୍ୱତନ୍ତ୍ର ସ୍ପେସକ୍ରାଫ୍ଟ ସାହାଯ୍ୟରେ ପୃଥିବୀର ବାୟୁମଣ୍ଡଳକୁ ଠେଲି ଦିଆଯିବ। ବାୟୁମଣ୍ଡଳର ଘର୍ଷଣ ଯୋଗୁଁ ଏହାର ଅଧିକାଂଶ ଅଂଶ ଜଳିଯିବ। ଜଳିବା ପରେ ବଞ୍ଚିଯାଇଥିବା ବଡ଼ ବଡ଼ ଖଣ୍ଡଗୁଡ଼ିକୁ ପ୍ରଶାନ୍ତ ମହାସାଗରର ଏକ ଦୂରବର୍ତ୍ତୀ ଅଞ୍ଚଳ 'ପଏଣ୍ଟ ନେମୋ'ରେ ଖସାଯିବ। ଏହି ସ୍ଥାନରେ କୌଣସି ଜନବସତି ନାହିଁ ଏବଂ ଏହାକୁ ମହାକାଶର ଆବର୍ଜନା ପକାଇବା ପାଇଁ ବ୍ୟବହାର କରାଯାଏ। ଏହା ମହାକାଶରେ ମଣିଷ ଦ୍ୱାରା ନିର୍ମିତ ସବୁଠାରୁ ବଡ଼ ଗଠନ, ଯାହାର ଆକାର ଏକ ଫୁଟବଲ୍ ପଡ଼ିଆ ସହ ସମାନ। ଏପର୍ଯ୍ୟନ୍ତ ୧୯ଟି ଦେଶର ୨୫୦ରୁ ଅଧିକ ମହାକାଶଚାରୀ ଏଠାକୁ ଗସ୍ତ କରିସାରିଛନ୍ତି। ଆଇଏସ୍‌ଏସ୍'ର ଅବସର ପରେ ଅନେକ ବେସରକାରୀ କମ୍ପାନୀ (ଯେପରିକି ବ୍ଲୁ ଓରିଜିନ୍, ଆକ୍ସିଅମ୍ ସ୍ପେସ୍) ନିଜସ୍ୱ ସ୍ପେସ୍ ଷ୍ଟେସନ ନିର୍ମାଣ କରୁଛନ୍ତି। ଚୀନ୍‌ର ନିଜସ୍ୱ ସ୍ପେସ୍ ଷ୍ଟେସନ ମଧ୍ୟ ରହିଛି। ଅନ୍ୟପଟେ ଭାରତୀୟ ମହାକାଶ ସଂସ୍ଥା 'ଇସ୍ରୋ' ୨୦୩୫ ସୁଦ୍ଧା ନିଜର ସ୍ୱଦେଶୀ ମହାକାଶ ଷ୍ଟେସନ ସ୍ଥାପନ କରିବା ପାଇଁ କାମ କରୁଛି।

## ବିଶ୍ୱର ଶ୍ରେଷ୍ଠ ଖାଦ୍ୟ ସହର ତାଲିକାରେ ଭାରତର ଏକମାତ୍ର ସହର ବେଙ୍ଗାଲୁରୁ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ବିଶ୍ୱର ଶ୍ରେଷ୍ଠ ଖାଦ୍ୟ ସହରଗୁଡ଼ିକର ତାଲିକାରେ ଭାରତର ଏକମାତ୍ର ପ୍ରତିନିଧି ଭାବେ ବେଙ୍ଗାଲୁରୁ ସ୍ଥାନ ପାଇଛି। ଆନ୍ତର୍ଜାତିକ ପତ୍ରିକା 'ଟାଇମ୍ ଆଉଟ୍' ପକ୍ଷରୁ ପ୍ରକାଶିତ 'ବିଶ୍ୱର ୨୦ଟି ଶ୍ରେଷ୍ଠ ଖାଦ୍ୟ ସହର-୨୦୨୬' ତାଲିକାରେ ବେଙ୍ଗାଲୁରୁ ୧୩ତମ ସ୍ଥାନ ଅଧିକାର କରିଛି। ସୁଗନ୍ଧିତ ବିରିୟାନି, ପାରମ୍ପରିକ ଦକ୍ଷିଣ ଭାରତୀୟ ଖାଦ୍ୟ ଏବଂ ନୂଆ ଧରଣର ପାନୀୟ ସଂସ୍କୃତି ପାଇଁ ସହରଟି ବିଶ୍ୱସ୍ତରରେ ପ୍ରଶଂସା ସାଉଁଟିଛି। ୨୪ ହଜାରରୁ ଅଧିକ ଲୋକଙ୍କ ମତାମତକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। ବେଙ୍ଗାଲୁରୁର ୮୨ ପ୍ରତିଶତ ବାସିନ୍ଦା ସହରର ଖାଦ୍ୟ ସଂସ୍କୃତିକୁ ଅତ୍ୟନ୍ତ ଭଲ ବୋଲି ମତ ଦେଇଛନ୍ତି। ବେଙ୍ଗାଲୁରୁର ପରିଚୟ କେବଳ ସୂଚନା ପ୍ରଯୁକ୍ତି କେନ୍ଦ୍ର ଭାବେ ସୀମିତ ନୁହେଁ। ଏଠାର ପାରମ୍ପରିକ ଖାଦ୍ୟାଳୟ, ଦକ୍ଷିଣ ଭାରତୀୟ ଜଳଖିଆ, ସାମରିକ ଶୈଳୀର ଭୋଜନାଳୟ ଓ ଆଧୁନିକ ଭୋଜନ ସଂସ୍କୃତି ଖାଦ୍ୟପ୍ରେମୀଙ୍କୁ ଆକର୍ଷିତ କରୁଛି। ବେନ୍‌ନେ ଦୋସା, ଇଡ୍ଲି, ବଡା, ନଡ଼ିଆ ଚଟଣୀ ଓ ପ୍ରସିଦ୍ଧ 'ଦୋନେ ବିରିୟାନି' ସହରର ଖାଦ୍ୟ ପରିଚୟକୁ ସମୃଦ୍ଧ କରିଛି।





## ଚନ୍ଦ୍ରରେ ଅବତରଣ ସ୍ୱପ୍ନକୁ ସାମୟିକ ବିରାମ

### ଆର୍ଟେମିସ-୩ ପାଇଁ ନୂଆ ମହାକାଶଚାରୀ ଦଳ ଘୋଷଣା କଲା ନାସା

ୱାଶିଂଟନ, ୧୦।୬(ଏଜେନ୍ସି): ଚନ୍ଦ୍ର ଅଭିଯାନର ନୂଆ ଅଧ୍ୟାୟ ଲେଖିବା ଦିଗରେ ଆଗେଇ ଚାଲିଥିବା ନାସା ଆର୍ଟେମିସ-୩ ଅଭିଯାନ ପାଇଁ ମହାକାଶଯାତ୍ରୀ ଦଳର ନାମ ଘୋଷଣା କରିଛି। ତେବେ ଏହି ଅଭିଯାନ ଆଉ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ନାହିଁ। ପୂର୍ବ ଯୋଜନା ଅନୁସାରେ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ଅଞ୍ଚଳରେ ମଣିଷଙ୍କୁ ଅବତରଣ କରାଇବାର ଲକ୍ଷ୍ୟ ଥିଲେ ମଧ୍ୟ, ବର୍ତ୍ତମାନ ଏହାକୁ ପୃଥିବୀର ନିମ୍ନ କକ୍ଷପଥରେ ପରୀକ୍ଷାମୂଳକ ଅଭିଯାନରେ ପରିଣତ କରାଯାଇଛି। ଅଭିଯାନର ନେତୃତ୍ୱ ନେବେ ଅଭିଜ୍ଞ ମହାକାଶଯାତ୍ରୀ ରାଣ୍ଡି ବ୍ରେସନିକ। ଲୁକା ପାର୍ମିଟାନୋ ଅଭିଯାନର ପାଇଲଟ୍ ଭାବେ କାର୍ଯ୍ୟ କରିବେ। ଆଣ୍ଡ୍ରେ ଡଗଲାସ ଓ ଫ୍ରାଙ୍କ ରୁବିଓଙ୍କୁ ଅଭିଯାନ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଛି। ବବ୍ ହାଇଣ୍ଟ୍ସ ବିକଳ୍ପ ସଦସ୍ୟ ଭାବେ ରହିବେ। ନାସା ଫେବୃଆରୀ ମାସରେ ଆର୍ଟେମିସ-୩'ର ରୂପରେଖାରେ ପରିବର୍ତ୍ତନ ଆଣିଥିଲା। ବର୍ତ୍ତମାନ ଏହି ଅଭିଯାନ ଚନ୍ଦ୍ରକୁ ଯିବା ପରିବର୍ତ୍ତେ ପୃଥିବୀଠାରୁ ପ୍ରାୟ ୪୬୦ କିଲୋମିଟର ଉଚ୍ଚତାରେ ଥିବା ନିମ୍ନ କକ୍ଷପଥରେ ରହିବ। ସେଠାରେ ମହାକାଶଯାନଟି ଚନ୍ଦ୍ର ଅବତରଣ ଯାନର ପ୍ରାରମ୍ଭିକ ନମୁନା ସହ ସଂଯୋଗ ସ୍ଥାପନ କରିବ ଏବଂ ବିଭିନ୍ନ ପ୍ରଯୁକ୍ତିର ପରୀକ୍ଷା କରାଯିବ। ଅଭିଯାନ ସମୟରେ ନୂତନ ମହାକାଶ ପୋଷାକ, ଜୀବନରକ୍ଷା ବ୍ୟବସ୍ଥା ଏବଂ ଚନ୍ଦ୍ର ଅବତରଣ ଯାନର ପ୍ରଯୁକ୍ତିଗତ କ୍ଷମତା ଯାଞ୍ଚ କରାଯିବ। ଏହାସହ ପୃଥିବୀର ବାୟୁମଣ୍ଡଳକୁ ଫେରିବା ବେଳେ ଉନ୍ନତ ତାପ ସୁରକ୍ଷା କବଚର ପରୀକ୍ଷା ମଧ୍ୟ କରାଯିବ। ଚନ୍ଦ୍ର ଅବତରଣ ଯୋଜନା ସ୍ଥଗିତ ହେବାର ପ୍ରମୁଖ କାରଣ ହେଉଛି ଚନ୍ଦ୍ର ଅବତରଣ ପାଇଁ ପ୍ରସ୍ତାବିତ ଯାନର ପ୍ରସ୍ତୁତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହେବା। ସେହିପରି କକ୍ଷପଥରେ ଇନ୍ଧନ ଭରଣ ପ୍ରଣାଳୀର ସଫଳ ପରୀକ୍ଷା ମଧ୍ୟ ହୋଇନାହିଁ। ଏହି ସମସ୍ତ ପ୍ରଯୁକ୍ତିଗତ ଚ୍ୟାଲେଞ୍ଜ ଦୂର ହେବା ପରେ ଆର୍ଟେମିସ-୪ ଅଭିଯାନରେ ଚନ୍ଦ୍ରରେ ମଣିଷଙ୍କୁ ଅବତରଣ କରାଇବାକୁ ନାସା ଆଶା ରଖିଛି। ନାସାର ଦୀର୍ଘମିଆଦୀ ଲକ୍ଷ୍ୟ ହେଉଛି ଚନ୍ଦ୍ରରେ ସ୍ଥାୟୀ ମାନବ ବସତି ସ୍ଥାପନ କରିବା। ଏହା ଭବିଷ୍ୟତରେ ମଙ୍ଗଳ ଗ୍ରହ ଅଭିଯାନ ପାଇଁ ଆବଶ୍ୟକ ପ୍ରଯୁକ୍ତି ଓ ଅନୁଭବ ସଂଗ୍ରହରେ ସହାୟକ ହେବ ବୋଲି ବୈଜ୍ଞାନିକମାନେ ମନେ କରୁଛନ୍ତି। ଆର୍ଟେମିସ-୩ ଚନ୍ଦ୍ରରେ ଅବତରଣ ନ କରିଥିଲେ ମଧ୍ୟ ଏହା ଭବିଷ୍ୟତର ଚନ୍ଦ୍ର ଅଭିଯାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ପର୍ବ ଭାବେ ବିବେଚିତ ହେଉଛି। ଏହି ଅଭିଯାନର ସଫଳତା ଆଗାମୀ ଦିନରେ ମଣିଷଙ୍କୁ ପୁଣିଥରେ ଚନ୍ଦ୍ରପୃଷ୍ଠରେ ପହଞ୍ଚାଇବାର ପଥକୁ ଅଧିକ ସୁଗମ କରିବ।

## ଦକ୍ଷିଣ ଆଫ୍ରିକାରେ ଗୁଳିକାଣ୍ଡ; ୧୨ ନିହତ

ଜୋହାନ୍ସବର୍ଗ, ୧୦।୬(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ସହର ନିକଟସ୍ଥ କ୍ଲିଭଲ୍ୟାଣ୍ଡ ଅଞ୍ଚଳର ଏକ ଅସ୍ଥାୟୀ ବସତିରେ ଘଟିଥିବା ଗଣଗୁଳିକାଣ୍ଡରେ ଅତି କମରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ୯ ଜଣ ଆହତ ହୋଇଛନ୍ତି। ପୁଲିସ ଅନୁଯାୟୀ, ଦଶରୁ ଅଧିକ ଦୁର୍ବୃତ୍ତ ଏକ ଧଳା ରଙ୍ଗର ଯାନରେ ଆସି ବସତି ଅଞ୍ଚଳକୁ ବିଭିନ୍ନ ପ୍ରବେଶ ପଥ ଦେଇ ପ୍ରବେଶ କରିଥିଲେ। ପରେ ସେମାନେ ଅଲଗା ଅଲଗା ଦଳରେ ବିଭକ୍ତ ହୋଇ ବିଭିନ୍ନ ସ୍ଥାନରେ ଲୋକମାନଙ୍କ ଉପରେ ଆଖିବୁଜା ଗୁଳିଚାଳନା କରିଥିଲେ। ମଙ୍ଗଳବାର ରାତି ପ୍ରାୟ ସାଢେ ଏଗାରଟା ସମୟରେ ଗୁଳିଚାଳନା ସମ୍ପର୍କରେ ସୂଚନା ପାଇ ଜରୁରୀ ସେବା ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକମାନଙ୍କ ମଧ୍ୟରେ ଆଠ ଜଣ ପୁରୁଷ ଏବଂ ତିନି ଜଣ ମହିଳା ଥିବା ବେଳେ ଆଉ ଜଣେ ଆହତ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଆହତମାନଙ୍କୁ ବିଭିନ୍ନ ଚିକିତ୍ସାଳୟକୁ ପଠାଯାଇଛି। ଏହି ଆକ୍ରମଣ ପଛର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି ଏବଂ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବ୍ୟାପକ ଖୋଜାଖୋଜି ଆରମ୍ଭ କରିଛି।

## ଜାହାଜ ଉପରେ ଆକ୍ରମଣ: ଆମେରିକାକୁ ପ୍ରତିବାଦ ଜଣାଇଲା ଭାରତ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଓମାନ ଉପକୂଳ ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣ ପରେ ୨୪ ଜଣ ଭାରତୀୟ ନାବିକଙ୍କ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୩ ଜଣ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ଭାରତ ସରକାର ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହି ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଭାରତ ସରକାର ଆଜି ଆମେରିକାର ରାଷ୍ଟ୍ରଦୂତଙ୍କୁ ଡାକି ପ୍ରତିବାଦ ଜଣାଇଛନ୍ତି। ଭାରତ କୁହାଯାଇଛି ଯେ ଓମାନ ଉପକୂଳରେ 'ସେଟେବେଲୋ' ନାମକ ଜାହାଜ ଉପରେ ଆମେରିକା ପକ୍ଷରୁ ଆକ୍ରମଣ ଅତ୍ୟନ୍ତ ଚିନ୍ତାଜନକ। ଜାହାଜରେ ଥିବା ୨୪ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୨୧ ଜଣଙ୍କୁ ଉଦ୍ଧାର କରାଯାଇଛି ଏବଂ ୩ ଜଣ ନିଖୋଜ ଅଛନ୍ତି। ଭାରତୀୟ ଦୂତାବାସ ଓମାନ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛି ଏବଂ ଚାଲିଥିବା ତଲାସ ଓ ଉଦ୍ଧାର ଅଭିଯାନ ଉପରେ ନଜର ରଖିଛି।

## ଲଣ୍ଡନ ଆପାର୍ଟମେଣ୍ଟରୁ ଡେଇଁ ଭାରତୀୟ ଦମ୍ପତିଙ୍କ ଆତ୍ମହତ୍ୟା

ଲଣ୍ଡନ, ୧୦।୬(ଏଜେନ୍ସି): ଲଣ୍ଡନର ଏକ ସୁଉଚ୍ଚ ଆପାର୍ଟମେଣ୍ଟର ୩୬ ତଲା ବାଲକୋନିରୁ ଖସି ଜଣେ ଭାରତୀୟ ଦମ୍ପତି ଏବଂ ସେମାନଙ୍କ ୯ ବର୍ଷର ପୁଅଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରାକେଶ ପାଇ (୪୭), ଅଦିତି ପାରଲକର (୪୬) ଏବଂ ସେମାନଙ୍କ ପୁଅ ସିଡ୍। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରାଯାଉଛି। ପୁଅ ସିଡ୍ ଜନ୍ମରୁ ଏକ ଅସାଧ୍ୟ କିଡନୀ ରୋଗରେ ପୀଡ଼ିତ ଥିଲା ଏବଂ ସେ କଥା କହିପାରୁନଥିଲା। ଡାକ୍ତରମାନେ ତାର ଚିକିତ୍ସା ଆଉ ସମ୍ଭବ ନୁହେଁ ବୋଲି କହିବା ପରେ ଦମ୍ପତି ଜଣକ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ ଏବଂ ଏହି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ମୁମ୍ବାଇର ଏହି ଦମ୍ପତି ୨୦୦୦ ମସିହାରେ ଲଣ୍ଡନ ଆସି ସେଠାରେ ଭଲ ଚାକିରି କରୁଥିଲେ। ପୁଅର ଚିକିତ୍ସା ପାଇଁ ସେମାନେ କିଛି ଦିନ ମୁମ୍ବାଇ ମଧ୍ୟ ଫେରିଥିଲେ, କିନ୍ତୁ କୌଣସି ସୁଫଳ ନମିଳିବାରୁ ପୁଣି ୟୁକେ ଫେରିଆସିଥିଲେ। ବର୍ତ୍ତମାନ ବ୍ରିଟିଶ୍ ପୁଲିସ ଏହି ଅପ୍ରତ୍ୟାଶିତ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଚଳାଇଛି।

## କାଶ୍ମୀରରେ ବିସ୍ଫୋରଣ, ୨ ଯବାନ ସହିଦ

ଶ୍ରୀନଗର, ୧୦।୬(ଏଜେନ୍ସି): ଉତ୍ତର କାଶ୍ମୀରର ଉରି ସେକ୍ଟରରେ ଲାଇନ୍ ଅଫ୍ କଣ୍ଟ୍ରୋଲ୍ (ଏଲ୍‌ଓସି) ନିକଟରେ ଘଟିଥିବା ଏକ ଦୁର୍ଘଟଣାଜନିତ ବିସ୍ଫୋରଣରେ ଭାରତୀୟ ସେନାର ଦୁଇ ଜଣ ଯବାନ ଶହୀଦ ହୋଇଛନ୍ତି। ବୁଧବାର ସକାଳେ ସୀମା ନିକଟରେ କୌଣସି କାରଣରୁ ଏକ ହଠାତ୍ ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ଦୁଇ ଜଣ ଯବାନ ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ଯବାନମାନଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ୍‌କୁ ନିଆଯାଇଥିଲା ଏବଂ ପରେ ସେଠାରୁ ଶ୍ରୀନଗରସ୍ଥିତ ସେନାର '୯୨ ବେସ୍ ହସ୍ପିଟାଲ୍'କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେମାନେ ପ୍ରାଣ ହରାଇଥିଲେ। ସେନା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶହୀଦ ହୋଇଥିବା ଦୁଇ ଜଣ ଯବାନ ମହାରାଷ୍ଟ୍ରର ବାସିନ୍ଦା ଅଟନ୍ତି।

# ଆମେରିକା ଆକ୍ରମଣର ଜବାବ ଦେଲା ଇରାନ

ତେହରାନ, ୧୦।୬(ଏଜେନ୍ସି): ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକାର ଏକ ଆପାଚି ହେଲିକପ୍ଟରକୁ ଇରାନ ଅସ୍ତ୍ରଶସ୍ତ୍ର ଦ୍ୱାରା ଖସାଇ ଦେବା ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ଜବାବରେ ଆମେରିକା ସେନା ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିଥିବା ବେଳେ ଏବେ ଇରାନ ମଧ୍ୟ ଓଲଟା ଆକ୍ରମଣ କରି ଆମେରିକାର ସେନାଘାଟି ଏବଂ ଏଫ୍-୩୫ ଯୁଦ୍ଧବିମାନ ରହୁଥିବା ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରିଛି। ଏହି ଘଟଣା ପରେ

### ଟାର୍ଗେଟରେ ଆଶ୍ରୟସ୍ଥଳୀ ଓ ସେନାଘାଟି

ସମଗ୍ର ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଆମେରିକାର ଆକ୍ରମଣ ପରେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି ଏକ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, 'ଆମେରିକା ଆମର ଧୈର୍ଯ୍ୟ ଏବଂ ସଂକଳ୍ପର ପରୀକ୍ଷା ନେବାକୁ ଚେଷ୍ଟା କରିଛି। ଇରାନର ସେନା କୌଣସି ବି ଆକ୍ରମଣ କିମ୍ବା ଧମକର ଜବାବ ନଦେଇ ଛାଡ଼ିବ ନାହିଁ। ଯଦି ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଛ, ତେବେ ଆମ ଅଞ୍ଚଳ ଛାଡ଼ି ପଳାଅ'। ଇରାନର ସେନା ଏବଂ ଇସଲାମିକ ବିପ୍ଳବୀ ସେନାବାହିନୀ (ଆଇଆରଜିସି) ମିଳିତ ଭାବେ ବହାରିନରେ ଥିବା ଆମେରିକାର ନୌସେନା ବାହିନୀ ଉପରେ ଡ୍ରୋନ୍ ସାହାଯ୍ୟରେ ଶକ୍ତିଶାଳୀ ଆକ୍ରମଣ କରିଛନ୍ତି। ଯଦି ଆମେରିକା ନିଜର ଆକ୍ରମଣ ବନ୍ଦ ନକରେ, ତେବେ ଆଗକୁ ଆହୁରି ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇରାନ ଚେତାବନୀ ଦେଇଛି। ଏହି ଆକ୍ରମଣ ପରେ ବହାରିନ ସରକାର



ନିଜ ନାଗରିକମାନଙ୍କୁ ଶାନ୍ତ ରହିବାକୁ ଏବଂ ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରୁଥିବା ସମୟରେ ହିଁ ଆମେରିକା ସେନା ପକ୍ଷରୁ ଇରାନ ଉପରେ ତିନି ପର୍ଯ୍ୟାୟରେ ଆକ୍ରମଣ କରାଯାଇଥିଲା। ସେପଟେ ଆମେରିକା ଦାବି କରିଛି ଯେ, ଆମେରିକା ବାୟୁସେନା ଏବଂ ନୌସେନାର ଯୁଦ୍ଧବିମାନଗୁଡ଼ିକ ଇରାନର ଆକାଶ ମାର୍ଗ ସୁରକ୍ଷା ବ୍ୟବସ୍ଥା, ଯୋଗାଯୋଗ କେନ୍ଦ୍ର ଏବଂ ସତର୍କ ସୂଚନା ଦେଉଥିବା ରାଡାରଗୁଡ଼ିକୁ ସେମାନଙ୍କର ସୂକ୍ଷ୍ମ ଅସ୍ତ୍ରଶସ୍ତ୍ର ଦ୍ୱାରା ଧ୍ୱଂସ କରିଦେଇଛନ୍ତି। ଇରାନର ଗଣମାଧ୍ୟମ ଅନୁଯାୟୀ, ଦକ୍ଷିଣ ଇରାନର ଜାସ୍କ, ସିରିକ୍ ଏବଂ କେଶମ ଦ୍ୱୀପରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ଆମେରିକା ଆକ୍ରମଣରେ ଏକ ଯୋଗାଯୋଗ ଟାୱାର କ୍ଷତିଗ୍ରସ୍ତ ହେବା ସହ ସିରିକ୍ ଅଞ୍ଚଳର ଦୁଇଟି ବଡ଼ ପାଣି ଟାଙ୍କି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଆମେରିକା ସେନାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଇରାନ ବିରୋଧରେ ସେମାନଙ୍କର ଆତ୍ମରକ୍ଷାମୂଳକ ସାମରିକ କାର୍ଯ୍ୟାନୁଷ୍ଠାନ ଏବେ ଶେଷ ହୋଇଛି। ଆମେରିକାର ହେଲିକପ୍ଟରକୁ ଇରାନର ଏକ ଡ୍ରୋନ୍ ଆଘାତ କରି ଖସାଇ ଦେଇଥିବା ତଦନ୍ତରୁ ଜଣାପଡ଼ିବା ପରେ ହିଁ ଏହି ଓଲଟା ଆକ୍ରମଣ କରାଯାଇଥିଲା। ଆମେରିକା ଏହାକୁ ଏକ ଉପଯୁକ୍ତ ଜବାବ ବୋଲି ଦର୍ଶାଇଛି ଏବଂ ଆଗକୁ ଯଦି ଇରାନ କୌଣସି ଅଯଥା ଆକ୍ରମଣ କରେ, ତେବେ ତାହାର ମୁହଁତୋଡ଼ ଜବାବ ଦେବା ପାଇଁ ସେମାନଙ୍କ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି କହିଛି।

## ଆଫଗାନିସ୍ତାନରେ ପାକିସ୍ତାନର ପୁଣି ଆକ୍ରମଣ

### ୧୧ ଶିଶୁଙ୍କ ସେମତ ୨୦ ମୃତ, ୧୪ ଆହତ

କାବୁଲ, ୧୦।୬(ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ବିବାଦ ଆହୁରି ଉଗ୍ର ରୂପ ନେଇଛି। ଆଫଗାନିସ୍ତାନର ତାଲିବାନ



ସରକାର ଅଭିଯୋଗ କରିଛନ୍ତି ଯେ ପାକିସ୍ତାନୀ ସେନା ବିମାନ ଗତ ମଙ୍ଗଳବାର ଏବଂ ବୁଧବାର ସେମାନଙ୍କ ଆକାଶ ସୀମା ଉଲ୍ଲଙ୍ଘନ କରି ଆଫଗାନିସ୍ତାନ ଭିତରେ ବୋମା ବର୍ଷଣ କରିଛି। ଏହି ଆକ୍ରମଣରେ ଅତିକମରେ ୨୦ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ତେବେ ପାକିସ୍ତାନ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍‌ଙ୍କ ଅନୁସାରେ, ପାକିସ୍ତାନୀ ସେନା କୁନାର, ଖୋସ୍ତ ଏବଂ ପାକ୍ତିକା ପ୍ରଦେଶର ସାଧାରଣ ଲୋକଙ୍କ ଘରକୁ ଟାର୍ଗେଟ୍ କରି ଏହି ଆକ୍ରମଣ କରିଛି। ମୃତକଙ୍କ ମଧ୍ୟରେ ୧୧ ଜଣ ଶିଶୁ, ଜଣେ ମହିଳା ଏବଂ ଜଣେ ବୃଦ୍ଧ ଅଛନ୍ତି। ଏହା ସହିତ ୧୪ ଜଣ ମହିଳା ଆହତ ହୋଇଛନ୍ତି। ଗତ ବର୍ଷେ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସବୁଠାରୁ ଖରାପ ସ୍ଥିତିରେ ପହଞ୍ଚିଛି। ଗତ ମାର୍ଚ୍ଚ ମାସରେ ପାକିସ୍ତାନୀ ସେନା କାବୁଲର ଏକ ପୁନରୁଦ୍ଧାର କେନ୍ଦ୍ର ଉପରେ ଆକ୍ରମଣ କରି ୨୬୯ ଜଣଙ୍କୁ ମାରିଦେଇଥିବା ତାଲିବାନ ଦାବି କରିଛି। ଅକ୍ଟୋବର ୨୦୨୫ ରୁ ଏହି ବିବାଦ ଏକ ବଡ଼ ଯୁଦ୍ଧର ରୂପ ନେଇଛି, ଯେଉଁଥିପାଇଁ ହଜାର ହଜାର ଆଫଗାନ ନାଗରିକ ନିଜ ଘର ଛାଡ଼ି ପଳାଇଛନ୍ତି। ପାକିସ୍ତାନର କହିବା କଥା ହେଉଛି, ତାଲିବାନ ନିଜ ମାଟିରେ 'ତେହରିକ-ଇ-ତାଲିବାନ ପାକିସ୍ତାନ' (ଟିଟିପି) ଏବଂ 'ବେଲୁଚିସ୍ତାନ ଲିବରେସନ ଆର୍ମି' (ବିଏଲ୍‌ଏ) ଭଳି ଆତଙ୍କବାଦୀ ସଂଗଠନକୁ ଆଶ୍ରୟ ଦେଉଛି, ଯେଉଁମାନେ ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି। ଅନ୍ୟପଟେ ତାଲିବାନ ଏହି ଅଭିଯୋଗକୁ ଅସ୍ୱୀକାର କରିଛି। କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ପାକିସ୍ତାନକୁ ତାଲିବାନର ସବୁଠାରୁ ବଡ଼ ସମର୍ଥକ ବୋଲି କୁହାଯାଉଥିଲା। କିନ୍ତୁ ୨୦୨୧ରେ ତାଲିବାନ ଆଫଗାନିସ୍ତାନର ଶାସନ ଗ୍ରହଣ କରିବା ପରଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ବିଗିଡ଼ି ଯାଇଛି। ଗତ ବର୍ଷ ଅକ୍ଟୋବରଠାରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ମଧ୍ୟ ବନ୍ଦ ରହିଛି।

## ଅପହରଣର ମାସେ ପରେ ୬ ନାଗା ବନ୍ଧକଙ୍କ ମୃତଦେହ ମିଳିଲା

ଇମ୍ଫାଲ, ୧୦।୬(ଏଜେନ୍ସି): ହିଂସା ଜର୍ଜରିତ ମଣିପୁରରେ ମେ' ୧୩ ତାରିଖରେ ଅପହୃତ ହୋଇଥିବା ୬ ଜଣ ନାଗା ବନ୍ଧକଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। କାଙ୍ଗପୋକପି ଜିଲ୍ଲାର ଖାରାମ ୱାଇଫେଇ ଗାଁ ନିକଟରୁ ଏହି ମୃତଦେହଗୁଡ଼ିକ ମିଳିଥିବା ନେଇ ମଣିପୁର ପୁଲିସ ସୂଚନା ଦେଇଛି। ପୁଲିସ କହିଛି ଯେ ପ୍ରାୟ ୨୪ ଘଣ୍ଟା ଧରି ଚାଲିଥିବା ବ୍ୟାପକ ତଲାସି ଅଭିଯାନ ପରେ ମୃତଦେହଗୁଡ଼ିକ ଠାବ କରାଯାଇଥିଲା। ଏହି ଅଭିଯାନରେ ମଣିପୁର ପୁଲିସ, କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ଏବଂ ଆସାମ ରାଇଫଲ୍ସର ପ୍ରାୟ ୪୫୦ ଜଣ ଯବାନ ସାମିଲ ଥିଲେ। ସନ୍ଧାନୀ କୁକୁର ଓ ଫରେନସିକ୍ ବିଶେଷଜ୍ଞ ଦଳ ମଧ୍ୟ ଅଭିଯାନରେ ସହଯୋଗ କରିଥିଲେ। ସୂଚନା ଅନୁସାରେ, କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ହିଂସା ସମୟରେ ଲେଇଲୋନ ୱାଇଫେଇ ଅଞ୍ଚଳରୁ ଏହି ୬ ଜଣଙ୍କୁ ବନ୍ଧକ କରାଯାଇଥିଲା। ତିନିଜଣ କୁକି ଚର୍ଚ୍ଚ ନେତାଙ୍କ ହତ୍ୟା ଓ ଅନ୍ୟ ପାଞ୍ଚଜଣଙ୍କ ଆହତ ଘଟଣା ପରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଏହାର ଗୋଟିଏ ଦିନ ପୂର୍ବରୁ ୧୪ ଜଣ କୁକି ବନ୍ଧକଙ୍କୁ ମୁକ୍ତ କରାଯାଇଥିବା ନେଇ ଯୁକ୍ତ ନାଗା ପରିଷଦ ସୂଚନା ଦେଇଥିଲା। ଏହା

### ମଣିପୁରରେ ଉତ୍ତେଜନା

ପରେ ୬ ଜଣ ନାଗା ବନ୍ଧକଙ୍କ ମୃତଦେହ ଉଦ୍ଧାର ଘଟଣା ଅଞ୍ଚଳରେ ନୂଆ ଚିନ୍ତା ସୃଷ୍ଟି କରିଛି। ସରକାରୀ ସୂତ୍ର ଅନୁଯାୟୀ, ମୃତଦେହଗୁଡ଼ିକର ଶବବ୍ୟବଚ୍ଛେଦ ଇମ୍ଫାଲସ୍ଥିତ ଆଞ୍ଚଳିକ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନରେ କରାଯିବ। ପରେ ସେଗୁଡ଼ିକ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ମଣିପୁରରେ ଦୀର୍ଘଦିନ ଧରି ଚାଲିଥିବା ସାମ୍ପ୍ରଦାୟିକ ହିଂସା ଓ ବନ୍ଧକ ସଙ୍କଟ ରାଜ୍ୟର ଶାନ୍ତି ଓ ସୁରକ୍ଷା ପାଇଁ ବଡ଼ ଆହ୍ୱାନ ପାଲଟିଛି। ସରକାର ସ୍ଥିତି ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

## ବିଦ୍ରୋହୀ ଶିବିରରେ ୟୁସୁଫ, ସାୟୋନି, ଶତ୍ରୁଘ୍ନ

କୋଲକାତା, ୧୦।୬(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରେ ବଡ଼ ଧରଣର ବିଦ୍ରୋହ ସୃଷ୍ଟି ହୋଇଛି। ଦଳର ୧୯ ଜଣ ଲୋକସଭା ସାଂସଦ ଅଲଗା ଗୋଷ୍ଠୀ ଗଠନ କରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ସମର୍ଥନ ଜଣାଇବା ପାଇଁ ଆଗକୁ ଆସିଥିବା ଖବର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଲୋକସଭା ସାଂସଦ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଏହି ବିଦ୍ରୋହୀ ଗୋଷ୍ଠୀ ଗଠିତ ହୋଇଛି। ଦଳର କିଛି ପ୍ରମୁଖ ଚେହେରା ମଧ୍ୟ ଏଥିରେ ସାମିଲ ଥିବା ଜଣାପଡ଼ିଛି। ବିଦ୍ରୋହୀ ଶିବିରରେ ଥିବା ସାଂସଦମାନେ ହେଲେ: କାକୋଲି ଘୋଷ ଦସ୍ତିଦାର, ସାୟୋନୀ ଘୋଷ, ଶତ୍ରୁଘ୍ନ ସିହ୍ନା, ୟୁସୁଫ ପଠାନ, ଜଗଦୀଶ ଚନ୍ଦ୍ର ବାସୁନିଆ, ରଚନା ବାନାର୍ଜୀ, ମାଲା ରାୟ, ଶତାବ୍ଦୀ ରାୟ, ଆବୁ ତାହିର ଖାନ, ଜୁନ୍ ମାଲିଆ, ଅସିତ କୁମାର ମଲ, ଖଲିଲୁର ରହମାନ, ବାପି ହାଲଦାର, ପାର୍ଥ ଭୌମିକ, ମିତାଲି ବାଗ, କାଳୀପଦ ସୋରେନ, ଅରୂପ ଚକ୍ରବର୍ତ୍ତୀ, ଦୀପକ ଅଧିକାରୀ (ଦେବ) ଓ ଶର୍ମିଳା ସରକାର। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ଦଳର ଏତେ



ଟିଏମସି ଛାଡ଼ିଲେ ରାଜ୍ୟସଭା ସାଂସଦ ସୁସ୍ମିତା ଦେବ

ସଂଖ୍ୟକ ସାଂସଦଙ୍କ ବିଦ୍ରୋହ ତୃଣମୂଳ କଂଗ୍ରେସ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷ କରି ସାୟୋନୀ ଘୋଷ, ୟୁସୁଫ ପଠାନ ଏବଂ ଶତ୍ରୁଘ୍ନ ସିହ୍ନାଙ୍କ ଭଳି ଚର୍ଚ୍ଚିତ ନେତାଙ୍କ ନାମ ସାମ୍ନାକୁ ଆସିବା ଦଳକୁ ଅଧିକ ଅସୁବିଧାରେ ପକାଇପାରେ। ତୃଣମୂଳ କଂଗ୍ରେସ ଗଠନ ପରଠାରୁ ଏହାକୁ ସବୁଠାରୁ ବଡ଼ ରାଜନୈତିକ ସଙ୍କଟ ବୋଲି କୁହାଯାଉଛି। ବିଦ୍ରୋହୀ ସାଂସଦମାନଙ୍କ ପରବର୍ତ୍ତୀ ପଦକ୍ଷେପ ଏବଂ ମମତା ବାନାର୍ଜୀଙ୍କ ପ୍ରତିକ୍ରିୟା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଇତିମଧ୍ୟରେ ଟିଏମସିର ଜଣେ ପ୍ରମୁଖ ନେତ୍ରୀ ତଥା ରାଜ୍ୟସଭା ସଦସ୍ୟା ସୁସ୍ମିତା ଦେବ ଦଳର ସମସ୍ତ ପଦବୀ ଏବଂ ସଂସଦ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଚଳିତ ସପ୍ତାହରେ ସେ ହେଉଛନ୍ତି ଦ୍ୱିତୀୟ ସାଂସଦ ଯିଏ ଦଳ ଛାଡ଼ିଛନ୍ତି। ଏହି ଇସ୍ତଫାର କିଛି ସମୟ ପରେ ସେ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଭେଟିଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ଏବେ ରାଜନୀତି ଜୋର ଧରିଛି। ସେ କହିଛନ୍ତି ଯେ, 'ମୁଁ କାହିଁକି ଏହି ନିଷ୍ପତ୍ତି ନେଲି, ତାହା ଏକ ବହୁତ ଲମ୍ବା କାହାଣୀ। ରାଜନୀତିରେ ସବୁକଥା ସାର୍ବଜନୀନ କରାଯାଏ ନାହିଁ। ସେ ବର୍ତ୍ତମାନ କୌଣସି ଦଳରେ ନାହାନ୍ତି ଏବଂ କିଛି ଦିନ ରାଜନୀତିରୁ ବିରତି ନେବେ। ସୁସ୍ମିତା ଦେବ ହେଉଛନ୍ତି ଆସାମ କଂଗ୍ରେସର ପ୍ରଭାବଶାଳୀ ନେତା ସନ୍ତୋଷ ମୋହନ ଦେବଙ୍କ ଝିଅ। ସେ ପୂର୍ବରୁ କଂ।ଗ୍ରେସର ସାଂସଦ ଥିଲେ ଏବଂ କଂଗ୍ରେସର ମହିଳା ସଂଗଠନର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ।

## କାନାଡାରେ ଭାରତୀୟ ବଂଶୋଦ୍ଭବ ପୁଲିସ ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା

ଅଟ୍ଟାୱା, ୧୦।୬(ଏଜେନ୍ସି): କାନାଡାର ଓଣ୍ଟାରିଓ ପ୍ରଦେଶରେ କାର୍ଯ୍ୟରତ ଜଣେ ୨୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ପୁଲିସ କନଷ୍ଟେବଲ ତରୁଣ ବାଲିଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଛି। ଏହି ଘଟଣାରେ ପୁଲିସ ଜଣେ ୧୮ ବର୍ଷୀୟ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ଯୁବକ ଜଣକ ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଯାଞ୍ଚ ପାଇଁ ଏକ ମେଡିକାଲରେ ଭର୍ତ୍ତି ହୋଇଥିଲେ, ଯେଉଁଠାରୁ ସେ ଫେରାର ହୋଇଯାଇଥିଲେ। ପୁଲିସ ତାଙ୍କୁ ଧରିବାକୁ ଚେଷ୍ଟା କରୁଥିବା ସମୟରେ, ସେ ନିଜ ଗାଡ଼ି ସାହାଯ୍ୟରେ ଡ୍ୟୁଟିରେ ଥିବା ଅଫିସର ତରୁଣ ବାଲିଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତରୁଣଙ୍କର ମୃତ୍ୟୁ ହୋଇଛି। ଓଣ୍ଟାରିଓ ପୁଲିସ ଅଭିଯୁକ୍ତ ଯୁବକ ବିରୋଧରେ ପ୍ରଥମ ଶ୍ରେଣୀ ହତ୍ୟା ଏବଂ ବିପଜ୍ଜନକ ଭାବେ ଗାଡ଼ି ଚଲାଇବା ଅଭିଯୋଗରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ମୃତ ତରୁଣ ବାଲି ଓଣ୍ଟାରିଓ ପୁଲିସର ଡଫେରିନ୍ ବିଭାଗରେ କାର୍ଯ୍ୟ କରୁଥିଲେ।



୧୨ ବର୍ଷ ଶାସନର ପୂର୍ତ୍ତି ଅବସରରେ ନୂଆଦିଲ୍ଲୀରେ ବିଜେପି ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବରିଷ୍ଠ ନେତୃବୃନ୍ଦ

# ଆଗକୁ ବଢୁନି ମୌସୁମୀ

■ ସାରା ରାଜ୍ୟରେ ଜାରି ରହିଛି ଭୀଷଣ ତାତି ଓ ଗୁଳୁଗୁଳି
■ ପର୍ଯ୍ୟାୟ କ୍ରମେ ଓଡ଼ିଶାକୁ ପ୍ରବେଶ କରିବ ମୌସୁମୀ

ଭୁବନେଶ୍ୱର,୧୦।୬(ସମିସ): ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ଯଦିଓ ଖରାର ପ୍ରଭାବ ସାମାନ୍ୟ କମିଛି, ମାତ୍ର ସକାଳୁ ଗୁଳୁଗୁଳି ଆରମ୍ଭ ହୋଇଯାଉଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଆର୍ଦ୍ରତା ପରିମାଣ ଅଧିକ ରହୁଥିବା ହେତୁ ଏଠାରେ ଲୋକେ ସବୁଠୁ ଅଧିକ କଷ୍ଟ ଭୋଗୁଛନ୍ତି। ଅନ୍ୟପଟେ ମୌସୁମୀ କେରଳ ଛୁଇଁବା ପରେ ଓ ଓଡ଼ିଶାକୁ ଆଗମନ ପୂର୍ବରୁ ସାଧାରଣତଃ ଉତ୍ତର ବଙ୍ଗୋପସାଗରରେ କୌଣସି ଲଘୁଚାପ ସୃଷ୍ଟି ହେଲେ ଏହାକୁ ଓଡ଼ିଶାକୁ ଭିଡ଼ି ଆଣିଥାଏ। ହେଲେ ଚଳିତ ବର୍ଷ ସୁସଂଗଠିତ ଲଘୁଚାପ କିମ୍ବା ଅବପାତର ଅଭାବ ହେତୁ ମୌସୁମୀ ଆଗକୁ ବଢ଼ିବାରେ ଅନୁକୂଳ ପାଗ ସୃଷ୍ଟି ହୋଇପାରୁ ନାହିଁ। ହେଲେ ବଙ୍ଗୋପସାଗରରେ ଜଳୀୟବାଷ୍ପ ବ୍ୟାପକ ଅଞ୍ଚଳରେ ବିକ୍ଷିପ୍ତ ହୋଇ ରହିଥିବାରୁ ମୌସୁମୀ ପର୍ଯ୍ୟାୟକ୍ରମେ ଆଗକୁ ବଢୁଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବିଗତ କିଛି ଦିନ ହେବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବଙ୍ଗୋପସାଗରରେ ଧୀରେ ଧୀରେ ଆଗକୁ ବଢୁଛି। ତେବେ ମୌସୁମୀର ଗତିକୁ ଅତି ଦ୍ରୁତ କରିବା ଭଳି କୌଣସି ଶକ୍ତିଶାଳୀ ଲଘୁଚାପ କ୍ଷେତ୍ର କିମ୍ବା ଅବପାତ ଏପର୍ଯ୍ୟନ୍ତ ବଙ୍ଗୋପସାଗରରେ ସୃଷ୍ଟି ହୋଇନାହିଁ କିମ୍ବା ନିକଟରେ ସୃଷ୍ଟି ହେବାର ସଙ୍କେତ ମିଳୁନାହିଁ। ଫଳସ୍ୱରୂପ, ଓଡ଼ିଶାରେ ମୌସୁମୀ ଏକାସଙ୍ଗେ ସମଗ୍ର ରାଜ୍ୟକୁ ନଛୁଇଁ ପର୍ଯ୍ୟାୟକ୍ରମେ ଧୀରେ ଧୀରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଅର୍ଥାତ ୧୩-୧୫ ତାରିଖ ମଧ୍ୟରେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାକୁ ମୌସୁମୀ ଆଗମନ ହୋଇପାରେ। ଏହି କ୍ରମରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାକୁ ମୌସୁମୀ ଛୁଇଁପାରେ। ଏମାନଙ୍କ ମଧ୍ୟରୁ ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲା ଦେଇ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବାର ସବୁଠାରୁ ଅଧିକ ସମ୍ଭାବନା ଅଛି। ଏହି ସମୟ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳରୁ ଆଦ୍ରତା ଉପରକୁ ଆସୁଥିବାରୁ ଦକ୍ଷିଣ ଓଡ଼ିଶାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ ମଧ୍ୟ ମୌସୁମୀ ପ୍ରବେଶ କରିବ। ମୌସୁମୀ ଛୁଇଁବା ପୂର୍ବରୁ ଏହି ସବୁ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି, ମେଘୁଆ ପାଗ ଏବଂ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ହେଉଥିଲା ଏବଂ ତାପମାତ୍ରା ଧୀରେ ଧୀରେ କମିବାର ସମ୍ଭାବନା ରହିଛି।

୧୪-୧୭ ମଧ୍ୟରେ ମୌସୁମୀ ପାଗ ଧୀରେ ଧୀରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାକୁ ସମ୍ପ୍ରସାରିତ ହେବ। ମୌସୁମୀ ପ୍ରବେଶ କରିବା ପୂର୍ବରୁ ଏଠାରେ ମଝିରେ ମଝିରେ ଗ୍ରୀଷ୍ମ ପ୍ରବାହ ବଢୁଥିବା ଆର୍ଦ୍ରତା ଏବଂ ଅପରାହ୍ଣ କିମ୍ବା ସନ୍ଧ୍ୟା ସମୟରେ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ଜାରି ରହିବ। ୧୫-୧୯ ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲାରେ ମୌସୁମୀ ଆଗମନ ହୋଇପାରେ। ଏହି ଜିଲ୍ଲାଗୁଡ଼ିକୁ ଶେଷ ପର୍ଯ୍ୟାୟରେ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

# ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ପୁରୁଷ ବନ୍ଧୁ ଭୀମସେନ

କଟକ,୧୦।୬(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା ଉପରୁ ଏପର୍ଯ୍ୟନ୍ତ ପରଦା ହଟି ନଥିବା ବେଳେ ଏହି ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ବାରଙ୍ଗ ଥାନାରେ ରୁଜୁ ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ତଥା ଓଏଏସ ଅଧିକାରୀ ଭୀମସେନ ପ୍ରସାଦ ଟୁଡୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଭୀମସେନଙ୍କୁ ଗିରଫ କରିବା ପାଇଁ ପୂର୍ବରୁ ପୁଲିସ ୩ଟି ଟିମ ଗଠନ କରିଥିବା କହିଥିବା ବେଳେ ତାଙ୍କୁ ଅଦ୍ୟାବଧି ଗିରଫ କରାଯାଇପାରିନାହିଁ।

ଅନ୍ୟପକ୍ଷରେ ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଭୀମସେନଙ୍କ ସହ ଥିବା ସମ୍ପର୍କ ଓ ମାନସିକ ଚାପ ଯୋଗୁଁ ଚନ୍ଦ୍ରିକା ଆତ୍ମହତ୍ୟା କରିଥିଲେ। ଏହି ଅଭିଯୋଗ ପରଠାରୁ ଭୀମସେନ ଫେରାର ଥିବା କୁହାଯାଇଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ ଏବେ ବି ଅନେକ ପ୍ରଶ୍ନ ଉଠୁଛି। ଲାପଟପ୍ ଓ ଟାବଲେଟ୍‌ରୁ ମିଳୁଥିବା ତଥ୍ୟ ହିଁ ଚନ୍ଦ୍ରିକା ମୃତ୍ୟୁ ମାମଲାର ଅସଲ ସତ୍ୟ ସାମ୍ନାକୁ ଆଣିବ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶଥାଉକି, କାଠଯୋଡି ନଦୀ କୂଳ ତ୍ରିଶୁଳିଆ ନେତାଜୀ ସେତୁ ତଳୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅଧ୍ୟୟନ କରୁଥିବା ମୟୂରଭଞ୍ଜ ଅଞ୍ଚଳର ୨୮ ବର୍ଷୀୟା ଏମବିବିଏସ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# ଡିଏଲ୍‌ଆର୍, ୱାର୍କଚାର୍ଜ କର୍ମଚାରୀ ପାଇବେ ପେନ୍‌ସନ

କଟକ,୧୦।୬(ସମିସ): ଡିଏଲଆର କର୍ମଚାରୀ ଭାବେ ସରକାରଙ୍କ ବିଭିନ୍ନ ବିଭାଗରେ କାମ କରିବା ପରେ ୱାର୍କଚାର୍ଜ କର୍ମଚାରୀ ଓ ଶେଷରେ ନିୟମିତ ହୋଇଥିବା କର୍ମଚାରୀଙ୍କୁ ମିଳିବ ପେନସନ ଓ ଅବସରକାଳୀନ ପ୍ରାପ୍ୟ। ଏହି ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ଦାବିକୁ ସରକାର ଖାରଜ କରି ପ୍ରଦାନ କରିଥିବା ଗତ ୨୦୨୫ ମେ୨୧ରେ ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ତିନି ମାସ ଭିତରେ ଆବେଦନକାରୀଙ୍କୁ

■ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ଖାରଜ
■ ଉପକୃତ ହେବେ ୫୦ ହଜାର ଅବସରପ୍ରାପ୍ତ କର୍ମଚାରୀ

ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆଲୋକଚନ୍ଦ୍ର ଦାସ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରାୟ ପରେ ଡିଏଲଆର, ୱାର୍କଚାର୍ଜ କର୍ମଚାରୀ ଭାବେ ଦୀର୍ଘ ବର୍ଷ ଚାକିରି କରି ଅବସରର ମାତ୍ର କିଛି ବର୍ଷ ପୂର୍ବରୁ ନିୟମିତ ହୋଇଥିବା ପ୍ରାୟ ୫୦ ହଜାରରୁ ଅଧିକ ବ୍ୟକ୍ତିଙ୍କ ପାଇଁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପାଇବା ପାଇଁ ବାଟ ଫିଟିଛି। ପ୍ରକାଶଥାଉକି, ନିୟମିତ କର୍ମଚାରୀ ଭାବେ ୧୦ ବର୍ଷ କାର୍ଯ୍ୟ କରି ନ ଥିବାରୁ ୧୯୯୨ର ନିୟମାବଳୀ ଅନୁସାରେ ଏହି ଅବସରପ୍ରାପ୍ତ କର୍ମଚାରୀ ମାନେ ପେନସନ ପାଇବାକୁ ଅଯୋଗ୍ୟ ବୋଲି ଦର୍ଶାଇ ସେମାନଙ୍କ ଦରଖାସ୍ତକୁ ୨୦୨୫, ମେ ୨୧ରେ ରାଜ୍ୟ ସରକାର ଖାରଜ କରିଥିଲେ। ଡିଏଲଆର, ୱାର୍କଚାର୍ଜ ଓ ନିୟମିତ କର୍ମଚାରୀ ଭାବେ ଦୀର୍ଘ ବର୍ଷ ସରକାରଙ୍କ ଅଧୀନ?ରେ କାର୍ଯ୍ୟକରି ଅବସର ନେଇଥିବାରୁ ତଥା ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ପୂର୍ବ ରାୟ ଅନୁସାରେ ଆବେଦନକାରୀ ପେନସନ ଓ ଅନ୍ୟ ଅବସରକାଳୀନ ସୁବିଧା ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୯୮୩ରୁ ୧୯୮୫ ମଧ୍ୟରେ ପୂର୍ତ୍ତ ବିଭାଗରେ ଡିଏଲଆର ଭାବେ ଆବେଦନକାରୀ ମାନେ ଡିଏଲଆର ଭାବେ ଯୋଗ ଦେଇ ୨୦୧୧ରୁ ୱାର୍କଚାର୍ଜ ହୋଇଥିଲେ। ସେହିଭଳି ୨୦୧୮ ପରେ ସେମାନଙ୍କ ଚାକିରି ନିୟମିତ କରାଯାଇଥିଲା ବେଳେ ଏମାନେ ୨୦୨୪-୨୫ରେ ଚାକିରିରୁ ଅବସର ନେଇଥିଲେ। ତିନି ଦଶନ୍ଧି ଧରି କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ପେନସନ ନମିଳିବାରୁ କେତେକ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ତନ୍ମୟ ମିଶ୍ର ସହାୟତା କରୁଥିଲେ।

ସାମ୍ନାକୁ ଆସିଲା କନଷ୍ଟେବଲ ସୌମ୍ୟଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ

# ମୃତ ଶରୀରରେ ୨୧ ବାହ୍ୟ ଆଘାତ

ଭୁବନେଶ୍ୱର ୧୦।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲର ଶବ ବ୍ୟବଚ୍ଛେଦ ରିପୋର୍ଟ ସାମ୍ନାକୁ ଆସିଛି। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ସୌମ୍ୟଙ୍କୁ କଠିନ ଓ ଭାରୀ ବସ୍ତୁରେ ବହୁବାର ଆକ୍ରମଣ କରାଯାଇଛି। ଶରୀର ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ଆଘାତ ଦ୍ୱାରା ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ଶରୀରରେ ୨୧ ସ୍ଥାନରେ ବାହ୍ୟ ଆଘାତ ସହ ଆଭ୍ୟନ୍ତରୀଣ ଆଘାତ ଲାଗିଛି । ଫଳରେ ତାଙ୍କର ଫୁସଫୁସ୍ ସଂକୁଚିତ ହୋଇ ଏଥିରେ ରକ୍ତ ଜମାଟ ବାନ୍ଧିଛି। ସେହିପରି ଆଘାତ ଯୋଗୁଁ ହୃତପିଣ୍ଡର ଉଭୟ ଭାଗରେ ଫ୍ଲୁଇଡ୍ ବ୍ଲଡ୍ ମିଳିଛି। ମୃତ୍ୟୁ ପୂର୍ବରୁ ସୌମ୍ୟ ଅଣନିଶ୍ୱାସୀ ହୋଇଯାଇଥିଲେ, ଏବଂ ଅତ୍ୟଧିକ କଷ୍ଟ ଯୋଗୁଁ ସେ ମୃତ୍ୟୁବରଣ କରିଥିବା କୁହାଯାଇଛି ।

## ଆକ୍ରମଣ ଅତ୍ୟନ୍ତ ଭୟଙ୍କର ଓ ବୀଭତ୍ସ

ପିଜିମର୍ କ୍ୟାପିଟାଲ ହସ୍ପିଟାଲର ଫୋରେନ୍ସିକ୍ ମେଡିସିନ୍ ବିଭାଗ ଦ୍ୱାରା ଜାରି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ ସୌମ୍ୟଙ୍କ ମୃତ୍ୟୁ କଠିନ ଓ ଭାରୀ ବସ୍ତୁର ମାଡ଼ ଯୋଗୁଁ ହୋଇଛି। ମୁଣ୍ଡ ଓ ମସ୍ତିଷ୍କରେ ଗୁରୁତର ଆଘାତ ହିଁ ମୃତ୍ୟୁର ମୁଖ୍ୟ କାରଣ । ମୃତକଙ୍କ ଶରୀରରେ ୨୧ଟି ବାହ୍ୟ ଆଘାତ ଚିହ୍ନ ମିଳିଛି। ଡାହାଣ ଆଖି ଭ୍ରୂଲତା, ନାକ, ଥୋଡ଼ି, ମୁଣ୍ଡର ଡାହାଣ ପାର୍ଶ୍ୱର, ବାମ କାନ୍ଧ, ପିଠି, ହାତ ଓ ଗୋଡ଼ରେ ବିଭିନ୍ନ ଆକାରର କଳା ଦାଗ ରହିଛି। ଡାହାଣ ହାତ, ବାମ ହାତରେ ଘୋଷଡ଼ା କ୍ଷତ ଚିହ୍ନ ରହିଛି। ପୁନଶ୍ଚ ଶରୀରର ଅଭ୍ୟନ୍ତରର ଅର୍ଥାତ୍ ମୁଣ୍ଡର ଚର୍ମ ଓ ଖପୁରୀ ତଳେ ରକ୍ତ ଜମାଟ ବାନ୍ଧିଥିଲା। ମସ୍ତିଷ୍କର ସମ୍ମୁଖ, ପାର୍ଶ୍ୱ ପଶ୍ଚାତ ଭାଗରେ ରକ୍ତସ୍ରାବ ହୋଇଥିଲା। ଡାହାଣ ସେରେବ୍ରାଲ ହେମିସ୍ଫିୟରର ଲୋବ୍‌ରେ ଅତ୍ୟଧିକ ରକ୍ତ ବାହାରି ଆଖପାଖ ଟିସୁକୁ ମାଡି ଯାଇଥିଲା। ଫୁସଫୁସରେ ତରଳ ରକ୍ତ ରହିଥିଲା ଓ ହୃତପିଣ୍ଡର ଉଭୟ କୋଠରୁ ରକ୍ତପୂର୍ଣ୍ଣ ରହିଥିଲା।

ସେହିପରି ନିଶା ଦ୍ରବ୍ୟ ସେବନ ଜାଣିବା ପାଇଁ ଭିସେରା, ରକ୍ତ, ପରିସ୍ରା ନମୁନା, ନଖ , ମୁଣ୍ଡ ବାଳ ଓ ରକ୍ତ ଭିଜା ଗଜ୍ ସଂଗ୍ରହ କରି ପୁଲିସକୁ ହସ୍ତାନ୍ତର



କରାଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୁଲିସ ଅନୁରୋଧ କ୍ରମେ ପୋଷ୍ଟମର୍ଟମର ଭିଡିଓଗ୍ରାଫି କରାଯାଇଛି। ମେ' ୮ ରେ ପିଜିଆଇଏମ୍ଇଆର୍ ଏଫ୍ଏମ୍‌ଟି ବିଭାଗର ବରିଷ୍ଠ ରେସିଡେଣ୍ଟ ଡା. ଲକ୍ଷ୍ମୀକାନ୍ତ ମେହେର, ସହକାରୀ ପ୍ରଫେସର ଡା. ପ୍ରଜ୍ଞାପ୍ରମିତା ମିଶ୍ର ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟଙ୍କ ବ୍ୟବଚ୍ଛେଦ କରିଥିଲେ। ମୂଳ ରିପୋର୍ଟ କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଥିବାବେଳେ ଏହାର ନକଲ ପୁଲିସକୁ ହସ୍ତାନ୍ତର କରାଯାଇଛି। ତେବେ ଭିସେରା ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ।

■ କନ୍ୟା ଦେଖିବାକୁ ଯାଇ ଚାଲିଗଲା ଜୀବନ

# ଯୁବକକୁ ଦଳିଦେଲା ହାତୀ

ଦେବଗଡ଼,୧୦।୬(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବନାଞ୍ଚଳ କୁଣ୍ଡେଇଗୋଲା ଫରେଷ୍ଟ ସେକ୍ସନ ସଂଘାପଶି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। କନ୍ୟା ଦେଖିବାକୁ ଆସିଥିବାବେଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଅନୁଗୋଳ ଜିଲ୍ଲା ଜଗନ୍ନାଥପୁର ଗ୍ରାମର ସୁଶାନ୍ତ ନାୟକ। ପ୍ରକାଶ ଯେ, ସୁଶାନ୍ତ ଅନ୍ୟ ୪ ଜଣ ବନ୍ଧୁ ଓ ସମ୍ପର୍କୀୟଙ୍କ ସହିତ ଉକ୍ତ ଗ୍ରାମର ପୋଲସ୍ତି ମାଝୀଙ୍କ ଘରକୁ କନ୍ୟା ଦେଖିବାକୁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ଝିଅ ଦେଖିସାରି ସୁଶାନ୍ତ ଦୁଇ


ମୃତଦେହକୁ ଜଗି ରହିଛନ୍ତି ହାତୀପଲ

ଜଣ ବନ୍ଧୁଙ୍କୁ ଧରି କାର୍ ବୁଲାଇବାକୁ ହରିଜନ ସାହିକୁ ଯାଉଥିବାବେଳେ ବାଟରେ ହଠାତ କାର ସାମ୍ନାକୁ ହାତୀ ଆସିଯାଇଥିଲା। ଭୟଭୀତ ସୁଶାନ୍ତ କାର୍‌ରୁ ଓହ୍ଲାଇ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ସୁଶାନ୍ତଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ଲେଖାଯିବା ସୁଦ୍ଧା ମୃତଦେହ ନିକଟରେ ୧୮ ଟିକିଆ ହାତୀପଲ ଜଗି ରହିଥିବା ସୂଚନା ମିଳିଛି। ଉକ୍ତ ଗ୍ରାମରେ କିଛିଦିନ ମଧ୍ୟରେ ହାତୀ ଆକ୍ରମଣରେ ୫ ଜଣଙ୍କର ଜୀବନ ଗଲାଣି। ସୁଶାନ୍ତଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଛି।






# ସୀମା ଲଂଘୁଛି ପୁଲିସର ବର୍ବରତା

ସହଯୋଗ ପରିବର୍ତ୍ତେ ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ଦୁର୍ବ୍ୟବହାର

ବାଲେଶ୍ୱର, ୧୦।୬ (ସମିସ): ସୀମା ଟପିଲା ପୁଲିସର ବର୍ବରତା। ଜାତୀୟ ରାଜପଥରେ କୁକୁଡ଼ା ବୋଝେଇ ଗାଡ଼ିରୁ ଚାନ୍ଦା ବଟି ନେବା ପାଇଁ ଗୋଡ଼ାଉଥିବା ପୁଲିସ ଗାଡ଼ି ଧକ୍କାରେ ଅନ୍ୟ ଜଣେ କାର୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ସେତିକିରେ ବାଦ୍ ପଡ଼ିନି ପୁଲିସର ଅମାନବୀୟ କାର୍ଯ୍ୟ। ଦୁର୍ଘଟଣା ପରେ ଗୁରୁତର ଆହତ ଥିବା ଯୁବକ ଦୀର୍ଘ ସମୟ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ପୁଲିସ ଗାଡ଼ିରେ ଗୁରୁତର ଯୁବକଙ୍କୁ ମେଡିକାଲରେ ପହଁଚାଇବା ପାଇଁ ଆକୁଳ ନିବେଦନ କରିଥିଲେ କାର୍ ଡ୍ରାଇଭର। ହେଲେ ହାଇୱେ ପାଟ୍ରୋଲିଂ ପୁଲିସ ସହଯୋଗ ପରିବର୍ତ୍ତେ ଦୁର୍ବ୍ୟବହାର ସହ ମାଡ଼ ମାରିବାକୁ ପଛାଇ ନଥିଲା। ଏମିତି କି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସାହାଯ୍ୟ ମାଗୁଥିବା ବ୍ୟକ୍ତିଙ୍କ ପରିବାରକୁ ଆକ୍ଷେପକରି ଥାନା ଗାଡ଼ିରେ ବସାଇ ମାମଲାର ଧମକ ଦେଇଥିଲା ପୁଲିସ। ଏମିତି ଏକ ଘଟଣା ବାଲେଶ୍ୱର ଜିଲ୍ଲା ସୀମାନ୍ତ ଭଦ୍ରକ ଜିଲ୍ଲା ପ୍ରାରମ୍ଭ ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଇତାପୁର ନିକଟ ବ୍ରିଜ ଉପରେ ଦେଖିବାକୁ ମିଳିଛି।

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ବଡ଼ଗାଁ ଗ୍ରାମର ସନ୍ତୋଷ କୁମାର ମଳିକ ରାଜସ୍ଥାନରେ ରହି କାର୍ଯ୍ୟ କରନ୍ତି। ଗତ ଶନିବାର ତାଙ୍କ ମାଆଙ୍କର ଗାଁରେ ମୃତ୍ୟୁ ଘଟିଥିଲା। ସେ ମାଆଙ୍କ ଶେଷ ଦର୍ଶନ ସହ ଅନ୍ତିମ ସତ୍କାର ପାଇଁ ରାଜସ୍ଥାନରୁ ବିମାନ ଯୋଗେ ଭୁବନେଶ୍ୱରରେ ପହଁଚିଥିଲେ। ସନ୍ତୋଷଙ୍କୁ ତାଙ୍କ ସାଙ୍ଗ ସତ୍ୟବାନ ରଣା କାର୍ ଯୋଗେ ଭୁବନେଶ୍ୱରରୁ ନେଇ ଫେରିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥରେ ଏକ କୁକୁଡ଼ା ବୋଝେଇ ଗାଡିକୁ ଭଦ୍ରକ ଜିଲ୍ଲାର ହାଇୱେ ପାଟ୍ରୋଲିଂ ପୁଲିସ ଗାଡ଼ି ପିଛା କରି ଗୋଡ଼ାଉଥିଲା। କୁକୁଡ଼ା ଗାଡ଼ିଟି ନ ଅଟକିବାରୁ କୁକୁଡ଼ା ବୋଝେଇ ଗାଡ଼ି ଆଗରେ ଆଡା ପକାଇ ତୁରନ୍ତ ଅଟକାଇଥିଲା ହାଇୱେ ପାଟ୍ରୋଲିଂ ପୁଲିସ। ଫଳରେ ପଛରେ ସନ୍ତୋଷଙ୍କୁ ନେଇ ଆସୁଥିବା କାର୍‌ଟି ପୁଲିସ ଗାଡିକୁ ଧକ୍କା ଦେଇ ଜାତୀୟ ରାଜପଥର ବ୍ରିଜ ପାର୍ଶ୍ୱ ୱାଲ୍‌କୁ ଧକ୍କା ଦେଇଥିଲା। ଫଳରେ ସନ୍ତୋଷ ଏବଂ ସତ୍ୟବାନ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ସତ୍ୟବାନ ସନ୍ତୋଷଙ୍କୁ ଗାଡ଼ିରୁ ବାହାର କରି ଗୁରୁତର ଅବସ୍ଥାରେ ଜାତୀୟ ରାଜପଥରେ ଶୁଆଇ ଦେଇଥିଲେ। ଆମ୍ବୁଲାନ୍ସର ବିଳମ୍ବ ଯୋଗୁଁ ଦୁର୍ଘଟଣାଗ୍ରସ୍ତ କାରର ଡ୍ରାଇଭର ସତ୍ୟବାନ ହାଇୱେ ପାଟ୍ରୋଲିଂ ପୋଲିସ ଗାଡ଼ିରେ ତାଙ୍କ ସାଙ୍ଗ ସନ୍ତୋଷଙ୍କୁ ମେଡିକାଲ ନେବାକୁ ନେହୁରା ହୋଇଥିଲେ। ହେଲେ ପୁଲିସ ସାହାଯ୍ୟ କରିବା ପରିବର୍ତ୍ତେ ଓଲଟି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଯାହାର ଭିଡ଼ିଓ ସତ୍ୟବାନ କରିଥିବା ବେଳେ ତାହାକୁ ଜୋର ଜବରଦସ୍ତ ପୁଲିସ ମୋବାଇଲ୍‌ରୁ ଡ଼ିଲିଟ କରି ଦେଇଥିଲା। ଏମିତିକି ଦୁର୍ଘଟଣାଗ୍ରସ୍ତ

## ଭଦ୍ରକ ଏସ୍‌ପିଙ୍କୁ ପୂର୍ବାଞ୍ଚଳ ଆଇଜିଙ୍କ ତଦନ୍ତ ନିର୍ଦ୍ଦେଶ

ଗାଡ଼ିର କ୍ଷତି ପୂରଣ ମଧ୍ୟ ମାଗିଥିଲା ପୋଲିସ, ଯାହାର ଭିଡ଼ିଓର କିଛି ଅଂଶ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏ ନେଇ ଭାଇରାଲ ଭିଡ଼ିଓ ସହ ଟୁଇଟର (ଏକ୍ସ) ଜରିଆରେ ଗୃହ ବିଭାଗ, ମୁଖ୍ୟମନ୍ତ୍ରୀ, ପୋଲିସ ବିଭାଗ ଏବଂ ପୂର୍ବାଞ୍ଚଳ ଆଇଜିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଗୁରୁତର ଭାବେ ନେଇଥିଲେ ପୂର୍ବାଞ୍ଚଳ ଆଇଜି ପିନାକ ମିଶ୍ର। ପରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବାଞ୍ଚଳ ଆଇଜି ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେପଟେ ଗୁରୁତର ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଓ ପରେ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବାବେଳେ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ଭାଇ ମନୋଜ ମଳିକ ଘଟଣାର ନିରପେକ୍ଷ ତଦନ୍ତ କରି କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

■ ଭଦ୍ରକରେ ପୁଲିସର ଅମାନବୀୟ ବ୍ୟବହାର

## କ୍ଷୋଭ ପ୍ରକାଶ କଲେ ସାଂସଦ ମାନସ ମଙ୍ଗରାଜ

ଭୁବନେଶ୍ୱର ୧୦।୬ (ସମିସ): ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ମଇତାପୁର ଘଟଣାରେ ପୁଲିସ ଅମାନବୀୟ ବ୍ୟବହାରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଛନ୍ତି ଯେ ରାଜ୍ୟରେ ବିଗୁଡୁଥିବା ଆଇନ୍‌ଶୃଙ୍ଖଳା ପରିସ୍ଥିତି ଅଣାୟତ ହୋଇଗଲାଣି। ଦିନକୁ ଦିନ ହିଂସା, ଅପରାଧ ସଂଖ୍ୟା ବଢି ବଢି ଚାଲିଛି। ଆଶ୍ଚର୍ଯ୍ୟଜନକ ଭାବେ ପୁଲିସ ଏକ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ହସ୍ପିଟାଲରେ ପହଞ୍ଚାଇବାକୁ ଅରାଜି ହୋଇଥିବା ଅଭିଯୋଗ ହୋଇଛି। ଏକ ଭିଡ଼ିଓରେ ଦେଖାଯାଉଛି ଯେ ଜଣେ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ହସ୍ପିଟାଲକୁ ପହଞ୍ଚାଇବାକୁ ନେହୁରା ହେଉଥିଲେ ବି ପୁଲିସ ଓଲଟା ତାଙ୍କ ଉପରେ ବିରକ୍ତି ପ୍ରକାଶ କରିଛି। ଥାନାରେ ବସାଇବା ସହ ଫୋନ୍ ଛଡାଇ ନେବାକୁ ଧମକ ଦେଉଛି। ଏଭଳି ଅମାନବୀୟ ବ୍ୟବହାର ପୁଲିସର ଉତ୍ତରଦାୟିତ୍ୱ, ନ୍ୟାୟ ପ୍ରକ୍ରିୟା ଏବଂ ମାନବୀୟତା ସମ୍ପୂର୍ଣ୍ଣ ଭାବେ ମରି ଯାଇଥିବା ଦର୍ଶାଉଛି ବୋଲି ଶ୍ରୀ ମଙ୍ଗରାଜ କ୍ଷୋଭର ସହ କହିଛନ୍ତି ।

### ସାତକୋଶିଆ ପରିବେଶ ସମ୍ବେଦନଶୀଳ କ୍ଷେତ୍ର ବିଜ୍ଞପ୍ତି ବିବାଦ

# ଆର୍‌ସିସିଏଫ୍ ଅଫିସରେ ୨୦୫ ଗାଁ ବାସିନ୍ଦାଙ୍କ ଦାବିପତ୍ର





ଅନୁଗୋଳ, ୧୦।୬(ସମିସ):

ଜୀବନ ଜୀବିକାର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଗ୍ରାମଗୁଡ଼ିକର ପ୍ରତିନିଧି ଓ ଶତାଧିକ ଗ୍ରାମବାସୀ ଆଜି ଜିଲ୍ଲା ସଦର ମହକୁମାଠାରେ ସାତକୋଶିଆ ଅଭୟାରଣ୍ୟର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ସାତକୋଶିଆ ଅଭୟାରଣ୍ୟର ବନଖଣ୍ଡ ଅଧିକାରୀଙ୍କୁ ପ୍ରସ୍ତାବିତ ପରିବେଶ ସମ୍ବେଦନ କ୍ଷେତ୍ରରେ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ନିୟମାବଳୀରେ ପରିବର୍ତ୍ତନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଏବଂ ପ୍ରସ୍ତାବିତ ପରିବେଶ-ସମ୍ବେଦନଶୀଳ କ୍ଷେତ୍ରର ଚତୁଃପାର୍ଶ୍ୱରେ ଥିବା ୨୦୫ଟି ସନ୍ନିହିତ ଗ୍ରାମର ବାସିନ୍ଦା ଓ ଜନପ୍ରତିନିଧିମାନେ ନିଜର ଜୀବିକା ଏବଂ ଅର୍ଥନୈତିକ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ପ୍ରସ୍ତାବିତ ଖସଡ଼ା ବିଜ୍ଞପ୍ତିର କେତେକ ଅସ୍ପଷ୍ଟ ତଥା ଜନବିରୋଧୀ ନୀତିକୁ ବିରୋଧ କରି ଆଜି ଶତାଧିକ ସ୍ଥାନୀୟ ଗ୍ରାମବାସୀ, ଅନୁଗୋଳ ଜିଲ୍ଲା ସଦର ମହକୁମାଠାରେ ଅଭୟାରଣ୍ୟର ବନଖଣ୍ଡ ଅଧିକାରୀ ଅନୁପସ୍ଥିତିରେ ସହକାରୀ ବନ ସଂରକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତାଙ୍କ ଜରିଆରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାତକୋଶିଆ ଅଞ୍ଚଳବାସୀ ଆସୁଥିବାର ଖବର ପାଇ ସାତକୋଶିଆ ଅଭୟାରଣ୍ୟର ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଛାଡ଼ି ଛୁ ମାରିଥିଲେ। ଗ୍ରାମବାସୀମାନେ ସଂରକ୍ଷଣର ବିରୋଧୀ ନୁହନ୍ତି, ବରଂ ନିଜକୁ ପ୍ରକୃତିର "ପ୍ରଥମ ପ୍ରହରୀ' ବୋଲି ଅଭିହିତ କରିବା ସହ ବିଜ୍ଞପ୍ତିରେ କେତେକ ଜରୁରୀ ସଂଶୋଧନ ପାଇଁ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଜ୍ଞପ୍ତିର ଅନୁସୂଚୀ-୧୯ ରେ "ବାଣିଜ୍ୟିକ ନିର୍ମାଣ' ଶବ୍ଦର କୌଣସି ସ୍ପଷ୍ଟ ସଂଜ୍ଞା ନାହିଁ। ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କିଓସ୍କ, ହୋମଷ୍ଟେ, ନୌକା ବିହାର ଏବଂ ସାମୁଦାୟିକ ଭୋଜନାଳୟ ଭଳି କ୍ଷୁଦ୍ର ଜୀବିକା ପ୍ରକଳ୍ପଗୁଡ଼ିକୁ ବନ୍ଦ କରିଦିଆଯିବାର ଭୟ ସୃଷ୍ଟି ହୋଇଛି। ସେହିପରି, ଜୋନାଲ ମାଷ୍ଟର ପ୍ଲାନ ପ୍ରସ୍ତୁତ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା କିମ୍ବା ନୋଡାଲ ସଂସ୍ଥା ଚିହ୍ନଟ କରାଯାଇ ନାହିଁ, ଯାହା ସ୍ଥାନୀୟ ବିକାଶକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଧାପ୍ରାପ୍ତ କରିବ। ସେହିପରି କେନ୍ଦ୍ର ସରକାରଙ୍କ ଜାତୀୟ ଇକୋ-ଟୁରିଜିମ୍ ନୀତିକୁ

**ସାତକୋଶିଆ ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଛାଡ଼ି ପଳାଇଗଲେ**

ଏହି ବିଜ୍ଞପ୍ତିରେ ଅଣଦେଖା କରାଯାଇଥିବା ବେଳେ ବନ ବିଭାଗ ଓ ପର୍ଯ୍ୟଟନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ନେଇ ସ୍ମାରକପତ୍ରରେ ଦର୍ଶାଯାଇଛି। ୬ଟି ପ୍ରମୁଖ ସଂଶୋଧନ ପାଇଁ ଦାବିଆନ୍ଦୋଳନ କାରୀମାନେ ବିଜ୍ଞପ୍ତିରେ ୬ଟି ନିର୍ଦ୍ଦିଷ୍ଟ ସଂଶୋଧନ ପାଇଁ ଦାବି କରିଛନ୍ତି, ୩୦ ଦିନ ମଧ୍ୟରେ ଷ୍ଟିୟରିଂ କମିଟି ଗଠନ ହେଉ ଓ ୧୨ ମାସରେ ମାଷ୍ଟର ପ୍ଲାନ ପ୍ରସ୍ତୁତ, ୭୨ ଘଣ୍ଟା ମଧ୍ୟରେ ଅପସାରଣ ଯୋଗ୍ୟ, କାଠ ବାଉଁଶ ନିର୍ମିତ କ୍ଷୁଦ୍ର କାର୍ଯ୍ୟକଳାପକୁ ଅନୁମତି ମିଳୁ।ସରକାରୀ ଯୋଜନା, ମହିଳା ସଙ୍ଗଠନ ଓ ସାମୁଦାୟିକ ଭିତ୍ତିଭୂମିକୁ "ବାଣିଜ୍ୟିକ' ପରିଭାଷାରୁ ମୁକ୍ତ ରଖାଯାଉ, ସଫାରି, ପ୍ରକୃତି ଭ୍ରମଣ, ହୋମଷ୍ଟେ ଓ ସ୍ଥାନୀୟ ହସ୍ତଶିଳ୍ପକୁ 'ପ୍ରୋତ୍ସାହିତ କାର୍ଯ୍ୟକଳାପ'ରେ ସାମିଲ କରାଯାଉ, ବ୍ୟାଘ୍ର ସଂରକ୍ଷଣ ଯୋଜନା ର ବଫର ଜୋନରେ ଚାଲୁଥିବା ସମସ୍ତ ଗତିବିଧିକୁ ପରିବେଶ ସମ୍ବେଦନଶିଳ କ୍ଷେତ୍ର ଅଧୀନରେ ବୈଧ କରାଯାଉ, ସ୍ଥାନୀୟ ପ୍ରସଙ୍ଗରେ ତୁରନ୍ତ ଏକ ଜିଲ୍ଲାସ୍ତରୀୟ ମିଳିତ ଆଲୋଚନା ବୈଠକ ଡକାଯାଉ, ଯଦି ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ନକରି ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଏ, ତେବେ ସାତକୋଶିଆ ଅଞ୍ଚଳରୁ ବ୍ୟାପକ ସଂଖ୍ୟାରେ ଯୁବପିଢ଼ୀ ଓ ସ୍ଥାନୀୟ ବାସିନ୍ଦା ଏହାର ବିରୋଧ ପ୍ରଦର୍ଶନ କରିବା ସହିତ ବ୍ୟାପକ ରୂପେ ଆନ୍ଦୋଳନ କରିବେ ଏବଂ ବନ ବିଭାଗରର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସାତକୋଶିଆ ଅଞ୍ଚଳକୁ ପୁରାଇ ଦିଆଯିବ ନାହିଁ। ଏହାସହ ଝାଡ଼ଖଣ୍ଡର 'ପଲାମୁ ବ୍ୟାଘ୍ର ଅଭୟାରଣ୍ୟ' ଭଳି ଏଠାରେ ମଧ୍ୟ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ବିବାଦ ଉଗ୍ର ରୂପ ନେବ ବୋଲି ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବିଭିନ୍ନ ସମୟରେ ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ନାନା ବାଦ ବିବାଦରେ ଛନ୍ଦି ହୋଇପଡିଥିବା ବେଳେ ଏବେ ଏହି ନୂତନ ତଥା ଅତି ସଂଘାତିକ ବିବାଦ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା ଯେ ସେମାନଙ୍କୁ ବନ ବିଭାଗ ତରଫରୁ ପରିବେଶ ସମ୍ବେଦନଶୀଳ କ୍ଷେତ୍ର ବାବଦରେ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ। ବନ ବିଭାଗ ଅତି ଲୁଚଣିଆ ଓ ତରବରିଆ ଭାବେ ଏହାର ଏକ ନିୟମାବଳୀ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସଂପୃକ୍ତ ବିଭାଗକୁ ପ୍ରଦାନ କରିବାର ଯୋଜନା କରୁଥିବା ବେଳେ ତାହା ଆଜି ଲୋକଲୋଚନକୁ ଆସିଯାଇଛି।

ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ଅତ୍ୟନ୍ତ ସୌନ୍ଦର୍ଯ୍ୟ ଭରା ସ୍ଥାନ ଯଥା ଟୁଲୁକା, କଟରଙ୍ଗ, ରାଇଗୁଡ଼ା, ଅସନବାହାଳି ଭଳି ଅନେକ ସ୍ଥାନ ରହିଥିବା ବେଳେ କେବଳ ସେଠାକୁ କାହାକୁ ନ ଛାଡ଼ିବା ସ୍ଥାନୀୟ ବାସିନ୍ଦା, ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀଙ୍କୁ ଗଭୀର ଆଘାତ ଦିଏ। ଅନୁଗୋଳ ଜିଲ୍ଲାପାଳ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ସାତକୋଶିଆ ଅଭୟାରଣ୍ୟର ବନଖଣ୍ଡ ଅଧିକାରୀଙ୍କ ଜରିଆରେ ଏହି ଦାବିପତ୍ର ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଚିବ, ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ସାତକୋଶିଆ ପ୍ରଜା ସୁରକ୍ଷା ସମିତି ସଭାପତି ଜନାର୍ଦ୍ଦନ ସାହୁ, ଟିକରପଡା ସରପଞ୍ଚ ସୌମ୍ୟରଂଜନ ସାହୁ, ପୁରୁଣାକୋଟ ସରପଞ୍ଚ ରଶ୍ମିତା ବିଶୋଇ, ଜଗନ୍ନାଥପୁର ସରପଞ୍ଚ ବନିତା ମହାଳିକ, ସରପଞ୍ଚ ଟାଇଁଶୀ ସୌଦାମିନୀ ପ୍ରଧାନ, ପ୍ରଫୁଲ ଦେହୁରୀ, ଜଗନ୍ନାଥପୁର ଗ୍ରାମ୍ୟ କମିଟି ସଭାପତି ନବକିଶୋର ସାହୁ, ପୁରୁଣାକୋଟ ଗ୍ରାମ୍ୟ କମିଟି ସଭାପତି ବରୁଣ ବିଶୋଇ, ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି ଉପସଭାପତି କୀର୍ତ୍ତନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ସାତକୋଶିଆ ଅଞ୍ଚଳ ଗ୍ରାମବାସୀ ସାମିଲ ହୋଇଥିଲେ।

## ଗାଁ ଆମ୍ବ ପସରା-୨୦୨୬ ଉଦ୍‌ଘାଟିତ



ଅନୁଗୋଳ, ୧୦।୬(ସମିସ): ଓରମାସ୍ ଆନୁକୂଲ୍ୟରେ ଅନୁଗୋଳ ହାଇସ୍କୁଲ ପଡ଼ିଆଠାରେ ସ୍ୱତନ୍ତ୍ର ଆମ୍ବ ପ୍ରଦର୍ଶନୀ 'ଗାଁ ଆମ୍ବ ପସରା' ଆଜି ଉଦଘାଟିତ ହୋଇଯାଇଛି। ଏହି ଆମ୍ବ ପ୍ରଦର୍ଶନୀକୁ ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ସେ ପ୍ରଦର୍ଶନୀର ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଆମ୍ବ ଚାଷୀମାନଙ୍କ ସହ ସେମାନଙ୍କ ସମସ୍ୟା ଓ ଚାଷର ଉନ୍ନତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପ୍ରଦର୍ଶନୀ ଜୁନ୍ ୯ ତାରିଖରୁ ଆରମ୍ଭ ହୋଇ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାର ସମୃଦ୍ଧ ଆମ୍ବ ଚାଷର ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହ ଆମ୍ବ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ସିଧାସଳଖ ଗ୍ରାହକମାନଙ୍କ ନିକଟରେ ବିକ୍ରି କରିବା ପାଇଁ ଏକ ସ୍ୱତନ୍ତ୍ର ବଜାର ସୃଷ୍ଟି କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରଦର୍ଶନୀରେ ମୋଟ୍ ୬ଟି ଷ୍ଟଲ୍ କରାଯାଇଥିଲା। ମୁଖ୍ୟତଃ ଅନୁଗୋଳ, ଛେଣ୍ଡିପଦା ଏବଂ କିଶୋରନଗର ବ୍ଲକରୁ ଚାଷୀ ନିଜର ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ସହ ଏଥିରେ ଭାଗ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିମନ ମଲଙ୍କ ସମେତ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

● ୩ ମାସ ହେଲା ବ୍ୟାଙ୍କରୁ ବନ୍ଦ ରହିଛି ଭତ୍ତା

## ଔଷଧ, ଚାଉଳ ପାଇଁ ହନ୍ତସନ୍ତ ବୃଦ୍ଧବୃଦ୍ଧା

ଛେଣ୍ଡିପଦା, ୧୦।୬(ସମିସ): ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ବାଗଡିଆ ଓ ବରସାହି ପଞ୍ଚାୟତରେ ତିନି ମାସ ହେଲା ବନ୍ଦ ରହିଛି ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା। ଭତ୍ତା ନମିଳିବାରୁ ଅସହାୟ ଲୋକେ ବ୍ୟାଙ୍କରୁ ବ୍ଲକ ଅଫିସ ଦୌଡି ଦୌଡି ନିରାଶ ହେଉଛନ୍ତି। ସୂଚନା ଯେ ଛେଣ୍ଡିପଦା ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତରେ ତିନି ମାସ ହେଲା ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ମିଳିନାହିଁ। ଭତ୍ତା ଟଙ୍କାରେ ଔଷଧ ଓ ଦୈନନ୍ଦିନ ଖର୍ଚ୍ଚ ଚଳାଉଥିବା ଏହି ଅସହାୟ ଲୋକମାନେ ଏବେ ନାହିଁ ନଥିବା ଅସୁବିଧାରେ ପଡିଛନ୍ତି। କେହି ଔଷଧ କିଣି ପାରୁନାହାନ୍ତି ତ କେହି ଚାଉଳ ପାଇଁ ପଡ଼ୋଶୀଙ୍କୁ ଧାର ମାଗି ଚଳୁଛନ୍ତି। ଆଜି ଅନେକ ହିତାଧିକାରୀ ଭତା ପାଇଁ ବ୍ୟାଙ୍କ, ପଞ୍ଚାୟତ ଅଫିସ ବ୍ଲକ୍ ଅଫିସ୍ ପର୍ଯ୍ୟନ୍ତ ଘୂରି ଘୂରି ନିରାଶ ହୋଇ ଫେରିଛନ୍ତି। ସରକାର ସବୁ ଯୋଜନା ଲୋକଙ୍କ ପାଖକୁ ପହଞ୍ଚୁଛି ବୋଲି କହୁଥିବା ବେଳେ ତିନି ମାସ ହେଲା ଭତା ବନ୍ଦ ଥିବାରୁ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ଉତ୍ତର ମିଳିପାରୁ ନାହିଁ। ବ୍ୟାଙ୍କକୁ ଗଲେ କହୁଛନ୍ତି ଟଙ୍କା ଆସିନି। ବ୍ଲକକୁ ଗଲେ କହୁଛନ୍ତି ଉପରୁ ଆସିନି। ଆମେ ଗରିବ ଲୋକ କେମିତି ବଞ୍ଚିବୁ ବୋଲି ପ୍ରଶ୍ନ କରିବା ସହ ଉପଜିଲ୍ଲାପାଳଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ ନହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ହିତାଧିକାରୀ।

● ତାମ୍ବା କଏଲ ଓ ତେଲ ଚୋରି ଘଟଣାର ପର୍ଦ୍ଦାଫାସ୍

## ୬ ଗିରଫ, ନଗଦ ଟଙ୍କା ସହ ଗାଡ଼ି ଓ ଚୋରି ସାମଗ୍ରୀ ଜବତ



କଣିହାଁ, ୧୦।୬(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମସାଇଟ୍‌ସ୍ଥିତ ୨୨୦/୩୩ କେଭି ଗ୍ରିଡ୍ ସବ୍‌ଷ୍ଟେସନରୁ ତାମ୍ବା କଏଲ ଓ ଟ୍ରାନ୍ସଫର୍ମର ତେଲ ଚୋରି ଘଟଣାର ପର୍ଦ୍ଦାଫାସ କରିଛି ରେଙ୍ଗାଳି ଡ୍ୟାମସାଇଟ୍ ପୁଲିସ। ଘଟଣାରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନଗଦ ଟଙ୍କା, ତମ୍ବା କଏଲ, ଦୁଇଟି ଗାଡ଼ି ଏବଂ ମୋବାଇଲ ଫୋନ ଜବତ କରାଯାଇଛି। ଗତ ୨୪ ମେ ରାତି ପ୍ରାୟ ୧୦ଟା ୫୪ ମିନିଟ ସମୟରେ ଗ୍ରିଡ୍ ସବ୍‌ଷ୍ଟେସନରେ ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀମାନେ ଟ୍ରାନ୍ସଫର୍ମର ୟାର୍ଡ ଭିତରେ ସନ୍ଦେହଜନକ ଗତିବିଧି ଦେଖିଥିଲେ। ପରବର୍ତ୍ତୀ ଯାଞ୍ଚରେ ଅଜଣା ଦୁର୍ବୃତ୍ତମାନେ ୨୦ ଏମ୍‌ଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମରରୁ ପ୍ରାୟ ୭୦ କ୍ୱିଣ୍ଟାଲ ତାମ୍ବା ୱାଇଣ୍ଡିଂ କଏଲ ଓ ୨ ହଜାର ଲିଟର ଟ୍ରାନ୍ସଫର୍ମର ତେଲ ଚୋରି କରି ନେଇଥିବା ଜଣାପଡ଼ିଥିଲା। ଏନେଇ ଏସ୍ଡିଓ (ଇଲେକ୍ଟ୍ରିକାଲ) କପିଳେନ୍ଦ୍ର ଭୋଇଙ୍କ ଅଭିଯୋଗ ଆଧାରରେ ରେଙ୍ଗାଳି ଡ୍ୟାମସାଇଟ୍ ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୬୫ ହଜାର ୧୦୦ ଟଙ୍କା ନଗଦ, ୧.୦୫ କିଲୋଗ୍ରାମ ତାମ୍ବା କଏଲ, ଚୋରି ସାମଗ୍ରୀ ପରିବହନରେ ବ୍ୟବହୃତ ମହିନ୍ଦ୍ରା ନିଓ ବୋଲେରୋ ଓ ମହିନ୍ଦ୍ରା ପିକ୍‌ଅପ୍ ଗାଡ଼ି ସହ ଦୁଇଟି ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଳରାମ ନାଏକ ଓରଫ ବାଲିଆ, ବୁବୁନୁ ସାହୁ, ଯୁଗଳ କିଶୋର ସାହୁ, ପ୍ରଧାନ ହେମ୍ବ୍ରମ ଓରଫ ହାପାନ, ଜିତେନ୍ଦ୍ର ସାହୁ ଓ ରବି ନାରାୟଣ ଗର୍ଣ୍ଡାୟକ। ସମସ୍ତଙ୍କୁ ଅଦାଲତକୁ ଚାଲାଣ କରାଯାଇଥିବାବେଳେ ଚୋରି ଚକ୍ରରେ ଆହୁରି କେତେକ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ପୁଲିସ ତଦନ୍ତ ଜାରି ରଖିଛି। ରେଙ୍ଗାଳି ଡ୍ୟାମସାଇଟ୍ ଥାନା ଆଇଆଇସି ଚଞ୍ଚଳା ନାୟକଙ୍କ ନେତୃତ୍ୱରେ ଏହି ମାମଲାର ସଫଳ ତଦନ୍ତ କରାଯାଇଥିବା ସୂଚନା ମିଳିଛି।

## ୧୨ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜାଙ୍କ ବୈଠକ

କଣିହାଁ, ୧୦।୬(ସମିସ): କଣିହାଁ ଖୋଲା କୋଇଲା ଖଣିରେ କୋଇଲା ଉତ୍ପାଦନ, ଲୋଡିଂ ଓ ପରିବହନ କାର୍ଯ୍ୟ ପାଇଁ ନିୟୋଜିତ ନୂତନ ଠିକା ସଂସ୍ଥାଗୁଡ଼ିକରେ ସ୍ଥାନୀୟ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ଦେବା ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ହୋଇଥିବା ନିଷ୍ପତ୍ତିକୁ କମ୍ପାନୀ କର୍ତ୍ତୃପକ୍ଷ ଅବମାନନା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କ୍ଷତିଗ୍ରସ୍ତ ୧୨ଟି ଗ୍ରାମର ପ୍ରଜା ସୋମବାର ଏକ ବୈଠକ କରି ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ କଣିହାଁ କୋଇଲା ଖଣିରେ କୋଇଲା ଉତ୍ପାଦନ, ଲୋଡିଂ ଓ ପରିବହନ କାର୍ଯ୍ୟ ପାଇଁ ନୂତନ ଭାବେ କାର୍ଯ୍ୟାଦେଶ ପାଇଥିବା ଏ ଆଣ୍ଡ ଏ କମ୍ପାନୀ ଓ ଆରପିଏଲ୍ କମ୍ପାନୀରେ ନିଯୁକ୍ତି ପ୍ରସଙ୍ଗକୁ ନେଇ ଗତ ମେ ୧୯ ତାରିଖରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ କ୍ଷତିଗ୍ରସ୍ତ ୧୨ଟି ମୌଜାର ସଭାପତି, ସମ୍ପାଦକ, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି, ତାଳଚେର ଓ ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧିଙ୍କ ସହ କ୍ଷତିଗ୍ରସ୍ତ ପ୍ରଜାମାନେ ଯୋଗଦେଇଥିଲେ। ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ ନୂତନ ଠିକା ସଂସ୍ଥାଗୁଡ଼ିକ ପ୍ରଥମେ କଣିହାଁ କୋଇଲା ଖଣି ପାଇଁ ଜମି ହରାଇଥିବା କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ଦେବେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଭାବିତ ଗ୍ରାମଗୁଡ଼ିକର ଯୋଗ୍ୟ ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯିବ। ଗ୍ରାମ୍ୟ କମିଟି ଦ୍ୱାରା ପ୍ରଦତ୍ତ ତାଲିକାକୁ ଆଧାର କରି କମ୍ପାନୀ ଓ ଏମସିଏଲ୍ ଅଧିକାରୀମାନେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ମାତ୍ର ଅଭିଯୋଗ ହେଉଛି, ଉକ୍ତ ନିଷ୍ପତ୍ତିକୁ ଅବହେଳା କରି ସଂପୃକ୍ତ କମ୍ପାନୀଗୁଡ଼ିକ ସ୍ଥାନୀୟ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ନଦେଇ ବାହାର ଜିଲ୍ଲାର ଲୋକଙ୍କୁ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଏ ନେଇ ବାରମ୍ବାର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଓ ଏମ୍ସିଏଲ୍ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା କମିଟି ପକ୍ଷରୁ ତାଳଚେର ଉପଜିଲ୍ଲାପାଳ ଓ କଣିହାଁ କୋଇଲା କ୍ଷେତ୍ରର ମହାପ୍ରବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କୁହାଯାଇଛି ଯେ ଆଗାମୀ ଦୁଇ ଦିନ ମଧ୍ୟରେ ଉପଜିଲ୍ଲାପାଳଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ ନକରାଗଲେ ୧୨ଟି ମୌଜାର ସମସ୍ତ କ୍ଷତିଗ୍ରସ୍ତ ପ୍ରଜା ବୃହତ୍ ଆନ୍ଦୋଳନରେ ସାମିଲ ହେବେ। ଦାବିପତ୍ର ପ୍ରଦାନ ସମୟରେ ଲୋକନାଥ ସାହୁ, ସୁନିଲ ପ୍ରଧାନ, ରାଜେନ୍ଦ୍ର ପ୍ରଧାନଙ୍କ ସମେତ ୧୨ଟି ଗ୍ରାମର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ପ୍ରତିନିଧି ଉପସ୍ଥିତ ଥିଲେ।

## କୁଲାଡ଼ ଗାଁରେ ହାତୀ ଆକ୍ରମଣ; ବୃଦ୍ଧ ଗୁରୁତର



ଅନୁଗୋଳ, ୧୦।୬(ସମିସ): ନାଲକୋ ପ୍ଲାଣ୍ଟ ନିକଟବର୍ତ୍ତୀ ଗାଁ ଲାଙ୍ଗୁଲିଆବେଢ଼ାରେ ଗତ ଦୁଇଦିନ ଗୋଠଛଡ଼ା ଦନ୍ତା ହାତୀର ଉପଦ୍ରବରେ ଆତଙ୍କ ଖେଳିଯାଇଥିଲା। ଏହି ଗାଁ ନିକଟ କୁଲାଡ଼ ଗାଁରେ ବୁଧବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଛି। କୁଲାଡ଼ ଗ୍ରାମର ପଦିଆ ଦଳବେହେରା (୮୦) ଘରଠାରୁ ଅଳ୍ପ ଦୂରରେ ଗାଁ ଦାଣ୍ଡରେ ହାତୀ ସମ୍ମୁଖରେ ପଡ଼ିଥିଲେ। ବୃଦ୍ଧ ପଦିଆଙ୍କୁ ଦନ୍ତାହାତୀ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ସ୍ଥାନୀୟ ଲୋକେ ହାତୀ କବଳରୁ ଉଦ୍ଧାର କରି ଗୁରୁତର ଆହତ ପଦିଆଙ୍କୁ ନିକଟସ୍ଥ ନାଲକୋ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପରିବାର ଓ ଗ୍ରାମବାସୀ ଚିନ୍ତିତ ଅଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ହାତୀର ଉପସ୍ଥିତି ସମ୍ପର୍କରେ ପୂର୍ବରୁ କୌଣସି ସତର୍କ ସୂଚନା ଦିଆଯାଇନଥିଲା। ବନ ବିଭାଗର ଅବହେଳା ଯୋଗୁଁ ଏପରି ଦୁଃଖଦ ଘଟଣା ଘଟିଥିବା ଅଭିଯୋଗ କରି ଗ୍ରାମବାସୀ ହାତୀ ଚଳପ୍ରଚଳ ସମ୍ପର୍କରେ ନିୟମିତ ସୂଚନା ଓ ସୁରକ୍ଷା ବ୍ୟବସ୍ଥା ଦାବି କରିଛନ୍ତି।

## କୋଡ଼ା ସମାଜର ବାର୍ଷିକ ଅଧିବେଶନ

କିଶୋରନଗର, ୧୦।୬(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଭୋଗରା କୋଡ଼ା ସାହି ପ୍ରାଥମିକ ବିଦ୍ୟାଳୟଠାରେ ସୁବଳୟା ପଲ୍ଲୀ ପୁଞ୍ଜି ଆଦିବାସୀ କୋଡ଼ା ସମାଜ ଆମ୍ବସରମୁଣ୍ଡା ପକ୍ଷରୁ ବାର୍ଷିକ ସଭା ଅନୁଷ୍ଠିତ ହୋଇଛି। ଏହି ସଭା ଏଗାରଟା ସମୟରେ ଆରାଧ୍ୟ ଦେବତା ଜୟ ଧାର୍ମେ ବେଲା କର୍ମସେଣୀଙ୍କୁ ପୂଜାପାଠ କରି ହୋଇଥିଲା। ଏଥିରେ ସମାଜର ସଂଗଠନକୁ ଆଗକୁ ବଢେଇବା, ସମାଜର ରୀତିନୀତି ଅନୁସାରେ ଚଳିବା, ଯୁବ ପିଢିଙ୍କୁ ରୋଜଗାରକ୍ଷମ କରାଇବା ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୬୦ ପ୍ରତିଶତ ରଖିଥିବା ତିନି ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ତିନି ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରିଥିଲେ। ଋଣ ନେଇଥିବା ସଭ୍ୟ ଋଣ ପରିଷଧ କରି ଋଣ ନେଇଥିଲେ। ଏହି ସଭା ସମାଜର ସଭାପତି ଅପିନ୍ଦ୍ର ମିର୍ଦ୍ଧା, ସମ୍ପାଦକ ଆକୁଳଚନ୍ଦ୍ର ପଧାନଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। କୋଷାଧ୍ୟକ୍ଷ ସରୋଜ ମିର୍ଦ୍ଧା ଆୟ ବ୍ୟୟର ହିସାବ ଦେଇଥିଲେ। ଏଥିରେ ଆଠ ଖଣ୍ଡ ଗ୍ରାମର ଦୁଇଶହ ମେମ୍ବର ଯୋଗ ଦେଇଥିଲେ।

## ବୃଦ୍ଧାଙ୍କଠାରୁ ୩୦ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଅନୁଗୋଳ, ୧୦।୬(ସମିସ): ପାଲଲହଡା ଅଞ୍ଚଳର ଜଣେ ବୃଦ୍ଧା କୌଣସି କାମରେ ଅନୁଗୋଳ ଆସିଥିବା ବେଳେ ତାଙ୍କ ସହ ଥିବା ଏକ ବ୍ୟାଗରେ ୩୦ ହଜାର ଟଙ୍କା ରଖି ବଜାର ମଧ୍ୟରେ ଯାଉଥିଲେ। ଏହି ସମୟରେ ସେଣ୍ଟ୍ରାଲଲଜ ଛକ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବୃଦ୍ଧାଙ୍କୁ ବ୍ୟାଗରେ କ'ଣ ଅଛି ବୋଲି ପଚାରିଥିଲେ। ବୃଦ୍ଧା କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ତାଙ୍କ ହାତରୁ ବ୍ୟାଗ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବ୍ୟାଗରେ ଥିବା ୩୦ ହଜାର ଟଙ୍କା ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ପରେ ଅସହାୟ ବୃଦ୍ଧା ଅନୁଗୋଳ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ ସହ ଦୁର୍ବୃତ୍ତମାନଙ୍କୁ ଠାବ କରିବା ପାଇଁ ଖୋଜାଖୋଜି ଆରମ୍ଭ କରିଛି।

## ଟ୍ରକ୍‌କୁ ପିଟିଲା ବାଇକ୍, ଜଣେ ମୃତ

ଖମାର, ୧୦।୬(ସମିସ): ରାସ୍ତାରେ ଛିଡ଼ା ହୋଇଥିବା ଟ୍ରକ୍ ପଛରେ ବାଇକ୍ ଧକ୍କା ହେବାରୁ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଛି। ଖମାର ଥାନା ଜାତୀୟ ରାଜପଥ ୧୪୯ର କଲଣ୍ଡା ନିକଟରେ ଏଭଳି ଦୁର୍ଘଟଣା ଘଟିଛି। ମୃତକ ପରିଚୟ ଜଣାପଡ଼ିନାହିଁ। କଲାଣ୍ଡା ନିକଟରେ ଏକ ଟ୍ରକ୍ ବ୍ରେକଡାଉନ୍ ହୋଇ ରାସ୍ତା ଉପରେ ଛିଡ଼ା ହୋଇଥିଲା। ସେହି ସମୟରେ ପିଟିରି ପଟୁ ଏକ ବାଇକ୍ ଦ୍ରୁତ ଗତିରେ ଆସି ଟ୍ରକ୍ ପଛ ପାଖରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବାଇକ୍‌ଟି କୁଆଲୁ ଗାଁର ରାମଚନ୍ଦ୍ର ଭୂତିଆଙ୍କ ନାଁରେ ଥିବା ରହିଛି।



### ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ବିଦ୍ୟୁତ୍ ବିନା ଲିଫ୍ଟ ଅଚଳ; ରୋଗୀଙ୍କ ଦୁର୍ଦ୍ଦଶା

ଅନୁଗୋଳ, ୧୦।୬(ସମିସ):

ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପିଏମପି ମେଡିକାଲ କଲେଜ ଏବଂ ହସ୍ପିଟାଲର ମୁଖ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ଟ୍ରମା କେୟାର ସେଣ୍ଟର ଚାରି ତାଲା ବିଶିଷ୍ଟ କୋଠାରେ ତଳ ଉପର ଯାତାୟତ ପାଇଁ ଗୋଟିଏ ସିଡ଼ି ପାହାଚ, ଗୋଟିଏ ରାମ୍ପ ଏବଂ ଗୋଟିଏ ମାତ୍ର ଲିଫ୍ଟ ଲାଗିଛି। ବିଦ୍ୟୁତ ସରବରାହ ବିଚ୍ଛିନ୍ନରେ ଜରୁରିକାଳୀନ ବିଦ୍ୟୁତ ଯୋଗାଣ ପାଇଁ ଦୁଇଟି ଉଚ୍ଚ ଶକ୍ତି ସଂପନ୍ନ ଡ଼ିଜିବା ଜେନେରଟର ଖଞ୍ଜା ହେବା ସହିତ ୨୪ ଘଣ୍ଟିଆ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସରକାରଙ୍କ ଏତେସବୁ ଯୋଜନା ଥାଇ ମଧ୍ୟ ଡାକ୍ତରଖାନାରେ ରୋଗୀ ହୀନସ୍ତା ହେଉଥିବା ଅଭିଯୋଗ ହେଉଛି। ଚାରି ତାଲା ଉପର କୋଠା ଶଲ୍ୟ ଚିକିତ୍ସା ୱାର୍ଡକୁ ଯିବା ପାଇଁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ସେହିପରି ତଳ ମହଲାରୁ ଉପର ମହଲାକୁ ଯାଇପାରୁ ନାହାନ୍ତି। ଷ୍ଟ୍ରେଚର ଅବା ହୁଇଲ ଚେୟାର ନିର୍ଭର କରୁଥିବା ରୋଗୀ ୪ଘଣ୍ଟା ପାଇଁ ନିଶ୍ଚଳ ହୋଇପଡିଥିଲେ। ରୋଗୀ ଯାତାୟାତ ଏବଂ ଭାରୀ ଜିନିଷ ନେବା ଆଣିବା ପାଇଁ ଉଦ୍ଦିଷ୍ଟ ରାମ୍ପରେ ତଳଠୁ ଉପର ଯାଏ



ମେଡିକାଲ ଫର୍ନିଚରର ଗୋଦାମ ହୋଇଛି। ଯିବା ଆସିବା ବାଟ ବନ୍ଦ। ଜରୁରିକାଳୀନ ବିଦ୍ୟୁତ ଯୋଗାଣ ପାଇଁ ହାଇ ଭୋଲ୍‌ଟେଜର ଦୁଇଟି ଡିଜି ଜେନେରଟରର ବି ବ୍ୟବସ୍ଥା ରହିଛି। ତାର ବ୍ୟାକଅପ ପାଉନି ଲିଫ୍ଟ ଚଳାଇବାକୁ। ସେ ବାଟ ମଧ୍ୟ ବନ୍ଦ। ବିନା ଅପରେଟର ରେ ଲୋକେ ସ୍ୱଇଚ ମାରି ଲିଫ୍ଟ ରେ ଯାତାୟତ କରିଥାନ୍ତି। ବିଦ୍ୟୁତ ବିଭ୍ରାଟ ଯୋଗୁଁ ଲିଫ୍ଟ କେତେ ବେଳେ ଯେ ମଝି ବାଟରେ ଅଟକି ଯିବ, ସେଥି କିଏ ଦାୟୀ ରହିବେ? ତେବେ ବିଦ୍ୟୁତ ବିନା ସାରା ହସ୍ପିଟାଲ ଅଚଳ। କେବଳ ଆଲୋକ ଜଳୁଛି। ଆଉ ରୋଗୀଙ୍କୁ ସକାଳ

● ହାଇ ଭୋଲ୍‌ଟେଜ ଦୁଇ ଡିଜି କାମକୁ ନାହିଁ
● ରାମ୍ପ ସାଜିଛି ଫର୍ନିଚର ଗୋଦାମ ଗୃହ

ଟିଫିନ ମିଳିଲା ବିଦ୍ୟୁତ ଆସିବାପରେ ଲିଫ୍ଟ ଚାଲିବାରୁ ସକାଳ ୧୦ଟାରେ। ହସ୍ପିଟାଲ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ବିଦ୍ୟୁତ ବିଛିନ୍ନ ଦ୍ୱାରା ରୋଗୀଙ୍କ ଜୀବନ ଆସନ୍ନ ବିପଦକୁ ଏଡାଇ ଦିଆ ଯାଇ ନପାରେ। ଏଭଳି ଗୁରୁତ୍ୱ ବହନ କରୁଥିବା ଜରୁରୀ ସେବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ସମ୍ବେଦନଶୀଳ ହେବାକୁ ସାଧାରଣରେ ଦାବି ହେଉଛି।

# ମୃତ୍ୟୁପାନୀୟରେ ମଦ ଦେଇ ନାବାଳିକାକୁ ଦୁଷ୍କର୍ମ

**ଘର ଠାରୁ ୨ କିମି ଦୂରରୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର**

ରାଜନଗର,୧୦।୬(ସମିସ): ୯ ବର୍ଷର ଜଣେ ନାବାଳିକାକୁ ମୃତ୍ୟୁପାନୀୟରେ ମଦ ଦେଇ ଦୁଷ୍କର୍ମ କରାଯାଇଛି । ନାବାଳିକାକୁ ପ୍ରଲୋଭନ ଦେଖାଇ ଥଣ୍ଡାରେ ଦେଶୀ ମଦ ମିଶାଇ ପିଇବାକୁ ଦେଇ ଏଭଳି ଦୁଷ୍କର୍ମ କରାଯାଇଛି । ଘରଠାରୁ ୨ କିଲୋମିଟର ନେଇ ଦୁଷ୍କର୍ମ କରିବା ପରେ ରାସ୍ତା କଡ଼ରେ ନାବାଳିକାକୁ ଫୋପାଡ଼ି ଦେଇ ଅଭିଯୁକ୍ତମାନେ ପଳାଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ପାଇବା ପରେ ନାବାଳିକାକୁ ମୁମୂର୍ଷ ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଚିକିତ୍ସା କରି ଘରକୁ ଫେରିବା ପରେ ନାବାଳିକାର ବାପା ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା ଦେଇଛନ୍ତି । କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଏପରି ଘଟଣା ଘଟିଛି । ଅଭିଯୋଗ ମୁତାବକ ନାବାଳିକା ଘର ନିକଟରେ ଥିବା ବଜାରକୁ ଆସିଥିଲେ । ୮ ତାରିଖ ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ନାବାଳିକା ବଜାରକୁ କୁରକୁରି ପାଇଁ ଆସିଥିବା ବେଳେ ରାଜେନ୍ଦ୍ରନଗର ଗାଁର କାହ୍ନୁ ପରିଡ଼ା (୪୦) ପ୍ରଲୋଭନ ଦେଖାଇ କୁରକୁରି କିଣି ଦେଇଥିଲା । ଚକଲେଟ୍, ଥଣ୍ଡା ଦେବ କହି ଘର ଠାରୁ ୨ କିଲୋମିଟର ଯାଏଁ ନାବାଳିକାକୁ ନେଇ ଆସିଥିଲା । ନାବାଳିକାକୁ ଥଣ୍ଡାରେ ମଦ ମିଶାଇ ପିଇବାକୁ ଦେଇଥିଲା । ଅନ୍ଧାରରେ ରାସ୍ତା କଡ଼ରେ ଦୁଷ୍କର୍ମ କରିବା ପରେ ନାବାଳିକାକୁ ଫୋପାଡ଼ି ଦେଇ ଦୁଷ୍କର୍ମକାରୀ ଚାଲି ଯାଇଥିଲା । ପରିବାର ଲୋକେ ନାବାଳିକାକୁ ଖୋଜାଖୋଜି କରି ଦୀର୍ଘ ୩ ଘଣ୍ଟା ପରେ ଘର ଠାରୁ ୨ କିଲୋମିଟର ଦୂର ରାସ୍ତା କଡ଼ରୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରିଥିଲେ । ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଗତକାଲି ରାତିରେ ନାବାଳିକାଙ୍କ ବାପା ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା ଦେଇଛନ୍ତି । ପୁଲିସ ଅଭିଯୁକ୍ତ ଦୁଷ୍କର୍ମକାରୀଙ୍କୁ ଗିରଫ କରିଛି । ଆଜି ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି ।

**ଅପମୃତ୍ୟୁରୁ ହତ୍ୟା ମାମଲା: ବଢ଼ୁଛି ପ୍ରଶ୍ନ**

# ପାଞ୍ଚ ଦିନ ପରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କେନ୍ଦ୍ରାପଡ଼ା,୧୦।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୁବକ ଶ୍ରୀଚନ୍ଦନ ଦାସଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଓ ସନ୍ଦେହ ଦିନକୁ ଦିନ ବଢ଼ିବାରେ ଲାଗିଛି । ପ୍ରଥମେ ଅପମୃତ୍ୟୁ ଭାବେ ରୁଜୁ ହୋଇଥିବା ଏହି ଘଟଣା ଏବେ ହତ୍ୟା ଅଭିଯୋଗରେ ପରିଣତ ହୋଇଥିବା ବେଳେ ଘଟଣାର ପାଞ୍ଚ ଦିନ ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ଗୁରୁବାର ଅପରାହ୍ନରେ ତିନି ଜଣିଆ ସାଇଣ୍ଟିଫିକ୍ ଟିମ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଘଟଣାସ୍ଥଳର ପ୍ରତ୍ୟେକ ଦିଗକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଯାଞ୍ଚ କରିଥିଲେ । ବିଶେଷକରି ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ, ସିଡ଼ି ଓ ତଳ ମଧ୍ୟରେ ଥିବା ଦୂରତା, ରେଲିଂର ଉଚ୍ଚତା ଓ ସେହି ସ୍ଥିତିରେ ଜଣେ ବ୍ୟକ୍ତି ନିଜେ ଆତ୍ମହତ୍ୟା କରିପାରିବେ କି ନାହିଁ, କିମ୍ବା ତାଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଥିଲା, ସେ ଦିଗକୁ ନେଇ ଯାଞ୍ଚ କରାଯାଇଛି । ଶ୍ରୀଚନ୍ଦନ ଦାସଙ୍କ ପରିବାର ପକ୍ଷରୁ ଟାଉନ୍ ଥାନାରେ ହତ୍ୟା ଅଭିଯୋଗ ଦାଖଲ ହେବା ପରେ



ମାମଲାର ମୋଡ଼ ବଦଳିଥିବା ବେଳେ ତଦନ୍ତ ପ୍ରକ୍ରିୟା ମଧ୍ୟ ଗତିଶୀଳ ହୋଇଛି । ଟାଉନ୍ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ଘଟଣାର ତଦନ୍ତ କରୁଥିବା ବେଳେ ବିଭିନ୍ନ ପ୍ରମାଣ ଓ ସାକ୍ଷ୍ୟ ସଂଗ୍ରହ କରାଯାଉଛି । ତେବେ ଘଟଣାର ପାଞ୍ଚ ଦିନ ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏତେ ବିଳମ୍ବରେ ହୋଇଥିବା ଯାଞ୍ଚରୁ କେତେ ପରିମାଣର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିପାରିବ । ତାହାକୁ ନେଇ ସନ୍ଦେହ ପ୍ରକାଶ ପାଉଛି । ଅନ୍ୟପକ୍ଷରେ, ମୃତକଙ୍କ ପରିବାର ଓ ସାଧାରଣ ଲୋକଙ୍କ ମଧ୍ୟରେ ଏକ ପ୍ରଶ୍ନ ବାରମ୍ବାର ଉଠୁଛି ଯେଉଁ ଅଧିକାରୀମାନଙ୍କୁ କେନ୍ଦ୍ର କରି ମୃତକ ମାନସିକ ଚାପରେ ଥିବା କଥା କୁହାଯାଉଛି, ସେମାନଙ୍କୁ ଏପର୍ଯ୍ୟନ୍ତ ତଦନ୍ତ ପରିସରଭୁକ୍ତ କରାଯାଇନି କାହିଁକି । ଘଟଣାକୁ ନେଇ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ଚାଲିଥିବାବେଳେ, ମୃତ୍ୟୁର ପ୍ରକୃତ କାରଣକୁ ନେଇ ପରଦା ଏପର୍ଯ୍ୟନ୍ତ ଉଠିପାରିନାହିଁ । ଏହା ଆତ୍ମହତ୍ୟା ନା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ, ତାହା ଉପରେ ସମସ୍ତଙ୍କ ନଜର ରହିଛି । ଜିଲ୍ଲାବାସୀ ଏବେ ଚାତକ ପରି ଅପେକ୍ଷା କରି ବସିଛନ୍ତି କେବେ ଖୋଲିବ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ରହସ୍ୟ ଏବଂ ସାମ୍ନାକୁ ଆସିବ ସତ୍ୟ । ମୃତ୍ୟୁର ପାଞ୍ଚ ଦିନ ପରେ ଆରମ୍ଭ ହୋଇଥିବା ବୈଜ୍ଞାନିକ ତଦନ୍ତ ସତ୍ୟକୁ ପଦାକୁ ଆଣିପାରିବ କି, ନା ଏହି ରହସ୍ୟ ଆହୁରି ଜଟିଳ ହୋଇଯିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

**● ଜିଲ୍ଲାବ୍ୟାପୀ ଅବକାରୀ ଚଢ଼ଉ**

# ୨୧୮ ଲିଟର ମଦ ଜବତ, ୧୦ ଗିରଫ

କେନ୍ଦ୍ରାପଡ଼ା,୧୦।୬(ସମିସ): ଚୋରା ମଦ କାରବାର ବିରୋଧରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ଜୋରଦାର ଚଢ଼ଉ ଜାରି ରହିଛି । ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ନିର୍ଦ୍ଦେଶକ୍ରମେ




ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ ଚଳାଯାଇ ୨୧୮ ଲିଟର ଦେଶୀ ଓ ବିଦେଶୀ ଚୋରାମଦ ଜବତ କରାଯିବା ସହ ୧୦ ଜଣଙ୍କୁ ଗିରଫ କରାଯାଇଛି । ଡେରାବିଶ, ଆଳି, କେନ୍ଦ୍ରାପଡ଼ା ସଦର, ମାହାଙ୍ଗା, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, ପଟ୍ଟାମୁଣ୍ଡାଇ ଆଦର୍ଶ ଏବଂ ରାଜକନିକା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା । ଅଭିଯାନ ସମୟରେ କାନରପୁର ଗ୍ରାମରୁ ୩୫ ଲିଟର, ସେବସାହି ବରଡ଼ାରୁ ୨୯ ଲିଟର, ଜୟନଗରରୁ ୧୫ ଲିଟର, ପାଇକରାପୁରରୁ ୧୯ ଲିଟର, ଡେରାବିଶରୁ ୧୨ ଲିଟର, ଲକ୍ଷ୍ମୀନାରାୟଣପୁରରୁ ୨୨ ଲିଟର, ଛଇଁଶାରୁ ୨୦ ଲିଟର, ଲୋକନାଥପୁରରୁ ୧୭ ଓ ୩୧ ଲିଟର ଏବଂ ମାଟିଆ ଗ୍ରାମରୁ ୧୮ ଲିଟର ଚୋରାମଦ ଜବତ କରାଯାଇଥିଲା । ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଜବତ ହୋଇଥିବା ମଦ ମଧ୍ୟରେ ଦେଶୀ ଓ ବିଦେଶୀ ଉଭୟ ପ୍ରକାରର ମଦ ରହିଛି । ଏହି ଘଟଣାରେ ସମ୍ପୃକ୍ତ ୧୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ସ୍ୱତନ୍ତ୍ର ଚଢ଼ାଉ ଅଭିଯାନରେ ଅବକାରୀ ଉପ-ନିରୀକ୍ଷକ ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ । ଜିଲ୍ଲାରେ ଚୋରା ମଦ କାରବାରକୁ ରୋକିବା ଏବଂ ବେଆଇନ ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଓ ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ମହାକାଳପଡ଼ା,୧୦।୬(ସମିସ): ମହାକାଳପଡ଼ା ପଞ୍ଚାୟତ ସମିତି ସଭାଗୃହ ଠାରେ ଆଜି ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର. ରଘୁରାମ ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବିଧାୟକ ଡ. ଦୁର୍ଗାପ୍ରସନ ନାୟକ ଯୋଗ ଦେଇ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ସେହିପରି ଉଭୟ ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଉପସ୍ଥିତ ବିଭାଗୀୟ ପଦାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପାନୀୟ ଜଳର ଉତ୍କଟ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରି ଖୁବ୍‌ଶୀଘ୍ର ମେଗା ପାନୀୟ ଜଳ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହ, ଅସହ୍ୟ ଗରମ ଓ ପାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଅଚଳ ନଳକୂପ ଗୁଡ଼ିକୁ ମରାମତି କରିବା ସହ ଆବଶ୍ୟକ ହେଲେ ନୂତନ ନଳକୂପ ଖନନ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଯୁଦ୍ଧକାଳୀନ ଭିତ୍ତିରେ ବ୍ଲକର ସମସ୍ତ ବିପଦସଂକୁଳ ବିଦ୍ୟାଳୟ ଗୁଡିକର ତାଲିକା ପ୍ରସ୍ତୁତ କରି ସେଗୁଡିକର ମରାମତି କରାଇବା ଦିଗରେ ଯତ୍ନବାନ ହେବା, ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଷ୍ଟାଫ କ୍ୱାଟରର ନୂତନ ଗୃହ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବା, ଓରତ -ଓଳିହା ପୂର୍ତ୍ତ ବିଭାଗ ବାଇପାସ ରାସ୍ତାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା, ରାମଚଣ୍ଡୀ-ହରିଆବାଙ୍କ ନୂତନ ବାଇ ରାସ୍ତାର ପ୍ରକଳ୍ପ ପ୍ରସ୍ତୁତି, ଚଡାଇଗୁଁଆ -ମଙ୍ଗଳପୁର ନୂତନ ରାସ୍ତାର ପ୍ରକଳ୍ପ ପ୍ରସ୍ତୁତି କଷୋଟି -ପେହେଣ୍ଟା, ବିଜୟନଗର -କଣ୍ଟାବଣ ରାସ୍ତାର ପ୍ରକଳ୍ପ ପ୍ରସ୍ତୁତି ଗୁଡିକୁ ଶୀଘ୍ର ସମ୍ପୂର୍ଣ୍ଣ କରି କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ସେହିପରି ବତୀଘର ଗ୍ରାମ ପଞ୍ଚାୟତ ପାଇଁ ଆଉ ଗୋଟିଏ ବୋଟ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ଏବଂ ଖରିନାସି -ଟ୍ରୁବି ସେତୁ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ବ୍ଲକ ଅଧ୍ୟକ୍ଷା ମିରାରାଣୀ ମହାନ୍ତି, ମହାକାଳପଡ଼ା ତହସିଲଦାର ତଥା ଦାଇତ୍ୱରେ ଥିବା ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ, ମାର୍ଶାଘାଇ ବିଡ଼ିଓ ଅମୀୟ କୁମାର ନାୟକ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ପ୍ରମୁଖଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଡିଜେଲ ସଙ୍କଟ; ଚାଷ ଓ ପରିବହନ ବାଧାପ୍ରାପ୍ତ

ରାଜକନିକା,୧୦।୬(ସମିସ): ସାରା ଦେଶରେ ତୈଳ ସଙ୍କଟ ଲାଗି ରହିଥିବା ବେଳେ ରାଜକନିକାର ସମସ୍ତ ୬ଟି ପେଟ୍ରୋଲ ପମ୍ପରେ ଏହାର ବହୁଳ ପ୍ରଭାବ ପଡ଼ିଛି । ପ୍ରଥମେ ପେଟ୍ରୋଲ କଟକଣା ଲାଗୁ ରହିଥିବା ବେଳେ ଏବେ ଡିଜେଲ ସଙ୍କଟ ସାଧାରଣ ପରିବହନ, ଟ୍ରାକ୍ଟର ହଳ, ଚିଙ୍ଗୁଡ଼ି ଚାଷ, ପୋଖରୀ ଖୋଳା ପାଇଁ ବ୍ୟବହୃତ ପ୍ରୋକଲିନ ଚଳାଚଳ ପ୍ରଭାବିତ ହୋଇଛି । ରାଜକନିକା ସଦରର ପମ୍ପରେ ୫ହଜାର ଟଙ୍କା ମଧ୍ୟରେ ଜାର୍‌ରେ ଡିଜେଲ ଦେବାର ନିୟମ କରିଥିବା ଟାଙ୍କି ମାଲିକ ଏବେ ୧ହଜାର ଟଙ୍କା ଭିତରେ ଡିଜେଲ ଦେଉଛନ୍ତି । ଫଳରେ ଅତି ଆବଶ୍ୟକୀୟ ଉପରୋକ୍ତ ଯନ୍ତ୍ର ପରିଚାଳନା ପାଇଁ ଡିଜେଲ ନ ମିଳିବା ଚୋରା କାରବାରକୁ ପ୍ରୋତ୍ସାହନ ଦେଇଛି । ଚାଷର ହଳ ପାଇଁ ଘଣ୍ଟାକୁ ୮୪୦ ଟଙ୍କା ହିସାବରେ ଚାଷୀ ଦେଉଥିବା ବେଳେ ଡିଜେଲ ଅଭାବ ପାଇଁ ଘଣ୍ଟାକ ହଳ ପାଇଁ ଏବେ ୧୧୦୦ ଟଙ୍କା ଦାବି କରୁଛନ୍ତି । ସେହିପରି ଡିଜେଲ ସଂଗ୍ରହ ପାଇଁ ଜଣେ ଜଣେ ମାଲିକ ବିଭିନ୍ନ ଟାଙ୍କି ଦୌଡ଼ି ଡିଜେଲ ସଂଗ୍ରହ କରୁଛି । ପରିବହନକୁ ବାଧା ଦେଉଥିବା ରାଜକନିକା ତେଲ ଟାଙ୍କି ମାନଙ୍କର ଏହି ପରି ନିୟମରେ ଏବେ ଟ୍ରାକ୍ଟର, ଜେସିବି, ଟ୍ରକ୍, ଅଟୋ ଭଳି ଯାନ ଟାଙ୍କିକୁ ଯାଇ ତେଲ ଭରୁ ଥିବା ବେଳେ ଅନ୍ୟ ସମସ୍ତ ଡିଜେଲ ଚାଳିତ ଯନ୍ତ୍ର ଯାହା ଟାଙ୍କି ଯାଏ ଯାଇ ପାରିବ ନାହିଁ, ତା' ପାଇଁ ଜାର୍‌ରେ ତେଲ ନେବାର କଟକଣା ବହୁ ସମସ୍ୟା ସୃଷ୍ଟି କରିଛି । ରାଜକନିକା ଅଞ୍ଚଳରେ ଗଢ଼ି ଉଠିଥିବା ବହୁ ସଂଖ୍ୟାରେ ଚିଙ୍ଗୁଡ଼ି ଚାଷ ପାଇଁ ଦୈନିକ ହଜାର ହଜାର ଲିଟର ଡିଜେଲର ଆବଶ୍ୟକତା ଥିବା ବେଳେ ଡିଜେଲର ଏହି ଅଭାବ ଦୂର ପାଇଁ ଯୋଗାଣ ବିଭାଗ ନଜର ଦେବାକୁ ଦାବି ହୋଇଛି । ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଯେଉଁ କେତେକ ଚୋରା ତେଲ ବେପାରୀ ଦର ବଢ଼ିବା ଆଶଙ୍କାରେ କିଛି ଡିଜେଲ ମହଜୁଦ ରଖିଛନ୍ତି ତାହାକୁ ସେ ଏବେ ଚଡ଼ା ଦର ଅର୍ଥାତ୍ ଲିଟର ପ୍ରତି ୧୪୦ ଟଙ୍କାରେ ବିକୁଛନ୍ତି । ଚୋରା ବେପାରକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକୀୟ ତେଲ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି ।

# ବ୍ରାହ୍ମଣ ମହାସଙ୍ଘର ଆଞ୍ଚଳିକ ସାଂଗଠନିକ ସଭା



କେନ୍ଦ୍ରାପଡ଼ା,୧୦।୬(ସମିସ): କେନ୍ଦ୍ରାପଡ଼ା ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଙ୍ଘର ତୃତୀୟ ଆଞ୍ଚଳିକ ସାଂଗଠନିକ ସଭା ନିକିରାଇସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି । ଏହି ସଭାରେ ବିଭିନ୍ନ ବକ୍ତା ସମାଜର ଏକତା, ସଂସ୍କୃତିର ସଂରକ୍ଷଣ ଏବଂ ଯୁବପିଢ଼ିଙ୍କ ସକ୍ରିୟ ଭୂମିକା ଉପରେ ମତ ରଖିଥିଲେ । ପଣ୍ଡିତ ଉମାକାନ୍ତ ପଣ୍ଡାଙ୍କ ଆବାହକତ୍ୱ ଏବଂ ବ୍ଲକ ମହାସଙ୍ଘର ସଭାପତି ଜଗବନ୍ଧୁ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପଣ୍ଡିତ ଅକ୍ଷୟ କୁମାର ତ୍ରିପାଠୀ ବେଦପାଠ କରିଥିବା ବେଳେ ଜିଲ୍ଲା ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ମୁଖ୍ୟବକ୍ତା ଭାବେ ଜିଲ୍ଲା କୋଷାଧ୍ୟକ୍ଷ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା, ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ସରୋଜକାନ୍ତ ପଣ୍ଡା ଯୋଗଦେଇଥିଲେ । ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଜିଲ୍ଲା ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ବିଭିନ୍ନ ସାମାଜିକ ପ୍ରସଙ୍ଗ ଉପରେ ମତ ରଖିଥିଲେ । ଆଞ୍ଚଳିକ ଯୁବବାହିନୀ ସଂଯୋଜକ ସାଇସ୍ୱରାଜ ଶତପଥୀ ଯୁବପିଢ଼ିଙ୍କୁ ଗାଁ ଗାଁରେ ସଭାସମିତି ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ । ଆଲୋଚନା ପର୍ବରେ ରାମଚନ୍ଦ୍ର ପତି, ଶିକ୍ଷାବିତ୍ ସୀତାକାନ୍ତ ମିଶ୍ର, ପ୍ରଫୁଲ୍ଲ କୁମାର ଶତପଥୀ, ରତିକାନ୍ତ ତ୍ରିପାଠୀ ଓ ବିଭୁଦତ୍ତ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଯୁବବାହିନୀ ସମ୍ପାଦକ ଜିତେନ୍ଦ୍ର କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜକ ଦୀପକ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ । ଦେବଦତ୍ତ ପଣ୍ଡା, ପ୍ରମୋଦ କୁମାର ପଣ୍ଡା, ରୁଦ୍ର ପ୍ରକାଶ ଶତପଥୀ, ବାବାଜୀ ଚରଣ ଉପାଧ୍ୟାୟ, କେଶବ ଚନ୍ଦ୍ର ପତି, ଆଲୋକ ପତି, ଅକ୍ଷୟ କୁମାର ଦାଶ, ନରେନ୍ଦ୍ର କୁମାର ତ୍ରିପାଠୀ, ଦୀପ୍ତିକାନ୍ତ ପଣ୍ଡା, ଶ୍ରୀନିବାସ ଶତପଥୀ, ସରୋଜ କୁମାର ପଣ୍ଡା ଓ ଭୁବନମୋହନ କରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଶାସନ ଗ୍ରାମରେ ଅଗ୍ନିକାଣ୍ଡ

ପଟ୍ଟାମୁଣ୍ଡାଇ,୧୦।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ଶାସନ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଛପର ଘର ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ପଟ୍ଟାମୁଣ୍ଡାଇରୁ ଦମକଳ ଗାଡି ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡିନଥିଲେ ମଧ୍ୟ ସଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଛି ବୋଲି ଅନୁମାନ କରାଯାଉଛି । ଆଜି ଦିନ ୧୦ଟା ବେଳେ ଶ୍ରୀ ମହାନ୍ତିଙ୍କ ଘରେ ହଠାତ ନିଆଁ ଲାଗିଯାଇଥିଲା । ଅଗ୍ନିକାଣ୍ଡ ଖବର ପାଇ ଶାସନ ଗାଁ ଲୋକମାନେ ସେଠାରେ ପହଞ୍ଚି ନିଆଁ ଲିଭେଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ଯାହା ଫଳରେ ଘରେ ଥିବା ନଗଦ ୫୦ହଜାର ଟଙ୍କା ସୁନା ରୁପା, ଫ୍ରିଜ, ଟିଭି, ଖଟ, ଜମିଜମା ରେକର୍ଡ ପତ୍ର, ବ୍ୟାଙ୍କ ବହି ପ୍ରଭୃତି ପୋଡ଼ି ପାଉଁଶ ହୋଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ନିଗମାନନ୍ଦଙ୍କ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୦।୬(ସମିସ): ପୁରୀ ନୀଳାଚଳ ସାରସ୍ୱତ ସଂଘ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଣ୍ଡପଡ଼ା ସାରସ୍ୱତ ସଂଘ ସଭାପତି ଖଗେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ପରମହଂସଦେବଙ୍କ ବାର୍ଷିକ ଉତ୍ସବ ବାଛରା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୀଳାଚଳ ସାରସ୍ୱତ ସଂଘର ପରିଚାଳକ ଶରତ ଚନ୍ଦ୍ର ସିଂହଦେଓ କେନ୍ଦ୍ର ପ୍ରତିନିଧି ଭାବେ ଯୋଗ ଦେଇଥିଲେ । ଜଗନ୍ନାଥପୁର ସାରସ୍ୱତ ସଂଘର ମୁନା ଭାଇଙ୍କ ସହ ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସାରସ୍ୱତ ସଂଘର ଭକ୍ତବୃନ୍ଦଙ୍କ ସହିତ ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନେ ଯୋଗ ଦେଇଥିଲେ । ଏଇ ଅବସରରେ ନାମ ସଂକୀର୍ତ୍ତନ, ଗୁରୁ ବଂଦନା ପୂଜାର୍ଚ୍ଚନା ଓ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା

# ମହାବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ରାଜନଗର,୧୦।୬(ସମିସ): ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତବର୍ଷ +୨ କଳା, ବାଣିଜ୍ୟ, ବିଜ୍ଞାନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅମିୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ଅଧ୍ୟାପକ ପର୍ଶୁରାମ ନାଥ, +୨ ପରିକ୍ଷା ଅଧିକାରୀ ଅଧ୍ୟାପକ ସନ୍ଦୀପ୍ କୁମାର ମହାପାତ୍ର, ପ୍ରସନ୍ନ କୁମାର ଦାସ, ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ମହାବିଦ୍ୟାଳୟ ବରିଷ୍ଠ କିରାଣୀ ପ୍ରଦୀପ୍ତ ମିଶ୍ର ଉପସ୍ଥିତ ଥିଲେ । +୨ କଳା ବିଭାଗ ରେ ଚିନ୍ମୟୀ ଦାସ ମୋଟ୍ ୬୦୦ ମାର୍କ ରୁ ୪୮୭ ମାର୍କ ୮୧ଧ ପ୍ରତିଶତ ମାର୍କ ରଖି ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ବାଣିଜ୍ୟ ବିଭାଗରେ ଧିରେନ୍ଦ୍ର ସାମନ୍ତରାୟ ୫୩୮ ମାର୍କ ୯୦ଧ ପ୍ରତିଶତ ମାର୍କ ରଖିଛନ୍ତି । ସେହିପରି ବିଜ୍ଞାନ ବିଭାଗରେ ମାନସୀ ରାଉତ ସର୍ବାଧିକ ୫୪୩ ମାର୍କ ୯୧ଧ ପ୍ରତିଶତ ମାର୍କ ରଖିଛନ୍ତି । ଏହି ସଭାରେ କୃତିତ୍ୱ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତରୀୟ ଉପଢୌକନ ପୁଷ୍ପଗୁଚ୍ଛ ଦେଇ ଅଧକ୍ଷ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ୬ ମାସ ହେଲା ମିଳୁନି ପାଣି; ରାଜନଗର ଗ୍ରାମବାସୀ

ପଞ୍ଚୁପାଣ୍ଡବ,୧୦।୬(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ରାଜନଗର ଗ୍ରାମରେ ଥିବା କେଳା ସମ୍ପ୍ରଦାୟର ଲୋକେ ଛଅ ମାସ ହେଲା ପାଣି ପାଉନଥିବା ଅଭିଯୋଗ ହୋଇଛି । ରାଜନଗର ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ ଥିବା ଉଚ୍ଚ ପାଣି ଟାଙ୍କିରୁ ଧୀମେଇ ଧୀମେଇ ଚାଲିଛି ପାଣି । ଏହି ଗ୍ରାମରେ ଥିବା ପାଣି ଟାଙ୍କିର କେବେ ଯାନ୍ତ୍ରିକ ତ୍ରୁଟି ହେଉ ଥିବା ବେଳେ କେବେ ମିଟରର ରିଚାର୍ଜ ସରି ଯାଉଛି ଏବଂ



ଗ୍ରାମର ଶେଷ ମୁଣ୍ଡକୁ ପାଣି ପହଞ୍ଚି ନଥିବା ଅଭିଯୋଗ ହେଉଛି । ପ୍ରଶାସନ ଅଧିକାରୀ ଏବଂ ଛତା ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଗ୍ରାମର ହଜାର ହଜାର ଲୋକ ପାଣି ପାଇଁ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି । ଏହି ପଞ୍ଚାୟତର ରାଜନଗର ଗ୍ରାମର ଶେଷ ମୁଣ୍ଡରେ କେଳା ସମ୍ପ୍ରଦାୟର ପ୍ରାୟ ପାଞ୍ଚ ରୁ ଛଅ ପରିବାର ଲୋକେ ରହୁଛନ୍ତି । ଏଠାରେ ଛଅ ମାସ ଏହି ଟାଙ୍କିରୁ ପାଣି ଆସୁଥିଲା କିନ୍ତୁ ଛଅ ମାସ ହେଲା ଆଉ ପାଣିର ଦେଖା ନାହିଁ । ନିକଟରେ ଥିବା ଗୋବରୀ ନଦୀରୁ ପାଣି ଆଣି ବ୍ୟବହାର କରନ୍ତି । ଏହି ପଞ୍ଚାୟତର କେତେକ ବ୍ୟକ୍ତି ଏହି ପାଣି ଟାଙ୍କିରୁ ଯାଇଥିବା ପାଇପ୍‌ରୁ ଚୋରାରେ ପାଣି ନେଇ ପରିବା ଚାଷ କରୁଥିବା ବେଳେ ଗରିବ ଲୋକଟିଏ ପାଣି ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି । ଏମାନଙ୍କର ନିଜ ନାମରେ ଜମି ନଥିବାରୁ ସରକାରୀ ଘର ପାଇ ପାରୁ ନାହାଁନ୍ତି । ଦୀର୍ଘ ବର୍ଷ ଧରି ରହି ଏମାନଙ୍କର ଏହି ପଞ୍ଚାୟତରେ ଆଧାର, ପରିଚୟ ପତ୍ର, ରାସନ କାର୍ଡ ଏବଂ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ପାଣି ଓ ଘର ପାଇବାରେ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ କରାଯାଇ ସରକାରଙ୍କ ତରଫରୁ ଜମି ଯୋଗାଇ ଦେବା ସହ ପାଣିର ବ୍ୟବସ୍ଥା କରିବା ପାଇଁ ବାବୁନା ଦାସ, ଟୁକୁନା ଦାସ, ରଞ୍ଜନ ଦାସ, କ୍ଷୀର ଦାସ, ବୁବୁନା ଦାସ ଓ ସୁଜିତ୍ ବାରିକ ଦାବି କରିଛନ୍ତି ।

# ତହସିଲ ବାରଣ୍ଡାରେ ଚାର୍ଜ ହେଉଛି ସ୍କୁଟି



ରାଜକନିକା,୧୦।୬(ସମିସ): ସବୁବେଳେ ଅନିୟମିତତା ଓ ଅବହେଳାର ଶିରୋନାମା ପାଲଟିଥିବା କନିକା ତହସିଲରେ ଆଉ ଏକ ରୋଚକ ଖବର ସାମ୍ନାକୁ ଆସିଛି । କନିକା ତହସିଲର ରେକର୍ଡରୁମ ବାରଣ୍ଡାରେ ସବୁଦିନ ଏକ ଇଲେକଟ୍ରିକ ସ୍କୁଟି ଚାର୍ଜ ହେଉଥିବା ଦେଖିବାକୁ ମିଳିଛି । ସରକାରୀ ଅଫିସରେ ସରକାରଙ୍କ ବିଜୁଳି ବିଲ୍‌ରେ ଜଣେ କର୍ମଚାରୀଙ୍କ ସ୍କୁଟି ଚାର୍ଜ ହେବା ଭଳି ଅପରାଧିକ ଖବର ସବୁ କର୍ମଚାରୀ ଦେଖି ଆସୁଥିଲେ ବି କେହି ଏହାକୁ ବିରୋଧ ନ କରିବା ସବୁଠୁ ସମ୍ବେଦନଶୀଳ ସାବ୍ୟସ୍ତ ହୋଇଛି । ସରକାରୀ ତହବିଲରୁ ବିଜୁଳି ବିଲ ଭରା ଯାଉଥିବା ବେଳେ ଜଣେ କର୍ମଚାରୀ ଅଭ୍ୟାସଗତ ଭାବରେ ଏହି ଭଳି ସ୍କୁଟି ଚାର୍ଜ କରିବାର ଧାରା ଜାରି ରଖିଥିବାରୁ ଏହାକୁ ବନ୍ଦ କରି ସାଧାରଣ ସ୍ୱାର୍ଥ ରକ୍ଷା କରିବାକୁ ଦାବୀ ହେଉଛି ।

# ରାଜନଗରରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ

ରାଜନଗର,୧୦।୬(ସମିସ): ରାଜନଗର ବ୍ଲକ୍‌ରେ ଏସ୍‌ଆଇଆର ପକ୍ରିୟା ଆରମ୍ଭ ହୋଇଛି । ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ନିକଟରୁ ଏହା ଆରମ୍ଭ ହୋଇଛି । ବିଧାୟକଙ୍କ ଗାଁ ବେଲପାଳରେ ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ବିଡିଓ ଅଶୋକ କୁମାର ମହାନ୍ତି, ବିଏସ୍‌ଏସ୍‌ଓ ମନୋଜ କୁମାର ଦାସ ଓ ସେହି ଗାଁର ବୁଥ୍ ଲେବୁଲ ଅଫିସରମାନେ ବିଧାୟକଙ୍କ ଘରେ ପହଞ୍ଚି ଏସ୍‌ଆଇଆର୍ ପ୍ରକ୍ରିୟାରେ ପଞ୍ଜୀକରଣ କରିଛନ୍ତି । ଫର୍ମ ପୂରଣ କରିବା ସହ ଅଧିକାରୀ ବ୍ୟବସ୍ଥା ଅନୁଯାୟୀ ପ୍ରଶ୍ନ ପଚାରିବା ପରେ ନାଁ ପଞ୍ଜିକୃତ କରିଥିଲେ । ବିଧାୟକଙ୍କ ସହିତ ତାଙ୍କ ପରିବାର ସଦସ୍ୟଙ୍କ ନାମ ମଧ୍ୟ ପଞ୍ଜିକୃତ କରିଥିଲେ । ପ୍ରତ୍ୟେକ ଭାରତୀୟ ନିଜର ନାଁ ଭୋଟର ତାଲିକାରେ ଦରଜ କରିବା ସହିତ ସମସ୍ତେ ଏଥିରେ ସହଯୋଗ କରିବା ପାଇଁ ବିଧାୟକ ନିବେଦନ କରିଛନ୍ତି ।

**ଗୌରାଙ୍ଗ ସେଠୀ ହତ୍ୟା ମାମଲା**

# ଜାତୀୟ କମିସନଙ୍କ ହସ୍ତକ୍ଷେପ; ଆଇଜିପିଙ୍କୁ ନୋଟିସ୍

କେନ୍ଦ୍ରାପଡ଼ା,୧୦।୬(ସମିସ)

ଆଳି ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ଯୁବକ ଗୌରାଙ୍ଗ ସେଠୀଙ୍କ ଅପହରଣ ଓ ସନ୍ଦେହଜନକ ହତ୍ୟା ଘଟଣା ଏବେ ଜାତୀୟ ସ୍ତରରେ ଗୁରୁତ୍ୱ ହାସଲ କରିଛି । ପୀଡ଼ିତ ପରିବାରର ଅଭିଯୋଗ ଏବଂ ବିଭିନ୍ନ ସାମାଜିକ ସଂଗଠନର ଆଇନଗତ ହସ୍ତକ୍ଷେପ ପରେ ଜାତୀୟ ଅନୁସୂଚିତ ଜାତି କମିଶନ (ଏନ୍‌ସିଏସସି) ମାମଲାକୁ ଗୁରୁତ୍ୱର ସହ ନେଇ କଟକ କେନ୍ଦ୍ରୀୟ ରେଞ୍ଜ ଆଇଜିପିଙ୍କୁ ନୋଟିସ୍ ଜାରି କରିଛନ୍ତି । ଘଟଣା ସମ୍ପର୍କିତ ଆକ୍ସନ ଟେକେନ୍ ରିପୋର୍ଟ (ଏଟିଆର) ୧୫ ଦିନ ମଧ୍ୟରେ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୩୩୮ ଅନୁଯାୟୀ ପ୍ରଦତ୍ତ ସାମ୍ବିଧାନିକ କ୍ଷମତା ବଳରେ ଜାତୀୟ ଅନୁସୂଚିତ ଜାତି କମିଶନ ଏହି ମାମଲାରେ ସିଧାସଳଖ ହସ୍ତକ୍ଷେପ କରିଥିବାରୁ ଘଟଣାଟି ଅଧିକ ଗୁରୁତ୍ୱ ପାଇଛି । କମିଶନ ପକ୍ଷରୁ ଏଫ୍‌ଆଇଆର୍ ନମ୍ବର, ଲାଗୁ ହୋଇଥିବା ଧାରା, ଅଭିଯୁକ୍ତଙ୍କ ବିବରଣୀ, ଗିରଫ ସମ୍ପର୍କିତ ତଥ୍ୟ, ଚାର୍ଜସିଟର ସ୍ଥିତି, ତଦନ୍ତର ଅଗ୍ରଗତି ଏବଂ ଏସ୍‌ସି-ଏସ୍‌ଟି ଅତ୍ୟାଚାର ନିବାରଣ ଆଇନ ଅନୁଯାୟୀ ପୀଡ଼ିତ ପରିବାରକୁ ପ୍ରଦାନ କରାଯାଇଥିବା ସହାୟତା ସମ୍ପର୍କରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି । କମିଶନ ସ୍ପଷ୍ଟ କରିଛନ୍ତି ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ ନ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସାମ୍ବିଧାନିକ କ୍ଷମତା ବଳରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରେ ।

ଅନ୍ୟପକ୍ଷରେ, ଗୌରାଙ୍ଗ ସେଠୀଙ୍କ ନିଖୋଜ ପରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରାରମ୍ଭିକ ତଦନ୍ତରେ ବିଳମ୍ବ ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ପରେ ପେତପଡ଼ା ପଞ୍ଚାୟତ ବାରମାଣିଆ ଭେଡ଼ା ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର ହୋଇଥିବା କଙ୍କାଳ ସଦୃଶ ମୃତଦେହକୁ ନେଇ ମଧ୍ୟ ବିଭିନ୍ନ ପ୍ରଶ୍ନ ଉଠିଛି । ମାତ୍ର ଆଠ ଦିନ ମଧ୍ୟରେ ମୃତଦେହର ଅସ୍ୱାଭାବିକ ପଚନ, ପ୍ରଥମେ ଜଣେ ଅଭିଯୁକ୍ତ ତା'ପରେ ୭ ଅଭିଯୁକ୍ତ ଗିରଫ ହୋଇଥିଲେ ମଧ୍ୟ ମୃତଦେହ ଉଦ୍ଧାରରେ ବିଳମ୍ବ, ଅନ୍ୟ ଅଭିଯୁକ୍ତଙ୍କ ଗିରଫରେ ମନ୍ଥରତା ଏବଂ ଫରେନସିକ୍ ପରୀକ୍ଷାକୁ ନେଇ ଏକାଧିକ ପ୍ରଶ୍ନ ସାମ୍ନାକୁ ଆସିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉଦ୍ଧାର ହୋଇଥିବା ମୃତଦେହ ପ୍ରକୃତରେ ଗୌରାଙ୍ଗ ସେଠୀଙ୍କର କି ନୁହେଁ, ତାହା ସୁନିଶ୍ଚିତ କରିବା ପାଇଁ ତାଙ୍କ ପିତା ଅରୁଣ ସେଠୀଙ୍କ ଡିଏନ୍‌ଏ ନମୁନା ସଂଗ୍ରହ ହୋଇନଥିବା ନେଇ ଉଠିଥିବା ଅଭିଯୋଗ ତଦନ୍ତର ସ୍ୱଚ୍ଛତା ଉପରେ ନୂଆ ପ୍ରଶ୍ନ ଛିଡ଼ା କରିଛି । ଏପରି ସ୍ଥିତିରେ ଆମ୍ବେଦକର ସେବକ ସଂଘ ଏବଂ ଏସ୍‌ସି-ଏସ୍‌ଟି ସମନ୍ୱୟ କମିଟି ପକ୍ଷରୁ କ୍ରାଇମବ୍ରାଞ୍ଚ କିମ୍ବା ଅନ୍ୟ କୌଣସି ସ୍ୱାଧୀନ ଏଜେନ୍ସି ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ଜୋରଦାର ହୋଇଛି । ସ୍ଥାନୀୟ ପୁଲିସ ଉପରେ ଜନସାଧାରଣଙ୍କ ବିଶ୍ୱାସ କମିଥିବାରୁ ନିରପେକ୍ଷ ତଦନ୍ତ ହିଁ ପ୍ରକୃତ ସତ୍ୟକୁ ପଦାକୁ ଆଣିପାରିବ ବୋଲି ସଂଗଠନଗୁଡ଼ିକ ମତ ପ୍ରକାଶ କରିଛନ୍ତି । ଏହି ନ୍ୟାୟ ଆନ୍ଦୋଳନକୁ ରାଜ୍ୟର ବିଭିନ୍ନ ଜିଲ୍ଲାର ଦଳିତ, ଆଦିବାସୀ ଏବଂ ସାମାଜିକ ସଂଗଠନଗୁଡ଼ିକ ବ୍ୟାପକ ସମର୍ଥନ ଜଣାଇଥିବା ବେଳେ, ଦୋଷୀମାନଙ୍କୁ କୌଣସି ପ୍ରକାର ପ୍ରଶାସନିକ କିମ୍ବା ରାଜନୈତିକ ସୁରକ୍ଷା ନ ଦେବାକୁ ଦାବି କରାଯାଇଛି । ଜାତୀୟ କମିଶନଙ୍କ ହସ୍ତକ୍ଷେପ ପରେ ଗୌରାଙ୍ଗ ସେଠୀ ହତ୍ୟା ମାମଲାର ତଦନ୍ତ ଏବେ ନୂଆ ମୋଡ଼ ନେଇଥିବା ବେଳେ, ପ୍ରକୃତ ସତ୍ୟ ଉନ୍ମୋଚନ ଏବଂ ଦୋଷୀଙ୍କୁ ଦଣ୍ଡ ଦେବା ଦିଗରେ ଆଗାମୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି ।

ସକାଳ
THE SAKALA

# ସମ୍ପାଦକୀୟ



ଲୋକମାନେ ଯାହା ଶୁଣିବାକୁ ଚାହାନ୍ତି ନାହିଁ, ତାହା ସେମାନେ ପରିପ୍ରକାଶ କରିବାର ଅଧିକାର ହିଁ ସ୍ୱାଧୀନତା
-ଜର୍ଜ ଅରୱେଲ୍

## ନଦୀର ଅପମୃତ୍ୟୁ!

ନଦୀମାତୃକାର ଦେଶ ଭାବେ ପରିଗଣିତ ହେଉଥିବା ଭାରତରେ ନଦୀସମୂହଙ୍କ ସ୍ଥିତି ଅତି ଶୋଚନୀୟ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ରିପୋର୍ଟ ଅନୁସାରେ ଦେଶର ୨୭୧ ନଦୀର ୨୯୬ ବିଭିନ୍ନ ଜଳଖଣ୍ଡ (ଷ୍ଟ୍ରେଚ୍)ରେ ପ୍ରଦୂଷିତ ଏବଂ ମଣିଷ ଓ ଜୀବଜନ୍ତୁଙ୍କ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ। ଓଡ଼ିଶା ଏହି ତାଲିକାରେ ଷଷ୍ଠରେ ରହିଛି। ରାଜ୍ୟର ପ୍ରମୁଖ ନଦୀ ଯଥା, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ନାଗାବଳୀ ଓ ଋଷିକୂଲ୍ୟା ତଥା ଏହାର ଉପ ଏବଂ ଶାଖାନଦୀଗୁଡ଼ିକ ବିଭିନ୍ନ ସ୍ଥାନରେ ପ୍ରଦୂଷିତ। ଓଡ଼ିଶାର ୭ ଟି ନଦୀ ବିଭିନ୍ନ ଖଣ୍ଡରେ ଗୁରୁତର ପ୍ରଦୂଷିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସମଗ୍ର ଦେଶର ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନଦ-ନଦୀମାନ ବିଭିନ୍ନ ସ୍ଥାନରେ ପ୍ରଦୂଷିତ ହୋଇ ଦୀର୍ଘକାଳ ଧରି ବିଷାକ୍ତ ପାଲଟିଥିଲେ ମଧ୍ୟ ଭାରତ ସରକାର କେବଳ ଗଙ୍ଗା ସଫେଇ ଓ ପୁନରୁଦ୍ଧାର ଉପରେ ଦୀର୍ଘକାଳ ଧରି ଲାଗିଛନ୍ତି। ଗତବର୍ଷ କେନ୍ଦ୍ର ସରକାର ଦେଶର ଆଉ କେତେକ ପ୍ରମୁଖ ନଦୀରେ ସଫେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଓଡ଼ିଶାରୁ ଅତି ପ୍ରଦୂଷିତ ବ୍ରାହ୍ମଣୀ ଓ ମହାନଦୀ ସେଥିରେ ସ୍ଥାନ ନ ପାଇବା ଏକ ବିଡ଼ମ୍ବନା।

ଓଡ଼ିଶାର ନଦୀଗୁଡ଼ିକର ପ୍ରଦୂଷଣ ସ୍ଥିତିର ତଥ୍ୟ ଉପସ୍ଥାପନ ଅନାବଶ୍ୟକ। କାରଣ ଏହା ଜଳ ଜଳ ଦିଶୁଛି। କଟକଠାରୁ ତଳକୁ ମହାନଦୀର ଶାଖା କାଠଯୋଡ଼ି, କୁଆଖାଇ, ଦୟା, ଭାର୍ଗବୀ ଆଦି ବର୍ଷର ଅଧିକାଂଶ ସମୟ ଶୁଖିଲା ପଡୁଥିବାରୁ ସେସବୁ ସହରାଞ୍ଚଳର ବର୍ଜ୍ୟ ନିଷ୍କାସନ ସ୍ରୋତ ପାଲଟିଛି। ସେହିଭଳି ସହର ଓ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଓ ପରିତ୍ୟକ୍ତ ଜଳଯୋଗୁଁ ବ୍ରାହ୍ମଣୀ, ମହାନଦୀ ଏବଂ ସେସବୁ ଉପ ଓ ଶାଖାନଦୀ ବିଶେଷ ପ୍ରଦୂଷିତ। ମହାନଦୀ ଏବଂ ବ୍ରାହ୍ମଣୀ ଉପତ୍ୟକାରେ ଅଧିକ ସହର ଓ ଶିଳ୍ପାଞ୍ଚଳ ଥିବାରୁ ଏହା ଜଳ ପ୍ରଦୂଷଣର ଉତ୍ସ ପାଲଟିଛି। ଜାତୀୟ ପରିବେଶ ଓ ସବୁଜ ଆଇ କହୁଛି ଯେ ନଦୀକୁ ଜୀବନ୍ତ ସତ୍ତାଭାବେ ପରିଗଣିତ କରି ଏହାକୁ ସୁରକ୍ଷିତ କରିବାକୁ ହେବ। ବାସ୍ତବତା କହୁଛି ଯେ ଡ୍ୟାମ ଓ ବ୍ୟାରେଜ୍ ଆଦି ଯୋଗୁଁ ନଦୀ ସବୁ ଶୁଷ୍କ ଏବଂ ସହର, ଶିଳ୍ପାଞ୍ଚଳ ଆବର୍ଜନା ଓ ବର୍ଜ୍ୟ ଜଳଯୋଗୁଁ ପ୍ରଦୂଷିତ। ଏ କ୍ଷେତ୍ରରେ ପରସ୍ପର ବିବଦମାନ ସ୍ୱାର୍ଥ ରହୁଛି ଏବଂ ମଣିଷ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ନଦୀ ପ୍ରତି ଉଦାସୀନ ରହୁଛି। ଏହା ଏକ ଗୁରୁତର ଅପରାଧ।



ଏନ୍‌ଜିଟି ଓ ସରକାର ପ୍ରଦୂଷଣର କାରଣ ସଂପର୍କରେ ଯେ ଅଜ୍ଞ, ତାହା ନୁହେଁ। ବାସ୍ତବରେ ଏ କ୍ଷେତ୍ରରେ ଓଡ଼ିଶାରେ ପ୍ରତିକାର ବ୍ୟବସ୍ଥା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନଥିବା ଅନୁଭୂତ ହେଉଛି। ସହର ଓ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଓ ଅପରିଷ୍କାର ପାଣି ସିଧାସଳଖ ନଦୀରେ ମିଶୁଛି। ଆବଶ୍ୟକ ବିଶୋଧନ ପ୍ଲାଣ୍ଟ ବସା ଯାଉନାହିଁ କିମ୍ବା ଏ କ୍ଷେତ୍ରରେ ବିଳମ୍ବ ପ୍ରଦର୍ଶନ କରାଯାଉଛି। ଖଡ଼ଗପୁର ଆଇଆଇଟି ଓଡ଼ିଶାର ନଦୀଜଳ ପ୍ରଦୂଷଣ ସଂପର୍କରେ ଏକ ଅନୁଧ୍ୟାନ ରିପୋର୍ଟ ଦେବା ପରେ ସରକାର କିଛି କାମ ଆରମ୍ଭ କରିଥିଲେ। ହେଲେ ତାହା କିଛିକାଳ ପରେ ଶୀଥିଳ ହୋଇଯାଇଥିଲା। ସିଏଜି ମଧ୍ୟ ଏ ସଂପର୍କରେ ତାଙ୍କ ରିପୋର୍ଟରେ ଚିନ୍ତାପ୍ରକଟ କରି ସରକାରଙ୍କୁ ତାଗିଦ କରିଥିଲେ। ରାଜ୍ୟରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କାମ ହେଲା ସରକାରଙ୍କୁ ରିପୋର୍ଟ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରବର୍ତ୍ତାଇବା। ଏହାଛଡ଼ା ଏହି ବୋର୍ଡ ଅଧିକ କିଛି କରିବା ସ୍ଥିତିରେ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଯେତେ କଠୋର ଏହାର କାର୍ଯ୍ୟକାରିତା ସେତେ ପ୍ରଭାବଶାଳୀ ନୁହେଁ। ଏହାର କାରଣଟି ହେଲା ପ୍ରତିକାର ବ୍ୟବସ୍ଥା ସରକାରଙ୍କ ଦାୟିତ୍ୱ। ସରକାରୀ ତଥ୍ୟ ଅନୁସାରେ ରାଜ୍ୟରେ ଦୈନିକ ପ୍ରାୟ ୩୦୦ ନିୟୁତ ଟନ୍ ବର୍ଜ୍ୟ ସାମଗ୍ରୀ ଓ ଆବର୍ଜନା ବିଭିନ୍ନ ନଦୀଜଳରେ ମିଶୁଥିବାରୁ ଛ'ଟି ପ୍ରମୁଖ ସହର ନିକଟରେ ନଦୀଜଳର ଜୈବ ଅମ୍ଳଜାନ ଅନୁପାତ ବିଗିଡ଼ି ଯାଉଛି ଓ ପାଣି ବିଷାକ୍ତ ପାଲଟୁଛି।

କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ଭଳି ବଡ଼ ସହରର ବର୍ଜ୍ୟବସ୍ତୁକୁ ବିଶୋଧନ କରି ନଦୀକୁ ଛାଡ଼ିବାକୁ ପ୍ଲାଣ୍ଟ ନିର୍ମାଣ କରିବାକୁ ଅତୀତରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଥିଲା। ନଗର ଉନ୍ନୟନ ବିଭାଗ ପକ୍ଷରୁ ମଧ୍ୟ ଅନ୍ୟାନ୍ୟ ସ୍ଥାନରେ ଛୋଟ-ବଡ଼ ଜଳ ବିଶୋଧନ ପ୍ଲାଣ୍ଟ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ କାରଣରୁ ତାହା ହୋଇପାରିନାହିଁ। ଆଶା କରିବା ସରକାର ଓ ମୁଖ୍ୟ ଶାସନ ସଚିବ ଏ କ୍ଷେତ୍ରରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ କିଛି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ନଦୀ ସମୂହଙ୍କୁ ଅପମୃତ୍ୟୁରୁ ବଞ୍ଚାଇବାର ଉଦ୍ୟମ କରିବେ। ପୂର୍ବତନ ରାଜ୍ୟ ସରକାର ମହାନଦୀ ମଧ୍ୟ-ଅବବାହିକାର ଦୁଇ କୂଳରେ ବନୀକରଣ କରି ଏହାର ଜଳଉତ୍ସ ଓ ଜୈବ ବିବିଧତାକୁ ବଢ଼ାଇବାକୁ ଉଦ୍ୟମ କରୁଥିଲେ। ନୂଆ ସରକାର ଆସିବା ପରେ ତାହା ଗତାନୁଗତିକ ରୀତିରେ ସ୍ଥାଣୁ ହୋଇଯାଇଛି। ତେଣୁ ଆଜିର ପ୍ରଥମ ଆବଶ୍ୟକତା ହେଲା ନଦୀଶଯ୍ୟା ଓ ଏହାର ଜଳ ଉତ୍ସକୁ ସୁରକ୍ଷିତ ରଖିବା। କ୍ରମବର୍ଦ୍ଧିଷ୍ଣୁ ଭୁବନେଶ୍ୱର ମହାନଗରୀର ଜଳ ଆବଶ୍ୟକତା ପୂରଣ ପାଇଁ ସାତକୋଶିଆର ବଡ଼ମୂଳରୁ ପାଇପ ଯୋଗେ ପାଣି ଆଣିବାର ଉଦ୍ୟମ ହେଉଛି। କୁଆଖାଇ, ଦୟା ଆଦି ଶୁଖିଯାଇ ଅଧାମଲାନଦୀ ପାଲଟିଥିବାରୁ ଏତେଦୂରରୁ ପାଣି ଆଣିବାର ଆବଶ୍ୟକତା ଦେଖାଦେଇଛି।

ନଦୀ ଓ ଏହାର ଜଳଉତ୍ସର ସୁରକ୍ଷାର ଗୁରୁତ୍ୱ ବୁଝାଇବା ଅନାବଶ୍ୟକ। ନଦୀ ମରିଗଲେ ବା ବିଷାକ୍ତ ପାଲଟିଲେ ସଭ୍ୟତା ମରିଯାଏ ଓ ପରିବେଶର ବିନାଶ ଘଟେ, ଏ କଥା ସମସ୍ତଙ୍କୁ ଜଣା। ଏକ ପ୍ରଗତିଶୀଳ ଓ ସମୃଦ୍ଧ ରାଜ୍ୟ ଗଠନରେ ନଦୀର ଭୂମିକାକୁ ଅଗ୍ରାଧିକାର ଦିଆଯିବା ଉଚିତ। ସଭ୍ୟତା ଓ ସଂସ୍କୃତିର ଜୀବନରେଖା ନଦୀକୁ ବଞ୍ଚାଇବାକୁ ପଡ଼ିବ।

# ଆଇସିୟୁରେ ପରୀକ୍ଷା ବ୍ୟବସ୍ଥା

**ଶ୍ରୀବତ୍ସ ନାୟକ**

ଭାରତରେ ଶିକ୍ଷା ଏବଂ ନିଯୁକ୍ତି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବା ଘଟଣା ଏକ ଦୀର୍ଘସ୍ଥାୟୀ ବ୍ୟାଧିରେ ପରିଣତ ହେଲାଣି। ପରୀକ୍ଷାକୁ ନେଇ ସରକାର ନୀତି ନିର୍ଦ୍ଧାରଣ କରୁଛନ୍ତି, ଏସ୍‌ଓପି ଜାରି କରୁଛନ୍ତି, ବଡ଼ବଡ଼ ସରକାରୀ ବାବୁମାନେ ଦାୟିତ୍ୱ ନେଉଛନ୍ତି। ଏ ସବୁ ସତ୍ତ୍ୱେ ଜାତୀୟସ୍ତରର ବଡ଼ବଡ଼ ପ୍ରତିଯୋଗିତାମୂଳକ ପରୀକ୍ଷାଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ପର୍ଯ୍ୟନ୍ତ ସବୁଠି ପ୍ରଶ୍ନପତ୍ର ପ୍ରଘଟ ଘଟଣାମାନ ଦେଖିବାକୁ ମିଳୁଛି। ବାରମ୍ବାର ଘଟୁଥିବା ଏହି ଦୁର୍ନୀତି ସ୍ପଷ୍ଟ କରୁଛି ଯେ ଆମର ସମଗ୍ର ପରୀକ୍ଷା ପରିଚାଳନା ବ୍ୟବସ୍ଥା ଏବେ ଅତି ସଂକଟଜନକ ସ୍ଥିତିରେ ବା 'ଆଇସିୟୁ' ଭିତରେ ଗତି କରୁଛି, ଯାହାକୁ ତୁରନ୍ତ ଜରୁରୀକାଳୀନ ଚିକିତ୍ସାର ଆବଶ୍ୟକତା ରହିଛି।

ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଦେଶରେ ଶିକ୍ଷାକୁ ସଫଳତାର ସବୁଠାରୁ ବଡ଼ ମାଧ୍ୟମ ବୋଲି ବିଚାର କରାଯାଏ। ବିଶେଷକରି ମେଡିକାଲ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ହେଉଥିବା 'ନିଟ୍' ପରୀକ୍ଷା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏହା ଦେଶର ଲକ୍ଷ ଲକ୍ଷ ଗରିବ, ମଧ୍ୟବିତ୍ତ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଡାକ୍ତର ହେବାର ସ୍ୱପ୍ନ ସହ ଜଡ଼ିତ। କିନ୍ତୁ ନିକଟ ଅତୀତରେ 'ନିଟ୍' ପରୀକ୍ଷାରେ ଘଟିଥିବା ବ୍ୟାପକ ପ୍ରଶ୍ନପତ୍ର ଲିକ୍, ଦୁର୍ନୀତି ଓ ଦ୍ୱାଦଶ ବାର୍ଷିକ ପରୀକ୍ଷା ମୂଲ୍ୟାୟନରେ ଅନିୟମିତତା ଜାତୀୟସ୍ତରରେ ଆମ ଶିକ୍ଷା ଓ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ଏହି ଘଟଣା ସ୍ପଷ୍ଟ କରୁଛି ଯେ ଆମର ପରୀକ୍ଷା ପରିଚାଳନା କରୁଥିବା ଶୀର୍ଷ ସଂସ୍ଥା ଏବଂ ସମଗ୍ର ବ୍ୟବସ୍ଥା ଏବେ ଏକ ସାଂଘାତିକ ବିଫଳତା ଦେଇ ଗତି କରୁଛି।

ପ୍ରଶ୍ନପତ୍ର ପ୍ରଘଟ ହେବା ପଛରେ କେବଳ କିଛି ଅସାଧୁ ବ୍ୟକ୍ତି ନାହାନ୍ତି, ବରଂ ଏକ ସୁସଂଗଠିତ 'ଲିକ୍ ମାଫିଆ' ବା ସିଣ୍ଡିକେଟ୍ କାମ କରୁଛି। ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପ୍ରିଣ୍ଟିଂ ପ୍ରେସ୍, ପରିବହନ ଓ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଏହି ଅଦୃଶ୍ୟ ଚେନ୍‌ର ଚେର ବହୁତ ଗଭୀରକୁ ଯାଇଛି। ଡିଜିଟାଲ୍ ଯୁଗରେ ଟେକ୍ନୋଲୋଜିର ବ୍ୟବହାର ସୁରକ୍ଷା ବଢ଼ାଇବା ପରିବର୍ତ୍ତେ ମାଫିଆମାନଙ୍କ ପାଇଁ କିଛି ମିନିଟ୍‌ର ପ୍ରଶ୍ନପତ୍ର ଭାଇରାଲ୍ କରିବାର ସହଜ ମାଧ୍ୟମ ସାଜିଛି। ସରକାରୀ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରୋତ୍ସାହନ ବିନା ଏହା ସମ୍ଭବ ନୁହେଁ। ଯେଉଁଠି ମେଧା ଓ ଯୋଗ୍ୟତା ଆଧାରରେ ଭବିଷ୍ୟତ ନିର୍ଦ୍ଧାରଣ ହେବା କଥା, ସେଠାରେ କୋଟି କୋଟି ଟଙ୍କାର ବିନିମୟରେ ପ୍ରଶ୍ନପତ୍ର ବିକ୍ରି ହେଉଛି। ଏହା ଶିକ୍ଷା ବ୍ୟବସ୍ଥାରେ ଏକ ପ୍ରକାର 'ମେଧାର ଗଣହତ୍ୟା' ସଦୃଶ।

ନିଟ୍, ୟୁଜିସି-ନେଟ୍ ଭଳି ସମ୍ବେଦନଶୀଳ ପରୀକ୍ଷା ପରିଚାଳନାର ଦାୟିତ୍ୱ ପାଇଥିବା 'ଜାତୀୟ ପରୀକ୍ଷା ସଂସ୍ଥା' ନିଜର ବିଶ୍ୱସନୀୟତା ସମ୍ପୂର୍ଣ୍ଣ ରୂପେ ହରାଇ ବସିଛି। ଏକ ଜାତୀୟ ସଂସ୍ଥାର ପରିଚାଳନା ଓ ପ୍ରସ୍ତୁତିରେ ଏତେ ବଡ଼ ଗଳାବାଟ କେମିତି ରହିଲା? ଯଦି ଏକ ସରକାରୀ ସଂସ୍ଥା ଦେଶର ସବୁଠାରୁ ବଡ଼ ମେଡିକାଲ ପରୀକ୍ଷାକୁ ସ୍ୱଚ୍ଛତାର ସହ ଶେଷ କରିପାରୁ ନାହିଁ, ତେବେ ତା'ର ସ୍ଥିତି ଓ ଆବଶ୍ୟକତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷା ବାତିଲ ହେବା କିମ୍ବା ମାମଲା କୋର୍ଟକୁ ଯିବା ଦ୍ୱାରା ପ୍ରକ୍ରିୟା ବହୁ ବର୍ଷ ବିଳମ୍ବ ହୋଇଥାଏ। ଏହି ସମୟ ଶିକ୍ଷାର୍ଥୀଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସମ୍ପ୍ରତି ତଥ୍ୟ ଅନୁଯାୟୀ, ଭାରତରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ବୃଦ୍ଧି ପାଉଛି। ବିଶେଷକରି ଉତ୍ତରପ୍ରଦେଶ, ରାଜସ୍ଥାନ (କୋଟା) ଭଳି ସ୍ଥାନରେ ପ୍ରତିଦିନ ପରୀକ୍ଷା ଜନିତ ଚାପ ଏବଂ ବ୍ୟବସ୍ଥାର ପ୍ରତାରଣା ସହି ନପାରି ଯୁବପିଢ଼ି ନିଜର ଜୀବନ ହାରୁଛନ୍ତି। ଯେତେବେଳେ ଜଣେ ମଧ୍ୟବିତ୍ତ କିମ୍ବା ଗରିବ ପରିବାରର ମେଧାବୀ ଛାତ୍ର ଦେଖେ ଯେ ତା'ର ବର୍ଷବର୍ଷର ପରିଶ୍ରମ ଅପେକ୍ଷା କାହାର ମୋଟା ଅଙ୍କର ଟଙ୍କା ପରୀକ୍ଷାରେ ଅଧିକ ଯୋଗ୍ୟତା ସାବ୍ୟସ୍ତ କରୁଛି, ସେତେବେଳେ ସେ ଗଭୀର ମାନସିକ ଅବସାଦ ଭିତରକୁ ଚାଲିଯାଏ। ବେକାରୀର ଭୟ ଏବଂ ପରିବାରର ଆଶା ପୂରଣ ନ କରିପାରିବାର ଗ୍ଲାନି ସେମାନଙ୍କୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ କରେ। ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ଘଟଣା ଶିକ୍ଷା ବ୍ୟବସ୍ଥା ଉପରୁ ସମାଜର ଭରସା ସମ୍ପୂର୍ଣ୍ଣ ରୂପେ ତୁଟାଇ ଦେଇଛି। ଲୋକଙ୍କ ମନରେ ଏକ ଧାରଣା ସୃଷ୍ଟି ହେଲାଣି ଯେ, ଆମ ଦେଶରେ ଚାକିରି କିମ୍ବା ଉଚ୍ଚଶିକ୍ଷାରେ ସିଟ୍ କେବଳ ଯୋଗ୍ୟତା ଦ୍ୱାରା ନୁହେଁ, ବରଂ କଳାବଜାରୀ ଦ୍ୱାରା ମଧ୍ୟ କିଣାଯାଇପାରିବ। ଯଦି ଜଣେ ଅଯୋଗ୍ୟ ଛାତ୍ର ଟଙ୍କା ବଳରେ ପ୍ରଶ୍ନପତ୍ର କିଣି 'ନିଟ୍' ପାସ୍ କରେ ଏବଂ ଆଗାମୀ ଦିନରେ ଡାକ୍ତର ହୁଏ ତେବେ ସେ ଦେଶର ନାଗରିକଙ୍କୁ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇବ? ଏହା ସୁଦୂରପ୍ରସାରୀ ଭାବେ ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧ୍ୱଂସ କରିଦେବ।

ଭାରତରେ ଯେକୌଣସି ପରୀକ୍ଷାରେ ଦୁର୍ନୀତିର ଏକପ୍ରକାର ନିର୍ଦ୍ଦିଷ୍ଟ ଚିତ୍ର ଦେଖିବାକୁ ମିଳେ। ପ୍ରଥମେ ପରୀକ୍ଷା ହୁଏ, ତା'ପରେ ଲିକ୍ ଖବର ଆସେ, ସରକାର ପ୍ରଥମେ ଏହାକୁ ଅସ୍ୱୀକାର କରନ୍ତି, ଛାତ୍ରମାନେ ଆନ୍ଦୋଳନ କରନ୍ତି, ମାମଲା କୋର୍ଟକୁ ଯାଏ, କୋର୍ଟ କମିଟି ଗଠନ କରନ୍ତି ଏବଂ ପୁଣି ଥରେ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଅନ୍ତି। ଗୋଟିଏ ପରୀକ୍ଷା ପ୍ରକ୍ରିୟା ଶେଷ ହେବାକୁ ୩ ରୁ ୪ ବର୍ଷ ଲାଗିଯାଏ। ଏହି ସମୟ ମଧ୍ୟରେ ଶିକ୍ଷାର୍ଥୀର ବୟସ ଗଡ଼ିଚାଲେ, ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଯାଏ ଏବଂ ଶେଷରେ ସରକାର ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ନିଜର ମର୍ଯ୍ୟାଦା, ସ୍ୱଚ୍ଛତା ଓ ଗରିମା ହରାଇ ବସନ୍ତି।

କେବଳ ସାମାନ୍ୟ ଆଇନ ବଦଳାଇଲେ କିମ୍ବା ଉପରଠାଉରିଆ ତଦନ୍ତ କଲେ ଏହି ସମସ୍ୟାର ସମାଧାନ ହେବନାହିଁ। ଏଥିପାଇଁ ପରୀକ୍ଷା ପ୍ରଣାଳୀର ଆମୂଳଚୂଳ ସଂସ୍କାର ଜରୁରୀ। ପ୍ରଶ୍ନପତ୍ରର ସୁରକ୍ଷା ପାଇଁ 'ବ୍ଲକଚେନ୍ ଟେକ୍ନୋଲୋଜି' ଏବଂ ଉଚ୍ଚ ସ୍ତରୀୟ ଡିଜିଟାଲ୍ ଏନକ୍ରିପ୍ସନର ବ୍ୟବହାର କରାଯାଉ। ପରୀକ୍ଷା ଆରମ୍ଭ ହେବାର ମାତ୍ର କିଛିମିନିଟ୍ ପୂର୍ବରୁ କେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ର ଡିଜିଟାଲ୍ ଲକ୍ ଜରିଆରେ ଖୋଲିବା ଉଚିତ୍, ଯାହାଦ୍ୱାରା ଶାରୀରିକ ପରିବହନ ସମୟରେ ପ୍ରଶ୍ନପତ୍ର ପ୍ରଘଟ ହେବାର ଆଶଙ୍କା ଶୂନ୍ୟ ହୋଇଯିବ। ପ୍ରଶ୍ନପତ୍ର ପ୍ରଘଟକୁ 'ରାଷ୍ଟ୍ରଦ୍ରୋହ' କିମ୍ବା 'ଜାତୀୟ ସୁରକ୍ଷା ବିପଦ' ଭଳି ଗମ୍ଭୀର ଅପରାଧ ଶ୍ରେଣୀଭୁକ୍ତ କରାଯାଉ। ଦୋଷୀଙ୍କ ପାଇଁ ଆଜୀବନ କାରାଦଣ୍ଡ ଏବଂ ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାର ନିୟମ କରାଯାଉ। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାରେ ଶୀର୍ଷ ପଦବୀଗୁଡ଼ିକରେ କେବଳ ପ୍ରଶାସନିକ ଅଧିକାରୀଙ୍କୁ ନୁହେଁ, ବରଂ ଆଇଟି ବିଶେଷଜ୍ଞ, ଶିକ୍ଷାବିତ୍ ଓ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ସ୍ଥାନ ଦିଆଯାଉ।

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା କେବଳ ଏକ ବିଭାଗୀୟ ତ୍ରୁଟି ନୁହେଁ, ଏହା ଭାରତୀୟ ସମାଜର ନୈତିକ ପତନ ଏବଂ ପ୍ରଶାସନିକ ଅପାରଗତାର ଏକ ଜ୍ୱଳନ୍ତ ଉଦାହରଣ। ଯେଉଁ ଦେଶରେ ଯୁବପିଢ଼ିଙ୍କ ସ୍ୱପ୍ନ ଓ ମେଧାକୁ ବଜାରରେ ନିଲାମ କରାଯାଏ, ସେ ଦେଶ କେବେ ହେଲେ ବିଶ୍ୱଗୁରୁ କିମ୍ବା ବିକଶିତ ହୋଇପାରିବ ନାହିଁ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ମୋ: ୯୪୩୮୦୭୦୮୪୯

# ମହୁମାଛି ଅଳିନ୍ଦ

**ଡ. ବିଜୟ କେତନ ପଟ୍ଟନାୟକ**

ମହୁମାଛି ଅଳିନ୍ଦ(କରିଡର) ଏକପ୍ରକାରର ନୂତନ ଶବ୍ଦ ସଂଯୋଜନା। ଆମେ ପୂର୍ବରୁ ହାତୀ ଚଲାପଥ(କରିଡର) ଏବଂ ବନ୍ୟପ୍ରାଣୀ କରିଡର ବିଷୟରେ ଶୁଣିଥିଲୁ। ଏହା ଥିଲା ଦୁଇଟି ଜଙ୍ଗଲ ପରିସଂସ୍ଥାକୁ ସଂଯୋଗ କରୁଥିବା ସଂକୀର୍ଣ୍ଣ ଜଙ୍ଗଲିଆ ରାସ୍ତା। ଏବେ କୁହାଯାଉଛି ଜାତୀୟ ରାଜପଥ କଡ଼ରେ ଯେଉଁ ପଥପାର୍ଶ୍ୱ ବନୀକରଣ କରାଯିବ ସେଥିରେ ମହୁମାଛି ଅଳିନ୍ଦ(କରିଡର) ପାଇଁ ଧ୍ୟାନ ଦିଆଯିବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ଜିଲ୍ଲାରେ ପଥପାର୍ଶ୍ୱ ବନୀକରଣ ମାଧ୍ୟମରେ ପ୍ରଥମ ଥର ନିମନ୍ତେ ମହୁମାଛି ଅଳିନ୍ଦ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଜାତୀୟ ରାଜପଥ ୧୬ ରେ ପୁଇଁତୋଳା ଠାରୁ ଇଚ୍ଛାପୁର, ରାଜପଥ ୫୩ରେ ତାଳଚେରରୁ କାମାକ୍ଷାନଗର ଏବଂ କାମାକ୍ଷାନଗରରୁ ଯାଜପୁରରୁ ଡୁବୁରି ଏବଂ ଜାତୀୟ ରାଜପଥ ୫୫ରେ ଅନୁଗୋଳଠାରୁ ସମ୍ବଲପୁର ସେକ୍ସନ ପର୍ଯ୍ୟନ୍ତ ଏହି ପ୍ରୟାସ ଚଳିତ ଜୁନ୍ ମାସରେ ବା ବର୍ଷା ଆରମ୍ଭ ହେଲା ପରେ ଆରମ୍ଭ କରାଯିବ।

ପୃଥିବୀ ତଥା ପୃଥିବୀ ବାସୀଙ୍କୁ ସୁସ୍ଥ ରଖିବା ସହିତ ପରାଗ ସଂଗମରେ ମହୁମାଛିମାନଙ୍କର ଅବଦାନ ଅତୁଳନୀୟ। ପ୍ରାୟ ୨୦, ୦୦୦ ପ୍ରଜାତିର ଏହି ମାଛି ଜାତୀୟ ପତଙ୍ଗ ମଧ୍ୟରୁ ମହୁମାଛି ପ୍ରଜାତି କିୟଦଂଶ ହୋଇଥିଲେ ମଧ୍ୟ ସେମାନେ ମନୁଷ୍ୟ ଜାତି ସହିତ ବେଶ୍ ପରିଚିତ। କାରଣ ସେମାନେ ବିଭିନ୍ନ ଜାତିର ଫୁଲରୁ ମହୁ ସଂଗ୍ରହ କରି ମହୁଫେଣାରେ ସାଇତି ରଖନ୍ତି। କୃଷି ଓ ଉଦ୍ୟାନ କୃଷିରେ ଉତ୍ପାଦନ ବୃଦ୍ଧି ନିମନ୍ତେ ଏମାନଙ୍କର ଯୋଗଦାନ ଯଥେଷ୍ଟ ଅଧିକ। ମହୁମାଛିଙ୍କର ଅନ୍ୟ ଏକ ବିଶେଷତ୍ୱ ହେଲା, ଏମାନେ ବଡ଼ ବଡ଼ ଗଛ ଡାଳରେ, କୋଠାଘର ଛାତରେ, ପରିତ୍ୟକ୍ତ ଘରର କଡ଼ି ଆଦିରେ ମହୁଫେଣା ତିଆରି କରନ୍ତି। ଯେଉଁଥିରେ ଛଅବାହୁ ବିଶିଷ୍ଟ ସ୍ତରସ୍ତର କରି ଅନେକ କୋଠରି ଥାଏ। ଏଗୁଡ଼ିକୁ ପୁରୁଷ ମହୁମାଛି କର୍ମୀମାନେ ବ୍ୟବହାର କରନ୍ତି। ବହୁତଳ ପ୍ରାସାଦ ନିର୍ମାଣ ସଂସ୍କୃତି ହୁଏତ ୫୦ ରୁ ୧୦୦ ବର୍ଷ ତଳୁ ଆରମ୍ଭ ହୋଇଥାଇପାରେ। କିନ୍ତୁ ମହୁଫେଣାକୁ ଦେଖିଲେ ଆଶ୍ଚର୍ଯ୍ୟ ଲଗେ କିପରି ଯୁଗ ଯୁଗରୁ ମହୁମାଛିମାନେ ବିଭିନ୍ନ ସ୍ତରରେ ବହୁତଳ କୋଠରି ନିର୍ମାଣ କରି ତାହା ଭିତରେ ବସତି ସ୍ଥାପନ କରି ରହୁଛନ୍ତି।

ମନୁଷ୍ୟ ଖାଉଥିବା ଖାଦ୍ୟଦ୍ରବ୍ୟର ପାଖାପାଖି ଏକ-ତୃତୀୟାଂଶ କୀଟପତଙ୍ଗଙ୍କ ଦ୍ୱାରା ଘଟିଥିବା ପରାଗସଂଗମ ଉପରେ ନିର୍ଭର କରେ। ତନ୍ମଧ୍ୟରୁ ପ୍ରମୁଖ ପରାଗସଂଗମକାରୀ ପତଙ୍ଗ ହେଉଛନ୍ତି ମହୁମାଛି। ସେମାନେ ୧୩୦ ପ୍ରକାରର ଫଳ, ମଞ୍ଜି ଓ ପନିପରିବା ଉତ୍ପାଦନ ନିମନ୍ତେ ଦାୟୀ। ସୂର୍ଯ୍ୟମୁଖୀ, ସୋରିଷ ଆଦି ତୈଳବୀଜ ଏବଂ ନଡ଼ିଆ, କମଳା ଲେମ୍ବୁ ଗଛର ଫଳର ଗୁଣବତ୍ତା ବୃଦ୍ଧି ନିମନ୍ତେ ସେମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଯୁକ୍ତରାଷ୍ଟ୍ର ଆମେରିକା କୃଷି ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ମୁତାବକ ପୃଥିବୀର ତିନି-ଚତୁର୍ଥାଂଶ ସପୁଷ୍ପକ ଉଦ୍ଭିଦ ଓ ୩୫ ପ୍ରତିଶତ ଶସ୍ୟଜାତୀୟ ଫସଲରେ ପରାଗସଂଗମ ପ୍ରାୟତଃ ମହୁମାଛିମାନଙ୍କ ଦ୍ୱାରା ସଂଘଟିତ ହୋଇଥାଏ। ଏହି ପ୍ରକ୍ରିୟା ବିଶ୍ୱର ଖାଦ୍ୟ ଉତ୍ପାଦନର ୯ ପ୍ରତିଶତ ବୃଦ୍ଧି ଘଟିଥାଏ।

ଖଦୀ ଓ ଗ୍ରାମୋଦ୍ୟୋଗ ବିଭାଗ ଦ୍ୱାରା ପ୍ରଥମେ ଆରମ୍ଭ କରାଯାଇଥିବା ମହୁ ଚାଷ ଏବେ ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଘରେ ଘରେ କରୁଛନ୍ତି। ଏହି କାମ ପାଇଁ ପଶ୍ଚିମା ମହୁମାଛି ଓ ଭାରତୀୟ ମହୁମାଛି ବେଶ୍ ଉପଯୋଗୀ। ଏମାନେ ଅଧିକ ମହୁ ସଂଗ୍ରହ କରିଥା'ନ୍ତି ଏବଂ ପରାଗସଂଗମରେ ମଧ୍ୟ ସହାୟକ ହୁଅନ୍ତି। କୃଷି ଉତ୍ପାଦନରେ ବୃଦ୍ଧି ଘଟାଇ ଗ୍ରାମୀଣ ଜୀବିକାର ସହାୟକ ହୁଅନ୍ତି। ଏମାନେ ସୋରିଷ, ସୂର୍ଯ୍ୟମୁଖୀ, ତୈଳଜୀବ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ବୃଦ୍ଧିର କାରକ। ଅନ୍ୟ ପ୍ରଜାତିର ମହୁମାଛିଗୁଡ଼ିକ ହେଉଛନ୍ତି ବୃହତ୍ତ ମହୁମାଛି, ଲାଲ ବାମନ ମହୁମାଛି ଓ କ୍ଷୁଦ୍ରଭାରତୀୟ ବିଷାକ୍ତ କଣ୍ଟକହୀନ ମହୁମାଛି। ଏହି ପ୍ରଜାତିର ମହୁମାଛିଗୁଡ଼ିକ ଜଙ୍ଗଲ ପରିସଂସ୍ଥା ସଂରକ୍ଷଣ, ଜଙ୍ଗଲୀ ମହୁ ଉତ୍ପାଦନ ଓ ଜଙ୍ଗଲୀ ଫୁଲଗଛର ପୁନରୁଦ୍ଧାରରେ ସହାୟକ ହୋଇଥା'ନ୍ତି। କ୍ଷୁଦ୍ର ଭାରତୀୟ କଣ୍ଟକବିହୀନ ମହୁମାଛି ଆଦୌ ଆକ୍ରାମକ ନୁହନ୍ତି। କିନ୍ତୁ ପରାଗସଂଗମର ଦକ୍ଷତା ଏମାନଙ୍କର ଯଥେଷ୍ଟ ଅଧିକ। ଏମାନେ ବିଶେଷ ଭାବେ ଔଷଧୀୟ ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ମହୁ ସଂଗ୍ରହ କରିଥା'ନ୍ତି।

କୃଷି ଓ ଉଦ୍ୟାନ କୃଷିରେ ପ୍ରମୁଖ ସହାୟତା କରୁଥିବା ମହୁମାଛିଙ୍କର ସଂଖ୍ୟା ସାରା ବିଶ୍ୱରେ ଆମ ଭାରତରେ ବିଶେଷକରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ହ୍ରାସ ପାଇବାରେ ଲାଗିଛି। ଏହାର କାରଣ ହେଲା କୃଷି କ୍ଷେତ୍ରରେ ରାସାୟନିକ ସାର ଓ ବିଷାକ୍ତ କୀଟନାଶକ ଔଷଧର ପ୍ରୟୋଗ, ଏକକ ଫସଲ ଚାଷ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ପରିସଂସ୍ଥାର ଅବକ୍ଷୟ, ଏକକ ବୃକ୍ଷରୋପଣ, ଜନସଂଖ୍ୟା ବୃଦ୍ଧି ହେତୁ ଜଙ୍ଗଲ ନଷ୍ଟ ଓ ପରିଶେଷରେ ବାୟୁ ପ୍ରଦୂଷଣ କାରଣରୁ ଫୁଲର ସୁଗନ୍ଧି ହ୍ରାସ ପାଉଛି ଏବଂ ମହୁମାଛିଙ୍କର ଘ୍ରାଣଶକ୍ତି ପ୍ରଭାବିତ ହେଉଛି। ସେମାନେ ଆକୃଷ୍ଟ ହୋଇ ଫୁଲ ନିକଟରେ ସହଜରେ ପହଞ୍ଚି ପାରୁନାହାନ୍ତି। ବିଭିନ୍ନ ସ୍ଥାନରେ ଠିଆ ହୋଇଥିବା ମୋବାଇଲ ଟାୱାରର ବିଦ୍ୟୁତ୍ ଚୁମ୍ବକୀୟ ବିକିରଣ ମଧ୍ୟ ସେମାନଙ୍କୁ ପଥଭ୍ରଷ୍ଟ କରୁଛି। ତେଣୁ ପରାଗ ସଂଗମରେ ସଫଳତା ପାଇଁ ମହୁମାଛିଙ୍କୁ ସୁହାଇଲା ଭଳି ପରିସଂସ୍ଥାର ପୁନରୁଦ୍ଧାର ଆବଶ୍ୟକତା ରହିଛି।

ଏହି କାରଣରୁ ଚଳିତ ବର୍ଷ ବର୍ଷାଦିନେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓଡ଼ିଶାର ତିନୋଟି ଜିଲ୍ଲାରେ ରାଜପଥ କଡ଼ରେ ଆରମ୍ଭ କରିବାକୁ ଯାଉଛନ୍ତି ମହୁମାଛି ଅଳିନ୍ଦ। ବର୍ଷର ଭିନ୍ନ ଭିନ୍ନ ସମୟରେ ଫୁଲ ଫୁଟୁଥିବା ଗଛକୁ ନେଇ ପଥପାର୍ଶ୍ୱ ବନୀକରଣ ବେଳେ କିଛି ସ୍ଥାନରେ ମହୁମାଛିଙ୍କୁ ସୁହାଉଥିବା ଗଛ ଯଥା ନିମ୍ବ, କରଞ୍ଜ, ଅର୍ଜୁନ, କଦମ୍ବ, ଜାମୁ, କୟାଂ, କାଞ୍ଚନ, ଶିରୀଷ ଓ ପଳାଶ ଆଦି ପ୍ରାୟ ୨୦, ୦୦୦ ସପୁଷ୍ପକ ଉଦ୍ଭିଦ ଏ ବର୍ଷ ଲଗାଯିବ। ତା'ଛଡ଼ା ରାସ୍ତାର ମିଡିଆନ୍‌ରେ ବୁଦାଜାତୀୟ ଫୁଲଗଛ ଲଗାଯିବ। ମୋଟାମୋଟି ଭାବରେ ପଥପାର୍ଶ୍ୱ ବନୀକରଣ, କେବଳ ଆଳଙ୍କରିକ ବୃକ୍ଷରୋପଣରେ ସୀମିତ ନ ରହି ପାରିବେଶିକ ସୌନ୍ଦର୍ଯ୍ୟ ତଥା ଲ୍ୟାଣ୍ଡସ୍କେପ ଉପରେ ଅଧିକ ଧ୍ୟାନ ଦିଆଯିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଜୈବ ବିବିଧତାରେ ଉନ୍ନତି, ମହୁମାଛି ବଂଶ ସଂରକ୍ଷଣରେ ସହାୟତା, ରାଜପଥର ନାନ୍ଦନିକ ସୌନ୍ଦର୍ଯ୍ୟ ବୃଦ୍ଧି ସହ ରାସ୍ତାରେ ପରିବହନ ଜନିତ ପ୍ରଦୂଷଣ ହ୍ରାସ ଏବଂ ରାସ୍ତାକଡ଼ର ପରିବେଶ ସନ୍ତୁଳନ। ଆଶା କରିବା ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ମହୁମାଛି ଅଳିନ୍ଦ ନିଶ୍ଚିତ ଭାବେ ପ୍ରକୃତିର ସୁରକ୍ଷାରେ ସହାୟକ ହୋଇପାରିବ।

(ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ବୈଜ୍ଞାନିକ ସାହିତ୍ୟର ବିସ୍ମୟ: ଗୋକୁଳାନନ୍ଦ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଆଜି ଯିଏ ଓଡ଼ିଆ ବୈଜ୍ଞାନିକ ସାହିତ୍ୟର ଜନକ ଭାବରେ ଅସାମାନ୍ୟ ଲୋକାଦୃତି ଲାଭ କରିଛନ୍ତି ସେଇ ଲେଖକ ଗୋକୁଳାନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ ପ୍ରକାଶ କରିବାକୁ ପ୍ରଥମରୁ ସାହସ କରିପାରି ନ ଥିଲେ ବହୁ ପ୍ରକାଶକ। ରେଭେନ୍ସା କଲେଜରେ ଅଧ୍ୟାପକ ଭାବରେ ସେ ନିଯୁକ୍ତି ପାଇବା ପରେ ଜାଗ୍ରତ ସ୍ୱପ୍ନ ତାଙ୍କର ପରିଣତ ହୋଇଗଲା ନବାଲୋକ ବିକିରଣ-କ୍ଷମ ଏକ ପ୍ରଦୀପରେ। ୧୯୪୮ ମସିହାରେ ଆଠଟି ରଚନା ତାଙ୍କର ସଂକଳିତ ହୋଇ 'ବିଜ୍ଞାନ ବିସ୍ମୟ' ନାମରେ ଭାରତ ବିହାର ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଥିଲା। ତାହା ହିଁ ଲେଖକଙ୍କ ପ୍ରଥମ ପୁସ୍ତକ। ପୃଥିବୀରେ ବିଜ୍ଞାନର ଜୟଯାତ୍ରା ଯେପରି ତୀବ୍ରତର ହେଉଥିଲା, ଗୋକୁଳାନନ୍ଦଙ୍କ ବିଜ୍ଞାନ-କୈନ୍ଦ୍ରିକ ସାହିତ୍ୟର ସର୍ଜନା ତା'ଠାରୁ ଅଧିକ ବୈଚିତ୍ର୍ୟ-ବିମଣ୍ଡିତ ହୋଇ ଉଠୁଥିଲା କ୍ରମଶଃ। ଯାହା ବୈଜ୍ଞାନିକମାନେ କଳ୍ପନା କରିବା ମଧ୍ୟ ଥିଲା ଅସମ୍ଭବ ସେପରି ନୂତନ ପରିକଳ୍ପନାର ଜଗତରେ ନିମଜ୍ଜିତ ହୋଇ ରହୁଥିଲେ ଗୋକୁଳାନନ୍ଦ। ତାଙ୍କ ରଚିତ ପୁସ୍ତକ ତାଲିକାବଦ୍ଧ କଲେ ସୁଦୀର୍ଘ ଆକାର ଧାରଣ କରିବ। ତାଙ୍କ ଉପନ୍ୟାସ ତ ଏକ ଏକ ଯାଦୁ-ଜଗତ।

ପ୍ରଥମରୁ ସିନା ଏପରି ନବ-ସୃଜନର ପ୍ରକାଶନ ପାଇଁ ଅନିଚ୍ଛୁକ ଥିଲେ ପ୍ରକାଶକବୃନ୍ଦ, କିନ୍ତୁ ଗୋଟିକ ପରେ ଗୋଟିଏ ପୁସ୍ତକ ପ୍ରକାଶିତ ହୋଇ ପାଠକମାନଙ୍କ ଦ୍ୱାରା ଆଦୃତ ହେବା ପରେ ଆଶଙ୍କାର ଅଦିନିଆ ମେଘ ଅପସୃତ ହୋଇଯାଇ ନୀଳ ଚକ୍ରବାଳରୁ ବିଚ୍ଛୁରିତ ହୋଇ ଆସିଲା ଆଶା-ଉଷାର ଗୈରିକ ଆଭା। ବିଜ୍ଞାନର ଜଟିଳ ତତ୍ତ୍ୱକୁ ସରଳ ସରସ ଭାଷାରେ ଉପସ୍ଥାପନ କରି ବିଜ୍ଞାନ ତଥା ବୈଜ୍ଞାନିକ ସାହିତ୍ୟକୁ ଲୋକ-ମାନସର ନିକଟବର୍ତ୍ତୀ କରିବାରେ ଗୋକୁଳାନନ୍ଦ ଯେଉଁ ବିଶିଷ୍ଟ ଭୂମିକା ନେଲେ ତାହା ଓଡ଼ିଆ ସାହିତ୍ୟର ଇତିହାସରେ ଏକ ଅଭିନ୍ନ ଧାରାର ପ୍ରବର୍ତ୍ତନ। ମନକୁ ଏ ପ୍ରଶ୍ନ ଆନ୍ଦୋଳିତ କରିବା ସ୍ୱାଭାବିକ ଯେ, ଲେଖକ ତାଙ୍କର ଏହିସବୁ କାଳ୍ପନିକ ବୈଜ୍ଞାନିକ ତଥ୍ୟରାଜି ଉପସ୍ଥାପନ ମାଧ୍ୟମରେ ନବଯୁଗର ମଣିଷକୁ ବାସ୍ତବରେ କି ବାର୍ତ୍ତା ଦେବା ପାଇଁ ଚାହିଁଛନ୍ତି? ଯେ କୌଣସି ତଥ୍ୟ ବା ତତ୍ତ୍ୱ ଆଧାରରେ ପରିବେଷିତ ହେଉନା କାହିଁକି ସାହିତ୍ୟର ସର୍ବମୂଳ ଲକ୍ଷ୍ୟ ହେଲା, ମାନବତାର ବିକାଶ। ଏହି ମହତ ଉଦ୍ଦେଶ୍ୟକୁ ଲେଖକ ଗୋକୁଳାନନ୍ଦ ଆଦୌ ବିସ୍ମୃତ ହୋଇଯାଇ ନାହାନ୍ତି। ତତ୍ତ୍ୱକଥାର ସରଳ ବ୍ୟାଖ୍ୟା ବ୍ୟତୀତ ବୈଜ୍ଞାନିକ ସାହିତ୍ୟ କିପରି ଜୀବନ ଓ ଜଗତ ପ୍ରତି ପ୍ରେମାନୁରାଗ ସଂଚାର ସକାଶେ ଉଦ୍ଦିଷ୍ଟ ହେବା ବିହିତ - ସେଇ ବିଷୟରେ ଲେଖକଙ୍କ ଉପଲବ୍ଧି ଅତ୍ୟନ୍ତ ସୁସ୍ପଷ୍ଟ। ବୈଜ୍ଞାନିକ ଯୁଗରେ ଯନ୍ତ୍ର-ନିର୍ଭର-ମାନବ ଯନ୍ତ୍ର-ସର୍ବସ୍ୱ ହୋଇ ନ ଯାଉ, ବୁଦ୍ଧି ବୃତ୍ତିକୁ ତୀକ୍ଷଣ କରିଚାଲିଥିବା ମଣିଷର ହୃଦୟ-କକ୍ଷ ସଂକୁଚିତ ହୋଇ ନଯାଉ - ଏଥିପାଇଁ ଗୋକୁଳାନନ୍ଦ ପ୍ରଦାନ କରିଛନ୍ତି ଯୁଗୋପଯୋଗୀ ଚେତାବନୀ। ଓଡ଼ିଆ 'କଳ୍ପ-ବିଜ୍ଞାନ ସାହିତ୍ୟ'ର ଜନକ ଭାବରେ ତେଣୁ ସେ ସମ୍ମାନିତ ଆସନରେ ଅଧିଷ୍ଠିତ।

ମୌଳିକ କଥାବସ୍ତୁ ସୃଷ୍ଟିରେ ସେ ଥିଲେ କେତେ ସୁଦକ୍ଷ, ତାହା ପ୍ରମାଣିତ ହୋଇଯାଏ ତାଙ୍କ ଉପନ୍ୟାସ ରଚନାଦର୍ଶରୁ। ସମାଜରୁ ଅନ୍ଧବିଶ୍ୱାସ ଦୂରକରି ବୈଜ୍ଞାନିକ ଦୃଷ୍ଟିକୋଣର ନିର୍ମାଣ, ବିଜ୍ଞାନର ସଦୁପଯୋଗ, ପ୍ରକୃତି ଓ ପରିବେଶର ସୁରକ୍ଷା ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ ତାଙ୍କ ରଚନାର ବିଶେଷତ୍ୱ। ବିଜ୍ଞାନର ସମୃଦ୍ଧି ସହିତ ମାନବୀୟ ସ୍ନେହ, କରୁଣା, ସହାନୁଭୂତି ଓ ନୈତିକତାର ସମନ୍ୱୟ ସାଧନ ଥିଲା ତାଙ୍କର ତପସ୍ୟା। 'ପୃଥିବୀ ବାହାରେ' ମଣିଷ ଉପନ୍ୟାସରେ ଯେଉଁ ମଙ୍ଗଳ ଗ୍ରହର ଚିତ୍ରାଙ୍କନ କରିଛନ୍ତି ସେ, ତା'ର ଅନ୍ତରାଳରେ ଅଭିବ୍ୟଞ୍ଜିତ ହୋଇଉଠିଛି ପ୍ରିୟ ପୃଥିବୀକୁ ସେହିଭଳି ରୂପରେ ଦେଖିବାର ମହତ୍ତର ଅଭିଳାଷ। ନିଜର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଯେଉଁ ପୁଞ୍ଜିପତିମାନେ ବିଜ୍ଞାନାଗାରରେ ଭେଜାଲ ଦ୍ରବ୍ୟ ତିଆରି ସକାଶେ ବୈଜ୍ଞାନିକମାନଙ୍କୁ ଅସ୍ତ୍ର ଭାବରେ ନିୟୋଜିତ କରନ୍ତି ଆଉ ଯେଉଁ ବୈଜ୍ଞାନିକମାନେ ନିଜର ବ୍ୟକ୍ତିଗତ ଲାଭ ଓ ବିଳାସ ନିମିତ୍ତ ସେମାନଙ୍କ ଦ୍ୱାରା ବିନିଯୁକ୍ତ ହୁଅନ୍ତି, ଉଭୟ ଶ୍ରେଣୀର ଲୋକଙ୍କ ପ୍ରତି ଲେଖକ ପ୍ରକାରାନ୍ତରେ ତୀବ୍ର ଶର ନିକ୍ଷେପ କରିଛନ୍ତି 'ମଧ୍ୟାହ୍ନର ଅନ୍ଧକାର' ଉପନ୍ୟାସରେ। ବୃକ୍କ ଓ ହୃତପିଣ୍ଡ ପ୍ରତିରୋପଣ ପରି ଯଦି ମସ୍ତିଷ୍କ ପ୍ରତିରୋପିତ ହୁଏ କେଉଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇପାରେ ତା'ର ସଂକେତ ସଂରକ୍ଷିତ 'ନିଶ୍ଚଳ ପୃଥିବୀ' ଉପନ୍ୟାସରେ। ସେପରି ଲିଙ୍ଗ ପରିବର୍ତ୍ତନ ଦ୍ୱାରା ମାନବିକ ସମ୍ବେଗ କିପରି କ୍ଷତାକ୍ତ ତାହା ଦର୍ଶାଇ ଦେଇଛନ୍ତି 'ଏକ ମାତୃତ୍ୱର ମୃତ୍ୟୁ' ପ୍ରସଙ୍ଗରେ। ଶିଶୁମାନଙ୍କ ପାଇଁ ସୃଷ୍ଟି କରିଥିବା ବୈଜ୍ଞାନିକ ସାହିତ୍ୟ ମଧ୍ୟ କି ମାଧୁର୍ଯ୍ୟମୟ! 'ବୈଜ୍ଞାନିକ ଜ୍ଞାନ କୋଷ', ପ୍ରଣୟନ ତାଙ୍କର ଆଉ ଏକ ଅବିସ୍ମରଣୀୟ କୀର୍ତ୍ତି। ଅନ୍ତର୍ଜାତୀୟ ସୁଖ୍ୟାତି ଅର୍ଜନ କରିଥିବା ଏହି ସିଦ୍ଧ ସାଧକ ଉଭୟ ବିଜ୍ଞାନ ଓ ସାହିତ୍ୟ କ୍ଷେତ୍ରରେ ଚିରପୂଜ୍ୟ ପଥପ୍ରଦର୍ଶକ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଘୋଷଣାରେ ସୀମିତ ମେଡିକାଲ କଲେଜ ପ୍ରତିଷ୍ଠା

# ୧୪ ମାସ ପରେ ମଧ୍ୟ ଚିତ୍ର ଅସ୍ପଷ୍ଟ

ଜଗତସିଂହପୁର,୧୦।୬(ସମିସ)

ଜଗତସିଂହପୁର ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ଘୋଷଣାର ୧୪ ମାସ ବିତି ଯାଇଥିଲେ ମଧ୍ୟ କେବେ ଏବଂ କେଉଁଠି ଏହା ସ୍ଥାପନ ହେବ ତାହା ସ୍ପଷ୍ଟ ହୋଇପାରିନାହିଁ। ଫଳରେ ଜିଲ୍ଲାବାସୀଙ୍କ ମନରେ ଉତ୍କଣ୍ଠା ଏବଂ ଅସନ୍ତୋଷ ବଢୁଥିବା ଲକ୍ଷ୍ୟ କରାଯାଇଛି। ଅନିଶ୍ଚିତତା ଲାଗି ରହିବାରୁ ଗତ ମାର୍ଚ୍ଚ ମାସରେ ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାର ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। କେବେ ଏହି ବହୁ ପ୍ରତିକ୍ଷିତ ମେଡିକାଲ କଲେଜ କାମ ଆରମ୍ଭ ହେବ ସେ ସଂପର୍କରେ ପ୍ରଶ୍ନ କରିଥିଲେ ବିଧାୟକ ଶ୍ରୀ ଦାସ। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟର ୪ଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ମନ୍ତ୍ରୀ ଓ ବିଧାୟକଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କିନ୍ତୁ ଏହା ଭିତରେ ୩ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କେବେ ଏହି ଭୂମିପୂଜନ କରାଯିବ ତାହା ଅସ୍ପଷ୍ଟ ରହିଛି। ଗତ ଏପ୍ରିଲ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଗସ୍ତ କରି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିବେ ବୋଲି ସରକାରୀ ସ୍ତରରେ ପ୍ରସ୍ତୁତି ଚାଲିଥିବା ବେଳେ ହଠାତ୍ ଏହା ବାତିଲ ହୋଇଯାଇଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଭିନ୍ନ ସଂଗଠନ ତରଫରୁ ବର୍ଷ ବର୍ଷ ଧରି ଆନ୍ଦୋଳନ, ଗଣଧାରଣା, ପଦଯାତ୍ରା ଏବଂ ବଜାରବନ୍ଦ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସିଥିବା ବେଳେ ଗତ ୨୦୨୪ ମସିହା ସାଧାରଣ ନିର୍ବାଚନ ସମୟରେ ଏହା ପ୍ରମୁଖ ମୁଦ୍ଦା ହୋଇଥିଲା। ନିର୍ବାଚନ ପରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାର ଜନ ପ୍ରତିନିଧିମାନେ ସ୍ୱର ଉତ୍ତୋଳନ କରିବାକୁ ଜିଲ୍ଲାବାସୀଙ୍କ ତରଫରୁ ପୂର୍ବରୁ ଆନ୍ଦୋଳନ ଚଳାଇ ଆସିଥିବା ସଂଗଠନ ମାନେ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କ ବୃହତ ସ୍ୱାର୍ଥରକ୍ଷା ପାଇଁ ବିଧାନସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଉଠାଇଥିଲେ। ସେହିପରି ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ମଧ୍ୟ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଲୋକସଭାରେ ପ୍ରସଙ୍ଗ ଉଠାଇଥିଲେ। ଶେଷରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ୮ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତ ୨୦୨୫ ମାର୍ଚ୍ଚ ମାସରେ ଅନୁମତି ପ୍ରଦାନ କରିଥିଲେ। ଏହାକୁ ଆଧାର କରି ୨୦୨୫ ମାର୍ଚ୍ଚ ମାସ ଶେଷ ଭାଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ଲାଭ କରିଥିବା ତାଙ୍କ ବିଧାନସଭା ଅଭିଭାଷଣ ସମୟରେ ସୂଚନା ଦେଇଥିଲେ। ପରେ ସେହିବର୍ଷ ଏପ୍ରିଲ ୩ ତାରିଖରେ ଜଗତସିଂହପୁର ଜିଲ୍ଲା ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁବ୍‌ଶୀଘ୍ର ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରାଯିବ ବୋଲି ନିଜ ବକ୍ତବ୍ୟକୁ ଦୋହରାଇଥିଲେ। ଏହାକୁ ନେଇ ଜିଲ୍ଲାର ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ସେ ସମୟରେ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ତେବେ ଜିଲ୍ଲାର କେଉଁ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ତାହା ସ୍ପଷ୍ଟ ହୋଇ ନ ପାରିବାରୁ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ବେଶ୍ କିଛିଦିନ ବାଦବିବାଦ ମଧ୍ୟ ଚାଲିଥିଲା। ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣାକୁ ଇତିମଧ୍ୟରେ ୧୪ ମାସ ବିତିଥିବା ବେଳେ ଏଥିପାଇଁ ସରକାର ବା ପ୍ରଶାସନିକ ସ୍ତରରେ ସ୍ଥାନ ଚିହ୍ନଟ ପ୍ରକ୍ରୀୟା ଚୂଡ଼ାନ୍ତ ହୋଇ ପାରିନାହିଁ। ତେବେ ମେଡିକାଲ କଲେଜ ପାଇଁ ୪୦ରୁ ୫୦ ଏକର ଜମି ଆବଶ୍ୟକ ଥିବା ବେଳେ ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ନିପୁର ଠାରେ ଥିବା ୨୩ ଏକର ସରକାରୀ ଜମି ଏବଂ ଆଉ ୨୫ ଏକର ଘରୋଇ ଜମି ଚିହ୍ନଟ ହୋଇଛି।

ଏ ସଂପର୍କରେ ଗତ ୨୦୨୫ ମସିହା ଅକ୍ଟୋବର ମାସ ଶେଷ ଭାଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ହେଲେ ଇତିମଧ୍ୟରେ ୬ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ତାହା ସ୍ପଷ୍ଟ ହୋଇପାରିନାହିଁ। ଯାହାଫଳରେ କେବଳ ଘୋଷଣାରେ ସୀମିତ ରହିଛି ମେଡିକାଲ କଲେଜ ପ୍ରତିଷ୍ଠା। ତେବେ ଜିଲ୍ଲାରେ କେବେ ପ୍ରତିଷ୍ଠା ହେବ ମେଡିକାଲ କଲେଜ ତାହାକୁ ହିଁ ଅପେକ୍ଷା କରିଛନ୍ତି ଜିଲ୍ଲାବାସୀ।

## ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ସୋଲ ଦନା ବନ୍ଦ

# ରଜ ମହୋତ୍ସବରେ ଚଢ଼ଉ, ୧୮ ଦୋକାନୀଙ୍କୁ ଜରିମାନା



ପାରାଦୀପ,୧୦।୬(ସମିସ): ପାରାଦୀପ ବେଳାଭୂମିରେ ଚାଲିଥିବା ରଜ ମହୋତ୍ସବରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ସୋଲ (ଥର୍ମାକୋଲ) ଦନା ବ୍ୟବହାର ବିରୋଧରେ ପାରାଦୀପ ପୌରପାଳିକା ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ପୌରପାଳିକାର ଏକ ସ୍ୱତନ୍ତ୍ର ଚଢ଼ଉ ଅଭିଯାନରେ ବିପୁଳ ପରିମାଣର ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ସୋଲ ଦନା ଜବତ କରାଯିବା ସହ ୧୮ ଜଣ ଦୋକାନୀଙ୍କ ଠାରୁ ପ୍ରାୟ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୌରପାଳିକା ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି ଯେ, ଭବିଷ୍ୟତରେ ଯଦି ପୁନର୍ବାର ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରାଯାଏ, ତେବେ ଅଧିକ ଜରିମାନା ଲାଗୁ କରାଯିବା ସହ ମେଳାରେ ଦୋକାନ ପକାଇବା ପାଇଁ ଅନୁମତି ମଧ୍ୟ ପ୍ରଦାନ କରାଯିବ ନାହିଁ। ଏହି ଚଢ଼ଉ ଅଭିଯାନ ପାରାଦୀପ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ନେତୃତ୍ୱରେ ତାଙ୍କ ଟିମ୍ ଦ୍ୱାରା ପରିଚାଳିତ ହୋଇଥିଲା।

ସୂଚନାଯୋଗ୍ୟ ଯେ, ଗତକାଲି ପରିବେଶବିତ ତଥା ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ବେଳାଭୂମିରେ କିଛି ଦୋକାନୀଙ୍କ ଦ୍ୱାରା ସୋଲ ଦନା ଓ ପ୍ଲାଷ୍ଟିକ ସାମଗ୍ରୀରେ ଗରମ ଖାଦ୍ୟ ପରିବେଷଣ କରାଯାଉଥିବା ଦେଖି ସେମାନଙ୍କୁ ବାରଣ କରିବା ସହ ପୌରପାଳିକା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡା ତୁରନ୍ତ ପଦକ୍ଷେପ ଗ୍ରହଣ କରି ତାଙ୍କ ଟିମ୍‌କୁ ଘଟଣାସ୍ଥଳକୁ ପଠାଇଥିଲେ। ଅଭିଯାନ ସମୟରେ ପ୍ରାୟ ୨୦୦ରୁ ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି। ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି କରିଥିବାରୁ ଶ୍ରୀ ପଣ୍ଡା, ଅମ୍ବିକା ପ୍ରସାଦ ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ବ୍ୟବସାୟୀ, ଆୟୋଜକ ଓ ସାଧାରଣ ଜନତାଙ୍କୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଅନୁରୋଧ କରିଥିଲେ।

# ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବୈଠକ

ରଘୁନାଥପୁର,୧୦।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ସରକାରୀ ଯୋଜନାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ ଓ ଏଡିଓ ମାନଙ୍କୁ ନେଇ ଆଜି ରଘୁନାଥପୁର ବ୍ଲକ ସଦ୍‌ଭାବନା ଗୃହରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ବିରଞ୍ଚି ନାରାୟଣ ବେହେରା, ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକଙ୍କ ସମେତ ୧୯ଟି ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦୁଇ ବର୍ଷ ଶାସନ କାଳରେ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ଜନ ସାଧାରଣ ମାନେ କିଭଳି ଉପକୃତ ହୋଇ ପାରିଛନ୍ତି, ଏହାକୁ ନେଇ ଆସନ୍ତା ଦିନରେ ପଞ୍ଚାୟତ ପ୍ରତିନିଧି ମାନେ ନିଜ ନିଜ ପଞ୍ଚାୟତରେ ସାଧାରଣ ବୈଠକ କରି ଜନ ସଚେତନତା ଜାଗ୍ରତ କରିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ବିଗତ ଦିନରୁ ପଞ୍ଚାୟତ ପ୍ରତିନିଧି ଓ ବିଧାୟକଙ୍କ ରାଜନୈତିକ ବିବାଦ ଯୋଗୁଁ ପଞ୍ଚାୟତ ମାନଙ୍କରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ପାରୁନଥିବା, ଗତ ୩ମାସ ଧରି ଆଇଜିଏନଓଏପି ହିତାଧିକାରୀ ମାନେ ଭତ୍ତା ପାଇନଥିବା କାରଣରୁ ନିଜ ନିଜ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରିବାକୁ ପ୍ରତିନିଧି ମାନେ ମନା କରି ଦେବାରୁ ରଘୁନାଥପୁର ବ୍ଲକରେ ସରକାରଙ୍କ ଏହି ପୂର୍ତ୍ତି ପାଳନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ବିଡିଓଙ୍କ ସହିତ ଯୋଗାଯୋଗ କରିବାରୁ ଏଥିରେ ସେ କୈଣସି ମତାମତ ଦେବାକୁ ମନା କରିଦେଇଥିଲେ।

# ଜିଲ୍ଲାସ୍ତରୀୟ ଦେବର୍ଷି ନାରଦ ଜୟନ୍ତୀ



ପାରାଦୀପ,୧୦।୬(ସମିସ): ସୃଷ୍ଟିର ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ସ୍ଥାନୀୟ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ଅପରାହ୍ନରେ ଆୟୋଜିତ ହୋଇଥିଲା। ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଯୋଗଦେଇ ସଂଘର ଆହ୍ୱାନ ପଞ୍ଚ ପରିବର୍ତ୍ତନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ ଓ ସୁଦର୍ଶନ ବିଶ୍ୱାଳଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଚାର ପ୍ରମୁଖ ତାପସ କୁମାର ଦାଶ ସଂଚାଳନ କରିଥିବା ବେଳେ ଅଧିବକ୍ତା ପରିଷଦର ଜିଲ୍ଲା ସମ୍ପାଦକ ରବିନ୍ଦ୍ର କୁମାର ଜେନା ସହଯୋଗ କରିଥିଲେ।

# ଦୀପଦାନରେ ବିଜେପି ଦି' ଫାଳ

ଜଗତସିଂହପୁର,୧୦।୬(ସମିସ): ଜଗତସିଂହପୁର ବିଜେପିର ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଅଧିକ ହେବାରେ ଲାଗିଛି। ଦଳର ଯେକୌଣସି କାର୍ଯ୍ୟକ୍ରମ ହେଲେ ତାହା ସମାନ୍ତରାଳ ଭାବେ ହେଉଥିବାରୁ ତାହା କର୍ମୀଙ୍କୁ ଅଡୁଆରେ ପକାଇଦେଇଛି। ଏପରିକି ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷ ଶାସନ ପୂର୍ତ୍ତି ଅବସରରେ ହେଉଥିବା ସାମୂହିକ ଦୀପଦାନ କାର୍ଯ୍ୟକ୍ରମରେ ବି ବିଜେପି ଦି'ଫାଳ ହୋଇଯାଇଛି। ଗୋଟିଏ ପଟେ ବିଧାୟକ ନିଜର ସମର୍ଥକଙ୍କୁ ନେଇ ଦୀପଦାନ କରିଥିବା ବେଳେ ଅନ୍ୟ ପଟେ ପ୍ରାକ୍ତନ ଜିଲ୍ଲା ସଭାପତି ନିଜ ଗୋଷ୍ଠୀ ତଥା ସମର୍ଥକଙ୍କୁ ସହ ଦୀପଦାନ କରିଛନ୍ତି। ଜଗତସିଂହପୁର କଲେଜ ଛକସ୍ଥିତ ଗଣେଶ ମନ୍ଦିରରେ ବିଧାୟକ ଅମରେନ୍ଦ୍ର ଦାସ ନିଜ ସମର୍ଥକଙ୍କ ସହ ସନ୍ଧ୍ୟା ଆଳତି କରିବା ସହ ସାମୂହିକ ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁରେଶ ନନ୍ଦ, ଜଗନ୍ନାଥ ଦାସ, ଗୋଲାମ ଅଲ୍ଲୀ ଖାଁ, ବିଧୂଭୂଷଣ ତ୍ରିପାଠୀ, ଦେବାଶିଷ ସ୍ୱାଇଁ, କୃଷ୍ଣଚନ୍ଦ୍ର ସେଠୀ, ସୌମ୍ୟରଞ୍ଜନ ସାହୁ, ଭ୍ରମରବର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁଶାନ୍ତ ସ୍ୱାଇଁଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ସହର ଉପକଣ୍ଠସ୍ଥ ପୁରୋହିତପୁରଠାରେ ଅବସ୍ଥିତ ହରିହର ମହାଦେବ ମନ୍ଦିରରେ ସାମୂହିକ ଦୀପଦାନ ଓ ପ୍ରାର୍ଥନା କରିଥିଲେ। ଏଥିରେ ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ପୂଜକ ନାରାୟଣ ନାୟକ, ଶିବ ନାୟକ ଓ ଧନେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଳାସୋଳ ମଣ୍ଡଳ ସଭାପତି ତ୍ରିଲୋକନାଥ ପଣ୍ଡା, ସାଂସଦଙ୍କ ପ୍ରତିନିଧି ସମୀର ରଞ୍ଜନ ନାୟକ, ନଗର ଉପସଭାପତି ଦେବେନ୍ଦ୍ର ତ୍ରିପାଠୀ, ଟୁଲିଆ ପଳାଉରୀ, ରଞ୍ଜିତ ମହାନ୍ତି, ଅମର ଜିତ, ପ୍ରଦୀପ ଦାସ, ନଳିନୀ ପ୍ରଭା ସାହୁ, ଲତା ନାୟକ ମମତା ବେହେରା ସମ୍ବିତ ଷଡ଼ଙ୍ଗୀ, ନାରାୟଣ ସାମଲ, ବସନ୍ତ ନାୟକ, ବିଜୟ ମହାପାତ୍ର, ତୁଷାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏଭଳି ଭିନ୍ନ ଭିନ୍ନ ଭାବେ ବିଜେପି ଦୁଇ ଗୋଷ୍ଠୀ ହୋଇ କାର୍ଯ୍ୟକ୍ରମ ପାଳନ କରୁଥିବାରୁ ତାହା ସାଧାରଣରେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

# ଆଇପିଏଲ୍ ଢାଞ୍ଚାରେ ହେବ ହ୍ୟାଣ୍ଡବଲ୍ ଖେଳ

ଜଗତସିଂହପୁର,୧୦।୬(ସମିସ): ଜଗତସିଂହପୁର ଜିଲ୍ଲାର ଏକ ପୁରାତନ ତଥା ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ପିଟି ଉଷା ସ୍ପୋର୍ଟସ୍ କ୍ଲବ୍ ତାର ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଛି। ଏହି ଅବସରରେ ବିଭିନ୍ନ କ୍ରୀଡାର ଆୟୋଜନ କରାଯାଇଛି। ଏଥିପାଇଁ ଆସନ୍ତା ୧୨ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବଛା ବଛା ହ୍ୟାଣ୍ଡବଲ୍ ଖେଳାଳି ମାନଙ୍କୁ ନେଇ ଆଇପିଏଲ ଢାଞ୍ଚାରେ ୪ ଗୋଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ କାଦୁଅପଡାଠାରେ ଅନୁଷ୍ଠିତ ହେବ। ସେହିପରି ୧୫ ତାରିଖ ଦିନ ଜିଲ୍ଲାର ପୂର୍ବତନ କ୍ରିକେଟ୍ ଖେଳାଳି ମାନଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ମୁଦୁପୁର ଖେଳ ପଡିଆରେ ଅନୁଷ୍ଠିତ ହେବ ଏବଂ ସେହିଦିନ ରଜ ଅବସରରେ ଦୋଳି, ପୁଚି ଆଦି ମନୋରଞ୍ଜନଧର୍ମୀ ଖେଳ ମଧ୍ୟ ଅନୁଷ୍ଠିତ ହେବ ବୋଲି ପିଟି ଉଷା ସ୍ପୋର୍ଟସ୍ କ୍ଲବ୍‌ର ପ୍ରତିଷ୍ଠାତା ପ୍ରିୟନାଥ ରାୟ ଜଣାଇଛନ୍ତି। ଏଥିସହିତ ବର୍ଷ ତମାମ ଫୁଟବଲ୍, ଭଲିବଲ୍ ଆଦି ଖେଳ ଆୟୋଜନ ସହିତ ଆସନ୍ତା ଡିସେମ୍ବର ମାସରେ ଉତ୍ସବ ଉଦଯାପିତ ହେବ ବୋଲି ସୂଚନା ମିଳିଛି।

■ ମହାକାଳପଡ଼ା ତହସିଲ କାର୍ଯ୍ୟକୁ ନେଇ ଅସନ୍ତୋଷ

# ଆର୍‌ଟିଆଇ ସୂଚନା ପ୍ରଦାନରେ ବିଳମ୍ବ

ମହାକାଳପଡ଼ା, ୧୦।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀଙ୍କ ସମ୍ବନ୍ଧୀୟ ତଥ୍ୟ ପ୍ରଦାନକୁ ନେଇ ପ୍ରଶାସନିକ ବିଳମ୍ବ ଅଭିଯୋଗ ସାମ୍ନାକୁ ଆସିଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅନୁଯାୟୀ ସୁବ୍ରତ ସେଠୀ ଆବେଦନକାରୀ ମହାକାଳପଡ଼ା ତହସିଲ ଅଧୀନରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ବିବରଣୀ ମାଗିଥିଲେ। ପ୍ରଥମେ ଏହି ଆବେଦନ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରେରିତ ହୋଇଥିଲା। ସମ୍ପୃକ୍ତ ତଥ୍ୟ ସେଠାରେ ଉପଲବ୍ଧ ନ ଥିବାରୁ ନିୟମ ଅନୁଯାୟୀ ଆବେଦନକୁ ମହାକାଳପଡ଼ା ତହସିଲ୍ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆବେଦନକାରୀଙ୍କୁ ଚାହିଁଥିବା ସୂଚନା ପ୍ରଦାନ କରାଯାଇନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସ୍ଥାନାନ୍ତରିତ ଆବେଦନର ମଧ୍ୟ ସମୟୋପଯୋଗୀ ସମାଧାନ ନ ହେବାରୁ ଆରଟିଆଇ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି। ସାଧାରଣ ନାଗରିକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରକ୍ରିୟା କେତେ ଦ୍ରୁତ ଓ ସ୍ୱଚ୍ଛ ଭାବେ କାର୍ଯ୍ୟକରୀ ହେଉଛି, ତାହାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରଶାସନ ଏହି ମାମଲାରେ କେବେ ସ୍ପଷ୍ଟୀକରଣ ଦେବ ଓ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# କଣ୍ଟପଡ଼ା ବଜାରରେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ

ରାଜକନିକା,୧୦।୬(ସମିସ): ରାଜକନିକା ବ୍ଲକ୍ ସଦର ମହକୁମା କଣ୍ଟପଡ଼ା ବଜାରରେ ଲଗାଯାଇଥିବା ଷ୍ଟ୍ରିଟ୍‌ଲାଇଟ ବର୍ଷ ବର୍ଷ ଧରି ଅଚଳ ହୋଇପଡିବା ଓ ବାରମ୍ବାର ଅଭିଯୋଗ, ଆନ୍ଦୋଳନ ପରେ ବି ସଚଳ ନ ହେବାରୁ ବିଜେପି ରାଜ୍ୟ ସଭାପତିଙ୍କୁ ଭେଟି ଦାବି କରିଛନ୍ତି ଯୁବନେତା ଶ୍ରେୟସ ଦାସ। ରାଜକନିକା ସଦରର ମୁଖ୍ୟ ବଜାର ଓ କଟକ-ଚାନ୍ଦବାଲି ରାସ୍ତାର ପ୍ରମୁଖ ସହର କଣ୍ଟପଡା ବଜାର ଆଲୋକୀକରଣ ପାଇଁ ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରାୟ ଏକ କୋଟି ଟଙ୍କା ବ୍ୟୟକରାଯାଇଥିଲା। ଏହା କିଛିମାସ ଜଳିବା ପରେ ବିଲ୍ କିଏ ଭରିବ ବୋଲି ସମସ୍ୟା ହୋଇ ତାହା ବନ୍ଦ ରହିଲା। ପୁଣି ଖରସ୍ରୋତାରୁ ଚାନ୍ଦବାଲିକୁ ପାଇପ୍ ବିଛାଇବା ବେଳେ କେତେକ ଜାଗାରେ ତାର କଟିଯିବାରୁ ତାହା ଅଚଳ ହୋଇପଡିଛି। ଏଥିପାଇଁ କଣ୍ଟପଡ଼ା ବଜାର ସତ୍ୟ ନାରାୟଣ ବଣିକ ସଙ୍ଘ ବହୁବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିବାଠାରୁ ଆରମ୍ଭ କରି ସାମ୍ବାଦିକ ସମ୍ମିଳନୀ କରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଆନ୍ଦୋଳନ କରି ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅଚଳ ହୋଇ ପଡିବା ରହିଥିବାରୁ ଭୁବନେଶ୍ୱରଠାରେ ମନମୋହନ ସାମଲଙ୍କୁ ଭେଟି ଏହି ଅଚଳ ଷ୍ଟ୍ରିଟଲାଇଟ କାର୍ଯ୍ୟକ୍ଷମ କରିବାକୁ ଦାବି ଜଣାଇଛନ୍ତି।

## ମୃତ କରାଣ୍ଡିଆକୁ ପୁନଃ ଚିରସ୍ରୋତା ପାଇଁ ଆହ୍ୱାନ

# କରାଣ୍ଡିଆର ଉତ୍ପତ୍ତି ସ୍ଥଳରେ ବ୍ୟାରେଜ୍ ନିର୍ମାଣ ଦାବି

ଡେରାବିଶ, ୧୦।୬(ସମିସ): ଡେରାବିଶ ବ୍ଲକର ଲାଇଫ୍‌ଲାଇନ୍ ଭାବେ ପରିଚିତ ଲୁଣାନଦୀ। ଲୁଣାନଦୀରୁ ହରିଅଙ୍କ ପଞ୍ଚାୟତର କୂଳସାହିଠାରେ ଏହାର ଶାଖାନଦୀ କରାଣ୍ଡିଆ ବାହାରି ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କରାଣ୍ଡିଆପାଟଣା ନିକଟରେ ପୁନଃ ଲୁଣାନଦୀରେ ମିଶିଛି। ଡେରାବିଶ, ଗରଦପୁର ଓ ମାର୍ଶାଘାଇ ତିନୋଟି ବ୍ଲକ୍ ଦେଇ ପ୍ରବାହିତ ଏହି ଶାଖାନଦୀ ପୂର୍ବରୁ ଚିରସ୍ରୋତା ରହିଥିବା ବେଳେ ଏହି ନଦୀର ଜଳକୁ ସ୍ଥାନୀୟ ଅଞ୍ଚଳବାସୀ ପିଇବାଠାରୁ ଚାଷ କାମରେ ବ୍ୟବହାର କରିଆସୁଥିଲେ। କରାଣ୍ଡିଆ ନଦୀରେ ପୂର୍ବବତ ପାଣି ରହୁନାହିଁ। ଏହି ମୃତ କରାଣ୍ଡିଆ ନଦୀକୁ ପୁନଃ ଚିରସ୍ରୋତା କରାଯିବାକୁ ଉତ୍ପତ୍ତି ସ୍ଥଳରେ ବ୍ୟାରେଜ ନିର୍ମାଣ ପାଇଁ ଦାବି ହେଉଛି।

କରାଣ୍ଡିଆ ନଦୀ ଅଧିକ ଗଭୀର ହେବା ସହିତ ଏହାର ପ୍ରଖର ସ୍ରୋତ ଏହାର ଉଭୟ ପଟ ନଦୀପଠାକୁ କ୍ଷତି କରିବା ସହିତ ପ୍ରତ୍ୟେକ ବର୍ଷ ଅଞ୍ଚଳବାସୀଙ୍କ ଜନଜୀବନକୁ ଦୁର୍ବିସହ କରୁଥିଲା। ଏହାର ସ୍ରୋତକୁ ଅଟକାଇବା ପାଇଁ ଏହାର ଉତ୍‌ପତି ସ୍ଥଳରେ ଜଳସମ୍ପଦ ବିଭାଗ ପକ୍ଷରୁ ପଥର ବନ୍ଧ ନିର୍ମାଣ କରାଯାଇଥିଲା। ଫଳରେ ଏହି ନଦୀରେ ଧିରେ ଧିରେ ଜଳସ୍ରୋତ କମିବାରେ ଲାଗିବା ସହ ନଦୀ ଉତ୍‌ପତି ସ୍ଥଳଠାରୁ ପାଖାପାଖି ୨ କିଲୋମିଟର ବ୍ୟାପି ଶଯ୍ୟା ପୋତି ହୋଇଯିବା ସହିତ ଏବେ ଏଥିରେ ଜଳପ୍ରବାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ସହିତ ନଳକୂପ ଓ ଅନ୍ୟାନ୍ୟ ଜଳାଶୟ ସମ୍ପୂର୍ଣ୍ଣ ଶୁଖିଯାଉଛି। ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ଏ ଅଞ୍ଚଳର ଚାଷୀ। ପୂର୍ବରୁ ଚାଷୀ କରାଣ୍ଡିଆ ନଦୀ ଜଳରେ ବର୍ଷସାରା ବିଭିନ୍ନ ପନିପରିବା, ଧାନ, ରବି ଫସଲ ଚାଷ କରୁଥିଲେ। ଏବେ ଶୁଖିଲା ନଦୀ ପାଇଁ ପ୍ରାୟତଃ ଏହି ଚାଷ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି। ଏଥିସହିତ ଚିରସ୍ରୋତା କରାଣ୍ଡିଆରୁ ମିଳୁଥିବା ପ୍ରଚୁର ପରିମାଣରେ ମାଛ ବିକ୍ରିକରି ବହୁ ମତ୍ସ୍ୟଜୀବୀ ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ଏବେ ଅଞ୍ଚଳବାସୀଙ୍କ ପାଇଁ କରାଣ୍ଡିଆର ମାଛ ସ୍ୱପ୍ନ ପାଲଟିଛି। କରାଣ୍ଡିଆ ନଦୀକୁ ପୁନଃ ଚିରସ୍ରୋତା କରିବାକୁ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ଆହ୍ୱାନରେ ଦ୍ୱୀପାଞ୍ଚଳର ଶହଶହ ଅଧିବାସୀ କରାଣ୍ଡିଆର ପୋତି ହୋଇଥିବା ଉତ୍ପତି ସ୍ଥଳକୁ ଖନନ କରି ଏହାକୁ ଚିରସ୍ରୋତା କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିସହିତ କରାଣ୍ଡିଆର ଉତ୍ପତି ସ୍ଥଳରେ ଉଭୟ ଲୁଣା ଓ କରାଣ୍ଡିଆରେ ଏକ ବ୍ୟାରେଜ ନିର୍ମାଣ କରି ନଦୀର ଜଳ ସଞ୍ଚିତ କରି ରଖି ପାନୀୟ ଓ ଚାଷ ନିମନ୍ତେ ବ୍ୟବହାର କରିବା ପାଇଁ ଦାବି କରାଯାଇଛି। ଏହି ବ୍ୟାରେଜ ନିର୍ମାଣ କରାଗଲେ ଅଞ୍ଚଳବାସୀ ପାଣି ପାଇବା ସହିତ ମତ୍ସ୍ୟ ସମ୍ପଦର ବିକାଶ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

## ଲତିକାଙ୍କ ପାଇଁ ଆବାସ ସାତସପନ

# ଭଙ୍ଗା କୁଡ଼ିଆରେ ବିତୁଛି ୫ ପ୍ରାଣୀଙ୍କ ଜୀବନ

ମହାକାଳପଡ଼ା, ୧୦।୬(ସମିସ)



ଗରିବ ଓ ଅସହାୟ ପରିବାରଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କାଘର ଯୋଗାଇ ଦେବା ଲକ୍ଷ୍ୟରେ ସରକାର ଆବାସ ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ଆଜି ବି ଅନେକ ପ୍ରକୃତ ହିତାଧିକାରୀ ସେଥିରୁ ବଞ୍ଚିତ ରହିଛନ୍ତି। ଏଭଳି ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତର ତେରଗାଁ ଗ୍ରାମରେ। ଗ୍ରାମର ଧୂଳ ସ୍ୱାଇଁଙ୍କ ପତ୍ନୀ ଲତିକା ସ୍ୱାଇଁ ଦୀର୍ଘବର୍ଷ ଧରି ପରିବାରର ଅନ୍ୟ ଚାରିଜଣ ସଦସ୍ୟଙ୍କ ସହ ଏକ ଜରାଜୀର୍ଣ୍ଣ ଚାଳଛପର ଘରେ ଦୁଃଖକଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ତେବେ ସରକାରଙ୍କ ଆବାସ ଯୋଜନା ସେମାନଙ୍କ ପାଇଁ ଏବେ ସାତସପନ ପାଲଟିଛି।

ପରିବାରର ପାଞ୍ଚଜଣ ସଦସ୍ୟଙ୍କ ପାଇଁ ଏହି ଭଙ୍ଗାଘର ହିଁ ଏକମାତ୍ର ଆଶ୍ରୟସ୍ଥଳ। ବର୍ଷାଦିନ ଆସିଲେ ଦୁଃଖ ଯେପରି ଦ୍ୱିଗୁଣିତ ହୋଇଯାଏ। ଘରର ଚାଳ ଫାଟି ଯାଇଥିବାରୁ ବର୍ଷା ପାଣି ସିଧାସଳଖ ଘର ଭିତରକୁ ପଶିଯାଉଛି। ଘରର ଚାରିକାନ୍ଥ ମଧ୍ୟ ଦୁର୍ବଳ ହୋଇ ପଡ଼ିଥିବାରୁ ଝଡ଼ ଓ ପବନ ସମୟରେ ଘରଟି ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏଭଳି ଭୟ ଓ ଆତଙ୍କ ଭିତରେ ଦିନ କାଟୁଛନ୍ତି ଲତିକା ଓ ତାଙ୍କ ପରିବାର। ପକ୍କାଘର ପାଇଁ ଲତିକା ବାରମ୍ବାର ସ୍ଥାନୀୟ ପ୍ରଶାସନ, ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ଜନପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଆକୁଳ ନିବେଦନ କାହା କାନରେ ପଡୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଅନେକ ଥର ଆଶ୍ୱାସନ ମିଳିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ଭାଗ୍ୟରେ ପକ୍କା ଘର ଖଣ୍ଡିଏ ଜୁଟିନାହିଁ। ଫଳରେ ଭାଗ୍ୟକୁ ଆଦରି ସେହି ଭଙ୍ଗା କୁଡ଼ିଆରେ ରହିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ତାଲିକାରେ ଅନେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସ୍ଥାନ ପାଉଥିବାବେଳେ ପ୍ରକୃତରେ ଅସହାୟ ଓ ଗରିବ ହିତାଧିକାରୀ କିପରି ବଞ୍ଚିତ ହେଉଛନ୍ତି, ଲତିକାଙ୍କ ଘଟଣା ତାହାର ଜ୍ୱଳନ୍ତ ଉଦାହରଣ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଦିନକୁ ଦିନ ଭଙ୍ଗା ଘରର ଅବସ୍ଥା ଅଧିକ ଶୋଚନୀୟ ହେଉଥିବାରୁ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଲତିକା ସ୍ୱାଇଁଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଗୋପବନ୍ଧୁ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର



ଢେଙ୍କାନାଳ, ୧୦।୬ (ସମିସ): ସ୍ଥାନୀୟ ଗଣେଶ ବଜାର ସ୍ଥିତ ନୂତନ ଗୋପବନ୍ଧୁ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଭିତି ପ୍ରସ୍ତର ସ୍ଥାପିତ କରାଯାଇଛି। ୧୬୧୭ ବର୍ଗ ମିଟର ପରିସର ଥିବା ଜମିରେ ୧୩ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟରେ ୩ ମହଲା ବିଶିଷ୍ଟ ଟାଉନ୍ ହଲ୍ ନିର୍ମାଣ କରାଯିବ। ଏଥି ସହିତ ଆଗାମୀ ଦିନରେ ୧୬ କୋଟି ଟଙ୍କା ବ୍ୟୟରେ ନୂତନ ସର୍କିଟ ହାଉସ, ୭୬ କୋଟି ଟଙ୍କା ବ୍ୟୟରେ ନୂତନ କୋର୍ଟ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗ ଦେଇ, ନୂତନ ଟାଉନ୍ ହଲ୍ ନିର୍ମାଣ ସହରବାସୀଙ୍କ ପାଇଁ ଖୁସିର ଖବର ବୋଲି କହିଛନ୍ତି। ଏହି ନୂତନ ଟାଉନ ହଲରେ ପ୍ରାୟ ୧୨୦୦ ଦର୍ଶକଙ୍କ ନିମନ୍ତେ ବ୍ୟବସ୍ଥା ସହିତ ବ୍ୟବସ୍ଥିତ ଗାଡ଼ି ପାର୍କିଂ ସୁବିଧା କରାଯିବ ବୋଲି ଜଣାପଡ଼ିଛି। ଏହି ଭିତି ପ୍ରସ୍ତର ସ୍ଥାପନ ଉତ୍ସବରେ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ସମସ୍ତ ପାରିଷଦ ବର୍ଗ ଓ ପୌରପାଳିକାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯାଦୁଗର ବିମଳଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର




ହିନ୍ଦୋଳ, ୧୦।୬(ସମିସ): ହିନ୍ଦୋଳ ମାଟିର ଗର୍ବ ଯାଦୁଗର ବିମଳ କୁମାର ଯାଦୁବିଦ୍ୟା ମାଧ୍ୟମରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରି ରାଜ୍ୟ ଠାରୁ ଆରମ୍ଭ କରି ରାଜ୍ୟ ବାହାରେ ପୁରସ୍କୃତ ହୋଇଥିବା ବେଳେ ଚଳିତ ବର୍ଷ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବନଖଣ୍ଡ ପକ୍ଷରୁ କପିଳାସ ରେଞ୍ଜ କାର୍ଯ୍ୟାଳୟ ଠାରେ ବିଶ୍ୱପରିବେଶ ଦିବସ ପାଳିତ ହୋଇଥିଲା। ଏଥିରେ ହିନ୍ଦୋଳ ଉପଖଣ୍ଡର ବିଶିଷ୍ଟ ଯାଦୁକର ବିମଳ ବିଶ୍ୱାଳଙ୍କୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ବିଭାଗ ପକ୍ଷରୁ ଆୟୋଜିତ ସଭାରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡଃ ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଆଠଗଡ଼ ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାକୁ ଅଧିକ ମାତ୍ରାରେ ସୁରକ୍ଷା ଦେଇ ବୃକ୍ଷ ଲଗାଇବାରେ ନିରନ୍ତର ପ୍ରୟାସକୁ ଅଧିକ କ୍ରିୟାଶୀଳ କରିବାପାଇଁ ଯାଦୁକର ବିମଳ ବିଶ୍ୱାଳଙ୍କ ସଫଳ ଉଦ୍ୟମକୁ ପ୍ରଶଂସା କରିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ବିମଳ ବିଶ୍ୱାଳ ବିଗତ ଦିନ ମାନଙ୍କରେ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ସେବା ପାଇଁ ବିଗତ ୨୦୦୭ ମସିହାରେ ପ୍ରକୃତିବନ୍ଧୁ ପୁରସ୍କାର ମଧ୍ୟ ସମ୍ମାନିତ ହୋଇଥିଲେ।

## ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ବୈଠକ

ଢେଙ୍କାନାଳ, ୧୦।୬ (ସମିସ): ଓଡ଼ାପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ପ୍ରକଳ୍ପ ଆକ୍ସେସ ଟୁ ଜଷ୍ଟିସ ଫର ଚିଲଡ୍ରେନ୍ସ ସହଯୋଗରେ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା ସମିତିର ବୈଠକଅନୁଷ୍ଠିତ ହୋଇଥିଲା ସରପଞ୍ଚ ସୁଭଦ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି କାର୍ଯ୍ୟ ନିର୍ବାହୀ ଅଧିକାରୀ ବା ସିଏମପିଇଓ ବିଦୁର କୁମାର ମାଝୀ, ଏଡିଇଓ ଲକ୍ଷ୍ମୀପ୍ରିୟା ପାଲ ନାଏବ, ୱାର୍ଡ ମେମ୍ବର, ଆଶା ଯୋଗ ଦେଇଥିଲେ। ମନସ୍ମିତା ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା, ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ, ବାଲ୍ୟବିବାହ କ୍ଷେତ୍ରରେ



ଆୟୋଜନକାରି, ଯୋଗଦେଇଥିବା ଅତିଥି, ତଥା ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡବିଧାନ ତଥା ନିରାକରଣ ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯ୍ୟାତନା ଆଇନ ପୋକ୍ସୋ ଉପରେ ଆଲୋଚନା ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ କୌଣସି ଶିଶୁ ଅଧିକର ଉଲ୍ଲଙ୍ଘନ ଦେଖିଲେ ଚାଇଲ୍ଡ ହେଲ୍ପ ଲାଇନର ଦେୟମୁକ୍ତ ନମ୍ବର ୧୦୯୮ କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ କନ୍ୟା ବିବାହ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ବିଦୁର କୁମାର ମାଝୀ ପଞ୍ଚାୟତରେ ବାଲ୍ୟ ବିବାହକୁ ଅନୁଧ୍ୟାନ କରିବାକୁ ପାଇଁ ଏକ ବିବାହ ରେଜିଷ୍ଟର କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ପଞ୍ଚାୟତ ରେ ବାଲ୍ୟ ବିବାହ କିପରି ମୁକ୍ତ କରାଯିବ ଏଥିପ୍ରତି ପଞ୍ଚାୟତର ସମସ୍ତ ସଦସ୍ୟ ଦାୟିତ୍ୱ ସହକାରେ ସଚେତନ ଅବଲମ୍ବନ କଲେ ସମସ୍ତେ ସୁରକ୍ଷିତ ହେଇପାରିବା ବୋଲି ଆହ୍ୱାନ ଦେଇଥିଲେ। ଶେଷରେ ଲକ୍ଷ୍ମୀପ୍ରିୟା ପାଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଢେଙ୍କାନାଳ ସହରର ଭୂତଳ ଜଳ ୬ ମିଟର ତଳକୁ ଖସିଲାଣି

# ସରୁନି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ







ଢେଙ୍କାନାଳ, ୧୦।୬ (ସମିସ)

ଢେଙ୍କାନାଳ ସହରରେ ଦିର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ଧରି ପାନୀୟ ଜଳସଙ୍କଟ ଲାଗିରହିଛି। ସହରାଞ୍ଚଳ ପାନୀୟ ଯୋଗାଣ ନିମନ୍ତେ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନଥିବା ଯୋଗୁଁ ଏଠାରେ ପାନୀୟ ଜଳର ଘୋର ସମସ୍ୟା ସୃଷ୍ଟି ହୋଇଛି। ଢେଙ୍କାନାଳ ପୌରାଞ୍ଚଳରେ ୨୩ଟି ୱାର୍ଡ ରହିଥିବା ବେଳେ ବର୍ତ୍ତମାନ ଲୋକସଂଖ୍ୟା ୭୭ ହଜାର ୯୦ ବୋଲି ଜଣାପଡ଼ିଛି। ଏହି ଜନସଂଖ୍ୟା ଆସନ୍ତା ୨୦୫୦ ମସିହାରେ ୧ ଲକ୍ଷ ୧୨ ହଜାରରୁ ଅଧିକ ହେବ ବୋଲି ଏକ ଆକଳନରୁ ଜଣାପଡ଼ିଛି। ବର୍ତ୍ତମାନ ସହରବାସୀଙ୍କୁ ଆବଶ୍ୟକତା ଅନୁସାରେ ୧୧୪ ଲକ୍ଷ ଲିଟର ଜଳର ଆବଶ୍ୟକତା ରହିଥିବା ବେଳେ ୯୦ ଲକ୍ଷ ଲିଟର ଜଳ ଯୋଗାଇ ଦିଆଯାଉଛି। ଆବଶ୍ୟକତାଠାରୁ ଏହା ୨୪ ଲକ୍ଷ ଲିଟର ଜଳ କମ୍ ରହିଥିବାରୁ ସହରର ଅନେକ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସହରର ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ଦୈନିକ ୧୩୫ ଲକ୍ଷ ଲିଟର ଜଳର ଆବଶ୍ୟକତା ରହିଛି। ଏହି ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ସହରାଞ୍ଚଳ ବିକାଶ ଯୋଜନାରେ ୨୦୧୬ -୧୭ ଆର୍ଥିକ ବର୍ଷରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ଏହି ଯୋଜନା ଅନୁସାରେ କଟକ ଜିଲ୍ଲା ମହାନଦୀ ଅବବାହିକା ଫୁଲଓ୍ୱାଡି ଅଞ୍ଚଳରୁ ପାଇପ୍ ଯୋଗେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ କଟକ ଫୁଲଓ୍ୱାଡିରୁ ପ୍ରାୟ ୨୫.୭୫ କିଲୋମିଟର ଦୂରତାରୁ ପାଣି ଯୋଗାଇବା ପାଇଁ ପ୍ରଥମେ ୨୦୧୬-୧୭ ଆର୍ଥିକ ବର୍ଷରେ ୧୨୮ କୋଟିର ପ୍ରକଳ୍ପ ସରକାରଙ୍କୁ ଅନୁମୋଦନ ପାଇଁ ପ୍ରଦାନ କରାଯାଇଥିଲା। ମାତ୍ର ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହୋଇନପାରି ପୁନର୍ବାର ୨୦୧୯-୨୦ ଆର୍ଥିକ ବର୍ଷରେ ନୂତନ ଭାବରେ ଆକଳନ କରାଯାଇ ସରକାରଙ୍କ ନିକଟକୁ ପଠାଯାଇଥିଲା। ଯାହା ଦ୍ୱାରା ଏହି ପ୍ରକଳ୍ପ ୧୨୮ କୋଟିରୁ ବୃଦ୍ଧିପାଇ ୨୦୧୯-୨୦ ଆର୍ଥିକ ୧୬୦ କୋଟିରେ ପହଞ୍ଚିଲାଣି। ଏହି ଯୋଜନାରେ ମହାନଦୀରୁ ପାଇପ୍ ଯୋଗେ ପାଣି ଆଣି ଶଙ୍କରପୁର ଦେଇ ମହିଷାପାଟଠାରେ ପହଞ୍ଚିବା ପରେ ସେଠାରେ ଏକ ଜଳବିଶୋଧନାଗାର ପ୍ରତିଷ୍ଠା କରାଯାଇ ୱାଟର ଟ୍ରିଟମେଣ୍ଟ କାରଖାନା ପ୍ରତିଷ୍ଠା କରାଯିବ। ସେଠାରୁ ସହରକୁ ୪ଟି ଭାଗରେ ବିଭକ୍ତ କରାଯାଇ ମଣ୍ଟ ଫର୍ଟ ସ୍କୁଲଠାରେ ୨ଟି, ରାଜବାଟି ନିକଟରେ ଗୋଟିଏ ଏବଂ ଢେଙ୍କାନାଳ ମହାବିଦ୍ୟାଳୟ ନିକଟରେ ଏହିପରି ମୋଟ ୪ଟି ଟାଙ୍କି ନିର୍ମାଣ କରାଯାଇ ପାଣି ଗଚ୍ଛିତ କରାଯିବ। ସେଠାରୁ ପାଇପ ଯୋଗେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ। ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆସନ୍ତା ୨୦୫୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ରିପୋର୍ଟରେ ପ୍ରକାଶ କରାଯାଇଛି। ବର୍ତ୍ତମାନ ଢେଙ୍କାନାଳ ସହର ଠାରୁ ୭ କିମି ଦୂର ବ୍ରାହ୍ମଣୀ ନଦୀରୁ ପାଣି ଆସୁଥିବା ବେଳେ ତାହା ସହରବସୀଙ୍କ ପାଇଁ ପର୍ଯ୍ୟାପ୍ତ ହୋଇପାରୁନାହିଁ। ବ୍ରାହ୍ମଣୀ ନଦୀରେ ଖରାଦିନେ ପାଣି ରହୁନଥିବାଯୋଗୁଁ

### ଟ୍ୟାଙ୍କର ପାଣି ଯୋଗାଣ ଏକମାତ୍ର ସାହା ଭରସା

ପାଣି ଯୋଗାଣରେ ମଧ୍ୟ ଘୋର ଅସୁବିଧା ସୃଷ୍ଟି ହେଉଛି। ବ୍ରାହ୍ମଣୀ ନଦୀରୁ ପାଣି ଆସୁଥିବା ବେଳେ ସହରରେ ଦୈନିକ ୩ ହଜାର ଲିଟର ପାଣି ଚୋରୀ ହେଉଥିବାର ଏକ ରିପୋର୍ଟରୁ ପ୍ରକାଶ ପାଇଛି। ବର୍ତ୍ତମାନ ସହରେ ୨୩୪ଟି ଷ୍ଟାଣ୍ଡପୋଷ୍ଟ ରହିଥିବା ବେଳେ ୨୦ଟି କ୍ଷତିଗ୍ରସ୍ତ ହୋଇଛି। ସେହିପରି ସହରରେ ୩୩୨ଟି ନଳକୂପ ରହିଥିବା ବେଳେ ଭୁତଳ ଜଳ ହ୍ରାସ ପାଇଥିବାରୁ ବହୁ ନଳକୂପ ଅଚଳ ହୋଇପଡ଼ିଛି। ସହରରେ ରାଜରାଜୁଡା ସମୟରେ ବିଭିନ୍ନ ସ୍ଥାନରେ ଖୋଲାପୋଖରୀ କରାଯାଇ ଭୂତଳ ଜଳର ସଂରକ୍ଷଣ କରାଯାଉଥିବା ବେଳେ ତାହା ବର୍ତ୍ତମାନ ପୋତିହୋଇ ନଷ୍ଟ ହୋଇଯାଇଛି। ସବୁଠାରୁ କ୍ଷୋଭର ବିଷୟ ଜଗନ୍ନାଥ ରୋଡରେ ଥିବା ଗୋଡି ପୋଖରୀକୁ ଦେବୋତର ବିଭାଗ ପୋତିଦେଇ ଏହାକୁ ବିକ୍ରୟ କରିଦେବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳସଙ୍କଟ ଦେଖାଦେଇଛି। ସେହିପରି ସହରରେ ଥିବା ପୋଖରୀଗୁଡିକୁ ପୁନରୁଦ୍ଧାର ଯୋଜନାରେ ଏହା ସମ୍ପୂର୍ଣ୍ଣ ହୋଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ପଶୁପକ୍ଷୀ ଓ ବିଭିନ୍ନ ଅଶୌଚ କାର୍ଯ୍ୟକରିବାରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ସହରର ମୁଖ୍ୟ ପୋଷ୍ଟ ଅଫିସ ସମ୍ମୁଖରେ ଥିବା ଏକ ସରକାରୀ ଖୋଲା କୁଅକୁ ପୋତାଯାଇ ଗୃହ ନିର୍ମାଣ କରାଯାଇଥିବା ବେଳେ ଇନ୍ଦିରାଗାନ୍ଧୀ ସୁପରମାର୍କେଟଠାରେ ମଧ୍ୟ ଅନୁରୂପ ଭାବରେ ଏକ କୂଅକୁ ପୋତି ଦିଆଯାଇଛି। ସହରର ୨୩ଟି ୱାର୍ଡରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିବା ଯୋଗୁଁ ଭୂତଳ ଜଳ ସଂରକ୍ଷଣ ରେ ମୁଖ୍ୟ ବାଧକ ସୃଷ୍ଟି ହୋଇ ବର୍ତ୍ତମାନ ସହରର ଭୂତଳ ଜଳ ୬ ମିଟର ତଳକୁ ଖସିଯିବା ଯୋଗୁଁ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ସେହିପରି ସହରରେ ବସବାସ କରୁଥିବା ଅଧିବାସୀମାନେ ନିଜ ନିଜ ବାସଗୃହ ମଧ୍ୟରେ ଗଭୀର ବୋରୱେଲ ଖୋଳି ପାଣି ବ୍ୟବହାର କରୁଥିବା ଯୋଗୁଁ ଜଳସ୍ତର କ୍ରମାଗତ ଭାବେ ହ୍ରାସପାଇବାରେ ଲାଗିଛି। ସହରରେ ଜଳସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଆଗାମୀ ଦିନରେ ଭୟାବହ ପରସ୍ଥିତି ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି।

## ପାନୀୟଜଳ ସମସ୍ୟାକୁ ନେଇ ଆନ୍ଦୋଳନକୁ ଓହ୍ଲାଇଲେ ପ୍ରଜା

ହିନ୍ଦୋଳ / ଖଜୁରିଆକଟା, ୧୦।୬ (ସମିସ) : ଓଡ଼ାପଡ଼ା ବ୍ଲକରେ ପାନୀୟଜଳ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ମାନେ ଚୁପ୍ ରହିବା ଘଟଣାକୁ ନେଇ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇ ଥିବା ଦେଖିବାକୁ ମିଳିଛି। ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅନ୍ତର୍ଗତ ବଦାଲୁ, ହାଣ୍ଡିଫୁଟା, ନରହରିପୁର, ମାଡୁଆ ନୂଆସାହି ସହିତ ଅନ୍ୟାନ୍ୟ ଗ୍ରାମର ଲୋକମାନେ ରାଜ ରାସ୍ତାକୁ ଓହ୍ଲାଇ ଆଜି ହିନ୍ଦୋଳ ଗୁଡିଆକାଟେଣି ରାସ୍ତା ଅବରୋଧ କରିଛନ୍ତି। ରାଜ୍ୟରେ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବା ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରସରକାର ଙ୍କ ପର୍ଯ୍ୟନ୍ତ ମନ୍ତ୍ରୀ ଓ ନେତାମାନେ କହୁଥିବା ବେଳେ ବାସ୍ତବରେ



ତାହା ଦେଖିବାକୁ ମିଳିନଥାଏ। ଓଡ଼ାପଡ଼ା ବ୍ଲକ ଏକ ଶିଳ୍ପ ସମୃଦ୍ଧ ଓ ଖଣିଖାଦାନ ଭରା ବ୍ଲକ। ଏହି ବ୍ଲକର ଜନସାଧାରଣ ବିଶୁଦ୍ଧ ପାନୀୟଜଳ ଅଭାବରୁ ନାନା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡ଼ିଛି। କଳକାରଖାନା ଓ ଖଣିଖାଦାନ ନିକଟବର୍ତ୍ତୀ ୧୦ ଗୋଟି ପଞ୍ଚାୟତର ଲୋକ ମାନେ ବିଶୁଦ୍ଧ ପାନୀୟଜଳ ଅଭାବରୁ ପ୍ରତ୍ୟେକ ବର୍ଷ ଶତାଧିକ ଲୋକ କୀଡିନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବାବେଳେ ଶତାଧିକ ଲୋକ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ଲଢେଇ କରୁଥିବା ଦେଖିବାକୁ ମିଳିଛି। ଓଡ଼ାପଡ଼ା ବ୍ଲକରେ ଅନେକ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। କିନ୍ତୁ ସେଥି ମଧ୍ୟରୁ ଅଧାରୁ ଅଧିକ ଅଚଳ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଯେଉଁ ସ୍ଥାନରେ ଠିକ ଅଛି ସେହି ଗ୍ରାମର ସମସ୍ତ ଲୋକଙ୍କ ପାଖରେ ପାଣି ପହଁଞ୍ଚି ପାରୁନାହିଁ। ନିମ୍ନ ମାନର ଯନ୍ତ୍ରାଂଶ ଓ ପାଇପ୍ ବ୍ୟବହାର କରାଯାଇଥିବା ଯୋଗୁଁ କେଉଁ ଠାରେ ପାଇପ୍ ଫାଟି ପାଣି ରାସ୍ତାରେ ଯାଉଛି। ଗୋଟିଏ ସ୍ଥାନରେ ପାଇପ୍ ଫାଟି ପାଣି ବାହାରକୁ ବୋହି ଯାଉଥିବା ଏବଂ ଫଟା ପାଇପ୍ ଉପରେ ସିମେଣ୍ଟ କଂକ୍ରିଟ ଢାଳି ପ୍ୟାଚ ପକା ଯାଉଥିବାର ଫଟୋ ଉଠାଇବା ବେଳେ ସେଠାରେ କାର୍ଯ୍ୟ ରତ କର୍ମଚାରୀ ସାମ୍ବାଦିକଙ୍କୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଢ଼େଙ୍କାନାଳ ଉପଖଣ୍ଡ ଅଧିକାରୀ ଅମିତ୍ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି କି ଆପଣ ଯାହା କରିବା କଥା କରନ୍ତୁ। ଏ ସମ୍ପର୍କରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀ ସିଦ୍ଧାର୍ଥ ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି କି ସେମାନେ ଆପଣଙ୍କୁ ଚିହ୍ନି ନାହାନ୍ତି କରିଦେଇଛନ୍ତି ଏପରି ଆଉ କେବେ ହେବ ନାହିଁ ବୋଲି କହିଛନ୍ତି। ଓଡ଼ାପଡ଼ା ପାନୀୟଜଳ ବିଭାଗ ଯନ୍ତ୍ରୀଙ୍କୁ ସୁପ୍ରିୟା ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

## ହନୁମାନ ବାଟିକାରେ ସାଂସଦଙ୍କ ଜନଶୁଣାଣି

ଢେଙ୍କାନାଳ, ୧୦।୬ (ସମିସ): ସ୍ଥାନୀୟ ହନୁମାନ ବାଟିକା ଠାରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଚା'ପାନରେ ଆପ୍ୟାୟିତ କରିବା ସହ ବିଭିନ୍ନ ଅଞ୍ଚଳରୁ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ଅଭିଯୋଗ ଦରଖାସ୍ତ ଗ୍ରହଣ କରି ଥିଲେ। ଆବଶ୍ୟକ ସ୍ଥଳେ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ଯୋଗେ ଅବଗତ କରାଇ ଲୋକଙ୍କ ସମସ୍ୟାର ସମାଧାନ କରିଥିଲେ। ଜଣେ ସାଧାରଣ ବ୍ୟକ୍ତି ଭାବେ ସାଂସଦଙ୍କ ଏହି ଭାବ ବିନିମୟମୂଳକ ଅଭିଯୋଗ ଶୁଣାଣି ବେଶ୍ ଲୋକାଦୃତ ହୋଇଥିଲା। ବରିଷ୍ଠ ଆଇନ୍‌ଜୀବୀ ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ରମେଶ ସାମଲ, ମାତୃ ପ୍ରସାଦ ନନ୍ଦ, ଗଣେଶ୍ୱର ସାହୁ ଓ ପ୍ରଦୀପ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ନୀତା ନୃତ୍ୟାଙ୍ଗନା ଛାତ୍ରୀଙ୍କ ସଫଳତା



ଢେଙ୍କାନାଳ, ୧୦।୬(ସମିସ): ଏଲ ଇଣ୍ଡିଆ ଆର୍ଟିଷ୍ଟ ଆସୋସିଏସନ୍ ତରଫରୁ ହିମାଚଳପ୍ରଦେଶ ଶିମଲାସ୍ଥିତ କାଳିବାରି ହଲ୍‌ଠାରେ ଅନୁଷ୍ଠିତ ହେଉଥିବା ୭୧ତମ ନୃତ୍ୟ ଓ ନାଟକ ପ୍ରତିଯୋଗିତା ଜୁନ୍ ୬ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ନୀତା ନୃତ୍ୟାଙ୍ଗନା ଅନୁଷ୍ଠାନର ସମୀକ୍ଷା ପଣ୍ଡା ଓ ଦିବ୍ୟାଂଶୀ ଦାଶ ସର୍ବକନିଷ୍ଠ ବିଭାଗରେ ଏକକ ସମ୍ବଲପୁରୀ ଲୋକ ନୃତ୍ୟରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୨୬୦ ଜଣରୁ ଅଧିକ କଳାକାର ଭାଗ ନେଇଥିବା ବେଳେ ସମୀକ୍ଷା ପଣ୍ଡା ଓ ଦିବ୍ୟାଂଶୀ ଦାଶ ଯୁଗ୍ମ ଭାବରେ ୨ୟ ସ୍ଥାନ ଅଧିକାର କରି ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣି ପାରିଛନ୍ତି। ନୃତ୍ୟ ଗୁରୁ ଆଶିଷ କୁମାର ପାଲ ଓ ଅଜିତ୍ ପାଲଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ନୃତ୍ୟ ଶିକ୍ଷ୍ୟା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲିଉଡର ସିନେ ତାରକା ରୋହିତ ଶଭଗୌର, ଉପସଭାପତି ରେଖା ଗୌର ଓ ସମ୍ପାଦକ ସୁଦର୍ଶନ ହେମ୍ନନି କଳାକାରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ମେଧାବୀ ଛାତ୍ରୀଙ୍କୁ ସମ୍ମାନିତ କଲା ମାରୁତି ସେନା

ଢେଙ୍କାନାଳ, ୧୦।୬ (ସମିସ): ଭୂବନ ବ୍ଲକ ମାର୍ଥାପୁର ଅଞ୍ଚଳର ରୀଙ୍କି ରାଉତ୍ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବିନା କୋଚିଂ ରେ ୯୩ ପ୍ରତିଶତ ରୁ ଉର୍ଦ୍ଧ୍ୱମାର୍କ ରଖିଛନ୍ତି। ତାଙ୍କୁ ସାମାଜିକ ସଙ୍ଗଠନ ମାରୁତି ସେନା ପକ୍ଷରୁ ଆର୍ଥିକ ସହାୟତା ସହ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କ ପିତା ପ୍ରଭାକର



ରାଉତ ଜଣେ ଦିନ ମଜୁରିଆ। ଝିଅର ପାଠ ପଢ଼ିବା ଓ ଦୃଢ଼ ଇଛା ଶକ୍ତିକୁ ଦେଖି ସାମାଜିକ ସଙ୍ଗଠନ ମାରୁତି ସେନା ପକ୍ଷରୁ ଯାହା ସମ୍ଭବ ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ସଙ୍ଗଠନ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା। ଝିଅଟି ଭବିଷ୍ୟତରେ ଶିକ୍ଷକ ଟିଏ ହେବାପାଇଁ ଆଶା ଓ ବିଶ୍ୱାସ ରଖିଛି, ତେଣୁ ଝିଅର ପାଠ ପ୍ରତି ଆଗ୍ରହ ଦେଖି ଖୁସି ବ୍ୟକ୍ତ କଲା ମାରୁତି ସେନା। ସରକାରୀ ସ୍ତରରେ କିଛି ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ମାରୁତି ସେନା ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା ଅନ୍ୟ ମାନଙ୍କ ମଧ୍ୟରେ, ବିସ୍ମୟ ରଞ୍ଜନ ବେହେରା, ଓମ୍ ପ୍ରକାଶ ସାହୁ, ବିଭୂତି ଭୂଷଣ ପରିଡ଼ା, ପ୍ରସନ୍ନ କୁମାର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ, ଝିଅର ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଭଗବାନ୍ ଏଇ ଗରିବ ଦିନ ଦୁଃଖୀ ପରିବାର ପ୍ରତି ସଦୟ ହୁଅନ୍ତୁ ବୋଲି କାମନା କରିଛନ୍ତି ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା।

## ହାତୀ ସୁରକ୍ଷା ନେଇ ଆଲୋଚନା

# ମାନବ-ହାତୀ ସହାବସ୍ଥାନ ଓ ସୁରକ୍ଷା ଉପରେ ଆଲୋଚନା

ହିନ୍ଦୋଳ/ଖଜୁରିଆକଟା, ୧୦।୬ (ସମିସ)



ଢେଙ୍କାନାଳ ବନ ବିଭାଗ ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମିଳିତ ଅନୁ୍ୟକ୍ୟୁଲ୍ୟରେ ମାନବ ହାତୀ ସହବସ୍ଥାନ ଏବଂ ସୁରକ୍ଷା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ନେହା ଏନଜିଓର ପ୍ରତିନିଧିମାନେ ଏଥିରେ ସହଯୋଗ କରିଥିଲେ। ମଣିଷ ଓ ହାତୀ ମଧ୍ୟରେ ବଢୁଥିବା ବିବାଦର ବିଭିନ୍ନ ଦିଗ ତଥା ଏକ ସୁରକ୍ଷିତ ଭବିଷ୍ୟତ ଗଠନ ଦିଗ ପାଇଁ ବାଟ ଖୋଜିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସଚେତନତା ଧର୍ମୀ ଆଲୋଚନା ଚକ୍ରରେ ହିନ୍ଦୋଳ ବନ ବିଭାଗ କର୍ମଚାରୀ, ହିନ୍ଦୋଳ ଅଞ୍ଚଳର ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ହିନ୍ଦୋଳ ବନଖଣ୍ଡର ରେଞ୍ଜ ଅଫିସର ତ୍ରିଲୋଚନ ଦେହୁରୀ, ଟାଟା ଷ୍ଟିଲ ମେରାମଣ୍ଡଳୀ କର୍ପୋରେଟ ସର୍ଭିସେସ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ରିଲେସନ ଓ ରେଗୁଲେଟୋରୀ କମ୍ପ୍ଲାଏନ୍ସ ମୁଖ୍ୟ ଏନ ସି ମହାପାତ୍ର ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଆଜିକାଲି ମଣିଷ ଏବଂ ହାତୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ବଢୁଥିବାରୁ ସ୍ଥାନୀୟ ଲୋକ ଓ ହାତୀ ଉଭୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ କିପରି ଏହାର ସଫଳ ମୁକାବିଲା କରାଯାଇ ପାରିବ ସେ ବିଷୟରେ 'ସ୍ନେହା' ଏନଜିଓର ହରି କ୍ରିଷ୍ଣା ହାତୀ ସୁରକ୍ଷା କରିବାର ବିଭିନ୍ନ କୌଶଳ ଓ ଉପାୟ ବିଷୟରେ ଛବି ଏବଂ ଭିଡିଓ ଉପସ୍ଥାପନା ମାଧ୍ୟମରେ ବିସ୍ତୃତ ଭାବେ ବୁଝାଇ ଥିଲେ। ସ୍ନେହା ଏନଜିଓର ବନ୍ୟଜନ୍ତୁ ବିଶେଷଜ୍ଞ ରଞ୍ଜିତ ପଟ୍ଟନାୟକ, ଅରବିନ୍ଦ ମାଝୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏଥିସହିତ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଯେଉଁଠାରେ ସାମ୍ବାଦିକମାନେ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ପ୍ରଶ୍ନ ପଚାରିବା ସହ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଜୈବସାର ବ୍ୟବହାର କରି ଜଳବାୟୁ ପରିବର୍ତ୍ତନ ସହନଶୀଳ ଧାନ ଉତ୍ପାଦନ

ଢେଙ୍କାନାଳ, ୧୦।୬(ସମିସ): ଅଧିକା ରାସାୟନିକ ସାର ଓ ଔଷଧ ମାଟିକୁ କ୍ଷତିଗ୍ରସ୍ତ କରୁଛି। ସେଥିରୁ କିପରି ଚାଷୀ ସମାଜ ରକ୍ଷା ପାଇପାରିବ। ସେ ବିଷୟରେ ଏକ କ୍ଷେତ ପ୍ରଦର୍ଶନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆର୍‌ସିଏଆର୍ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ତରଫରୁ ଢେଙ୍କାନାଳ ଜିଲ୍ଲା ସଦାଶିବପୁର ଗ୍ରାମପଞ୍ଚାୟତର ବଉଳପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୮୫ ଜଣ ଚାଷୀଭାଇ ଓ ଭଉଣୀ କ୍ଷେତ ପ୍ରଦର୍ଶନରେ ଭାଗ ନେଇଥିଲେ। ଏଥିରେ ସିଆର୍‌ଆର୍‌ଆଇର ଡଃ ସୁଶାନ୍ତ କୁମାର ଦାଶ ପ୍ରଧାନ ବୈଜ୍ଞାନିକ, ଡଃ ରେଶମୀ ରାଜ, ବୈଜ୍ଞାନିକ, ବୃନ୍ଦାବନ ଦାଶ, ବରିଷ୍ଠ ବୈଷୟିକ ଅଧିକାରୀ ସନ୍ତୁଳିତ ରାସାୟନିକ ସାର ବ୍ୟବହାରର



ଉପଯୋଗିତା ଉପରେ ଆଲୋକପାତ କଲେ। ଜୈବସାର ଯଥା ଧଣିଚା, ନୀଳହରିତ୍ ଶୈବାଳ, ଆଜୋଲା, ଏଣ୍ଡୋଏନ୍, ଏଣ୍ଡୋ ଏନ୍ ପିକେର ବ୍ୟବହାର କିପରି ଭାବରେ ଯବକ୍ଷାରଯାନ ତଥା ଅନ୍ୟ ସାରର ବ୍ୟବହାରକୁ କମାଇ ପାରିବ ସେ ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହେଲା। ଏତଦ୍‌ବ୍ୟତୀତ ଟ୍ରାଇକୋଡର୍ମାର ବ୍ୟବହାର କିପରି ଧାନରେ ପିଲ ଓ ଜୈବବସ୍ତୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଅଧିକା ଅମଳ ଦେବ ଏବଂ ତାହାର ବ୍ୟବହାର ବିଷୟରେ ବୁଝାଇଥିଲେ। ସେହିପରି ଏନ୍‌ଆର୍‌ଆର୍‌ଆଇ ଟେକ୍ ଡିକମ୍ପୋଜର କିପରି ଧାନ କଟା ହେବା ପରେ ନଡାକୁ ପଚାଇ ଜୈବସାରରେ ପରିଣତ କରେ ତାହାର ପ୍ରଶିକ୍ଷଣ ଦିଆଯାଇଥିଲା। ଏଣ୍ଡୋଏନ୍ ବ୍ୟବହାର କରି ସିଆର୍ ଧାନ ୨୦୬ ଗୋପୀନାଥ ପ୍ରାୟ ୨ ଗୁଣ୍ଠ ଜମିରେ ଚାଷୀମାନଙ୍କ ସମ୍ମୁଖରେ ପ୍ରଦର୍ଶିତ ହେଲା। ଏଥିରେ ମା' ଦଶଭୁଜା ଲାଫେଡ୍ ଏଫ୍‌ପିଓର କର୍ମକର୍ତ୍ତା ଯଥା ସୁଶ୍ରୀ ଟିକିନା ସାହୁ, ରାହାସ ବିହାରୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ଇତ୍ୟାଦି ନିଜର ଅନୁଭୂତି ସହ ଚାଷୀମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ। ଜୈବସାରର ବ୍ୟବହାର ଉପରେ ଚାଷୀମାନେ ବିଭିନ୍ନ ପ୍ରଶ୍ନ ଉତର କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଭାଗନେଇ ଆଗାମୀ ଦିନରେ ଜୈବସାର ବ୍ୟବହାର କରି ନିଜ ନିଜ ଜମିରେ ରାସାୟନିକ ସାର ବ୍ୟବହାର କମାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା: ନିୟୋଜିତ ହେବେ ୭୨ ପ୍ଲାଟୁନ ପୁଲିସ ଫୋର୍ସ

କଟକ,୧୦।୬(ସମିସ): ଆସନ୍ତା ଜୁନ୍ ୨୯ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣିମା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆଜି କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ନାନପୂର୍ଣ୍ଣିମା ସମୟରେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏଥର ମୋଟ ୭୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବରିଷ୍ଠ ଅଧିକାରୀ ସ୍ତରରେ ୬ ଜଣ ଏସପି ଓ କମାଣ୍ଡାଣ୍ଟ, ୧୭ ଜଣ ଅତିରିକ୍ତ ଏସପି, ୪୨ ଜଣ ଡିଏସପି ଏବଂ ୯୪ ଜଣ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ୩୫୨ ଜଣ ଏସଆଇ ଓ ଏଏସଆଇ, ୫୩ ଜଣ ହାବିଲଦାର, ୪୨୮ ଜଣ କନଷ୍ଟେବଲ ମୁତୟନ ହେବେ। ପକେଟମାର୍ ଓ ଚେନ୍ ଲୁଟେରାଙ୍କୁ ରୋକିବା ପାଇଁ ସ୍ୱତନ୍ତ୍ର 'ଆଣ୍ଟି ସ୍ନାଚିଂ ସ୍କ୍ୱାଡ୍' ସହ ଆକସ୍ମିକ ସ୍ଥିତି ପାଇଁ 'ଷ୍ଟ୍ରାଇକିଂ ଫୋର୍ସ' ମୁତୟନ ରହିବେ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ତତ୍କାଳ ମୁକାବିଲା ପାଇଁ ବାରିକେଡ୍ ଏବଂ ମନ୍ଦିର ଭିତରେ ସ୍ୱତନ୍ତ୍ର କ୍ୱିକ୍ ଟିମ୍ ସଦାସର୍ବଦା ପ୍ରସ୍ତୁତ ରହିବେ। ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଏବଂ ସୁଦୃଢ଼ ବାରିକେଡ୍ ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ସହଜରେ ଦର୍ଶନ କରିପାରିବେ। ଶ୍ରୀମନ୍ଦିର ଭିତରେ, ଚାରିପାଖରେ ଏବଂ ସମସ୍ତ ବାରିକେଡ୍ ମଧ୍ୟରେ ଅତ୍ୟାଧୁନିକ ସିସିଟିଭି କ୍ୟାମେରା ସଂଯୋଗ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କ ଦ୍ୱାରା ସ୍ନାନଯାତ୍ରା ପରିଚାଳନା ସମ୍ପର୍କିତ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରାଯାଇଥିଲା।

ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର , ପୁଲିସ କମିସନର (ଭୁବନେଶ୍ୱର-କଟକ) ଡ ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି, ଟ୍ରେନିଂ, (ବିପିଏସପିଏ) ଅନୁପ କୁମାର ସାହୁ, ନିର୍ଦ୍ଦେଶକ (ଏସସିଆରବି) ଅବିନାଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (ଏସଟିଏଫ) ଡ କନୱର ବିଶାଳ ସିଂ, ଡିଆଇଜି (କାର୍ମିକ) ଯୁଗଳ କିଶୋର କୁମାର ବନୋଥ, ଡିଆଇଜି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧରଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହାସହ ଆଭାସୀ ମାଧ୍ୟମରେ ଡିଆଇଜି (ପୂର୍ବାଞ୍ଚଳ) ପିନାକ ମିଶ୍ର, ଏସପି (ପୁରୀ) ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରୀମନ୍ଦିର ପ୍ରଶାସନକୁ ବଡ଼ ସଫଳତା**

# 'ଆନନ୍ଦ ବଜାର', 'ପତିତପାବନ' ଓ ନୀଳଚକ୍ର ଲୋଗୋକୁ ମିଳିଲା ଟ୍ରେଡ୍‌ମାର୍କ

ପୁରୀ,୧୦।୬(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଧ୍ୟାତ୍ମିକ, ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବା ଦିଗରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)କୁ ମିଳିଛି ବଡ଼ ସଫଳତା। ଶ୍ରୀମନ୍ଦିର ସହ ଜଡ଼ିତ ବିଭିନ୍ନ ଶବ୍ଦ ଓ ଲୋଗୋକୁ ଟ୍ରେଡ୍‌ମାର୍କ ଭାବେ ପଞ୍ଜିକୃତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭାରତୀୟ ଟ୍ରେଡ୍ ମାର୍କ ରେଜିଷ୍ଟ୍ରିରେ ମୋଟ ୨୯ଟି ଆବେଦନ ଦାଖଲ କରାଯାଇଥିଲା। ଏହି ଆବେଦନ ମଧ୍ୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଚିହ୍ନ ଯଥା 'ଆନନ୍ଦ ବଜାର' ଓ 'ପତିତପାବନ' ପାଇଁ ଟ୍ରେଡ୍‌ମାର୍କ ପଞ୍ଜୀକରଣ ମଞ୍ଜୁର ହୋଇଛି। ଏଥିସହ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସରକାରୀ 'ନୀଳଚକ୍ର ଲୋଗୋ'କୁ ମଧ୍ୟ ଅନୁମୋଦନ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏହି ପଞ୍ଜୀକରଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡିତ ଐତିହ୍ୟ, ପ୍ରାମାଣିକତା ଓ ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଭିନ୍ନ ବ୍ୟାବସାୟିକ ସଂସ୍ଥା ଦ୍ୱାରା ମହାପ୍ରଭୁଙ୍କ ନାମ ଓ ଶ୍ରୀମନ୍ଦିରର ପରମ୍ପରା ସହ ଜଡ଼ିତ ନାମର ଅପବ୍ୟବହାରକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀଜଗନ୍ନାଥ ମନ୍ଦିର ସହ ଜଡ଼ିତ ଆହୁରି ୨୭ଟି ସୁପରିଚିତ ନାମ ଓ ପରିଚୟ ସମ୍ବନ୍ଧୀୟ ଆବେଦନ ବର୍ତ୍ତମାନ ବିଚାରାଧୀନ ଅଛି। ଏହି ଆବେଦନଗୁଡ଼ିକରେ ମଧ୍ୟ ସକାରାତ୍ମକ ଫଳାଫଳ ମିଳିବ ବୋଲି ମନ୍ଦିର ପ୍ରଶାସନ ଆଶା ପ୍ରକାଶ କରିଛି। ଏନେଇ ଅଧିକ ତଥ୍ୟ ମାଗିଛି ଆଇପିଇଣ୍ଡିଆ ବା ଇଣ୍ଡିଆନ୍ ପାଟେଣ୍ଟ ଅଫିସ୍। ପାଟେଣ୍ଟ ନିୟମ ଅନୁଯାୟୀ କୌଣସି ଜିନିଷ ବା ଦ୍ରବ୍ୟ କିମ୍ବା ଶବ୍ଦ ଅଥବା ଲୋଗୋକୁ ଅନୁମୋଦନ ମିଳିଲେ ତାହା ମୂଳ ସ୍ଥାନଠାରୁ ଅନ୍ୟତ୍ର ବ୍ୟବହାର, ବିକ୍ରି, ପ୍ରସ୍ତୁତି କିମ୍ବା ଆମଦାନୀ ଉପରେ ରୋକ୍ ଲାଗିଥାଏ। ଜଗନ୍ନାଥ ଧାମ ନାମ ପାଇଁ ମଧ୍ୟ ପାଟେଣ୍ଟ ଆବେଦନ କରିଛି ଶ୍ରୀମନ୍ଦିର ପ୍ରଶାସନ। ଅନ୍ୟପକ୍ଷରେ ଏହି ଟ୍ରେଡ୍‌ମାର୍କ ମଞ୍ଜୁରୀ ଦ୍ୱାରା ମହାପ୍ରଭୁଙ୍କ ପବିତ୍ର ପରମ୍ପରାର ବ୍ୟବସାୟିକ ଦୁରୁପଯୋଗ ରୋକାଯାଇ ପାରିବ ଏବଂ ଶ୍ରୀମନ୍ଦିରର ଗାରିମା ଓ ମୌଳିକତା ଅକ୍ଷୁଣ୍ଣ ରହିବ ବୋଲି ଶ୍ରଦ୍ଧାଳୁ ମହଲରେ ଆଶା ପ୍ରକାଶ ପାଇଛି।

# କୋଟିଆରେ ରାସ୍ତା ଉଦ୍‌ଘାଟନ କଲେ ଆନ୍ଧ୍ର ମନ୍ତ୍ରୀ

ପଟ୍ଟାଙ୍ଗି, ୧୦।୬ (ସମିସ): ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆ ପଞ୍ଚାୟତର ସୀମାନ୍ତ ନେରେଡିୱାଲାସା ଗ୍ରାମରେ ଆଜି ଆନ୍ଧ୍ର ପ୍ରଦେଶର ଆଦିବାସୀ କଲ୍ୟାଣ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଗୁମ୍ମିଡି ସନ୍ଧ୍ୟାରାଣୀ ଏକ ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାବେଶରେ ସେ କୋଟିଆରେ ଓଡ଼ିଶା ସରକାରଙ୍କ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ ଓଡ଼ିଶାର ସାମ୍ବାଦିକଙ୍କ ଏହି ଅଞ୍ଚଳରେ ପ୍ରବେଶକୁ ମଧ୍ୟ ସେ ଦୃଢ଼ ବିରୋଧ କରିଛନ୍ତି।



**ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶକୁ ନେଇ ଖପ୍ପା**

ସୂଚନା ଅନୁଯାୟୀ, ଆନ୍ଧ୍ର ପ୍ରଦେଶ ପାର୍ବତୀ ପୂରଣ ମାନ୍ୟମ ଜିଲ୍ଲା ଅନ୍ତର୍ଗତ ସାଲୁର ମଣ୍ଡଳ ଅନ୍ତଗତ ସାରିକି ପଞ୍ଚାୟତର ଦାଣ୍ଡିଗାମ ଗ୍ରାମଠାରୁ ୫.୪ କିଲୋମିଟର ଦୂର କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ନେରେଡିୱାଲାସା ଗ୍ରାମପଞ୍ଚାୟତ ରାସ୍ତା ଉଦ୍‌ଘାଟନ ନିମନ୍ତେ ପହଞ୍ଚିଥିଲେ ମନ୍ତ୍ରୀ। ଦାଣ୍ଡିଗାମ ଗ୍ରାମ ଠାରେ ଏକ କୋଟି ୯୦ ଲକ୍ଷ ମୂଲ୍ୟର ଉକ୍ତ ରାସ୍ତାକୁ ସେ ଉଦ୍‌ଘାଟନ କରିଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷଣ ଦେଇ ସେ କୋଟିଆରେ ଓଡ଼ିଶା ସରକାର ଦାଦାଗିରି କରୁଥିବା, ଓଡ଼ିଶା ପୋଲିସ ସ୍ଥାନୀୟ ଅଧିବାସୀଙ୍କୁ ବେଆଇନ ଭାବେ ଉଠାଇ ନେଉଥିବା କହି ସେ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ମଞ୍ଚ ନିକଟକୁ ଡାକିଥିଲେ। କୋଟିଆରେ ଆନ୍ଧ୍ରର ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ଗଣମାଧ୍ୟମ ଆସି ଖବର ସଂଗ୍ରହ କରିବାକୁ କିଏ ଅନୁମତି ଦେଲା ବୋଲି ସେ ପ୍ରଶ୍ନ କରିଥିଲେ।ଏ ନେଇ ଆନ୍ଧ୍ରର ଉପରିସ୍ଥ ଅଧିକାରୀ ଏବଂ ସରକାରଙ୍କ ସହ ଆଲୋଚନା କରିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ସେ ନିଜ ଦଳରେ ୫୦୦ ରୁ ଅଧିକ ଲୋକଙ୍କୁ ନିଜ ଦଳରେ ସାମିଲ ହୋଇଥିବା ଘୋଷଣା କରିଥିଲେ। ମନ୍ତ୍ରୀ ସାମ୍ବାଦିକଙ୍କୁ ଟିପ୍ପଣି କରିବାରୁ ତାଙ୍କ ସହିତ ସାମ୍ବାଦିକମାନଙ୍କର ବଚସା ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଜି ପାର୍ବତୀ, ତହସିଲଦାର ଏମ୍ ସୁରେଶ କୁମାର, ସିଡିପିଓ ମାଙ୍ଗାମା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଅପରପକ୍ଷେ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ବ୍ଲକ୍ ପ୍ରଶାସନ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆଜି କରାଯାଇଛି।

**ଚାରିଦ୍ୱାର ଖୋଲି କି ଲାଭ?**

# ସାମାଜିକ ଗଣମାଧ୍ୟମରେ ବୁଲୁଛି ଭକ୍ତଙ୍କ କ୍ଷୋଭ

ପୁରୀ,୧୦।୬(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଗଲା ବୋଲି ପ୍ରବଳ ପ୍ରଚାର ହେଲା। ହେଲେ ଭିତରେ ଦର୍ଶନ କିଭଳି ଶୃଙ୍ଖଳିତ ହେବ ସେଥିଲାଗି କୌଣସି ବ୍ୟବସ୍ଥା କରାଗଲା ନାହିଁ। ଇତିମଧ୍ୟରେ ଦୁଇବର୍ଷ ବିତିଲାଣି। ପ୍ରାୟ ପ୍ରତିଦିନ ଭକ୍ତ ଭିତରେ କଳବଳ ହେଉଛନ୍ତି। ପ୍ରବଳ ଭିଡ଼ ହେଉଥିବା ବେଳେ ବହୁ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବିଶେଷକରି ଛୁଟିଦିନ ଏବଂ ପର୍ବପର୍ବାଣି ଦିନରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ପ୍ରାୟ ପ୍ରତିଦିନ ଶ୍ରୀମନ୍ଦିରକୁ ଆସୁଥିବା ଅଧିକାଂଶ ଭକ୍ତ କ୍ଷୋଭ ପ୍ରକାଶ କରୁଛନ୍ତି। ନୀତିକାନ୍ତି ବିଳମ୍ବ ଯୋଗୁଁ ଘଣ୍ଟା ଘଣ୍ଟା ଧରି ଲାଇନରେ

**'ମୁଣ୍ଡପିଛା ୫୦୦ ଦିଅ, ମନ୍ଦିର ଭିତରକୁ ନେଇଯିବି'**

ଛିଡ଼ା ହେଉଥିବାବେଳେ ବିଭିନ୍ନ ସମୟରେ ଦର୍ଶନ ପାଇଁ ହାତଗୁଞ୍ଜାର ଅଭିଯୋଗ ବି ଶୁଣିବାକୁ ମିଳୁଛି। ନିକଟରେ ଜଣେ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ପଶ୍ଚିମ ଦ୍ୱାରରେ ଥିବା ଧାଡ଼ିରେ ଛିଡ଼ା ହୋଇଥିଲେ। ହେଲେ ଟଙ୍କା ଦେଇ ନ ଥିବାରୁ ତାଙ୍କୁ ଧାଡ଼ିରୁ ବାହାରିଯିବାକୁ ପଡ଼ିଲା। ତାଙ୍କୁ ମନ୍ଦିର ଭିତରକୁ ନେବା ପାଇଁ ଟଙ୍କା ମଗାଗଲା। ମାତ୍ର ରାଜି ନ ହେବାରୁ ତାଙ୍କୁ ଗାଳିମନ୍ଦ ଶୁଣିବାକୁ ପଡ଼ିଥିଲା। ଏପରିକି ମାଡ଼ ମାରିବା ଉଦ୍ଦେଶ୍ୟରେ ତାଙ୍କ ଉପରକୁ ହାତ ଉଠିଥିଲା ବୋଲି ନିଜ ଫେସ୍‌ବୁକ୍ ପେଜ୍‌ରେ ଅନୁଭୂତି ବଖାଣିଛନ୍ତି ସୂର୍ଯ୍ୟକାନ୍ତ ପ୍ରଧାନ ନାମକ ଜଣେ ଭକ୍ତ। ତାଙ୍କର ଏହି କ୍ଷୋଭ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ସରକାର ଚାରିଦ୍ୱାର ଖୋଲିଦେଲେ ବୋଲି କହି ବାହାବା ନେବାକୁ ଚେଷ୍ଟା କରୁଥିବାବେଳେ ବାସ୍ତବରେ କିପରି ଭକ୍ତ ଶୋଷଣ ଏବଂ ନିର୍ଯାତିତ ହେଉଛି ତାହା ଦେଖିବାକୁ କିନ୍ତୁ କେହି ନାହାଁ। ଗତ ସୋମବାର ସୂର୍ଯ୍ୟକାନ୍ତ ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ଦର୍ଶନ ଅନୁଭୂତି ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, 'ଆଜି ମୁଁ ଆମର ଆରାଧ୍ୟ ଦେବତା ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲି। ପଶ୍ଚିମ ଦ୍ୱାରରେ ପହଞ୍ଚିବା ପରେ ଷ୍ଟାଣ୍ଡରେ ଜୋତା ଏବଂ ମୋବାଇଲ ରଖିଥିଲି। ବହୁତ ଲୋକ ଧାଡ଼ିରେ ଛିଡ଼ା ହୋଇଥିଲେ। ମୁଁ ସେହି ଧାଡ଼ିରେ ଛିଡ଼ା ହେଇ କିଛିବାଟ ଆଗକୁ




ଗଲି। ପଶ୍ଚିମ ଦ୍ୱାରରେ କିଛି ପୁଲିସ କର୍ମଚାରୀ ଏବ ସେବାୟତ ମତେ ଅଟକାଇ ପଚାରିଲେ ତମକୁ କେଉଁ ପଣ୍ଡା ଆଣିଛନ୍ତି। କହିଲି ନା ମୁଁ ଧାଡ଼ିରେ ଆସିଛି। ସେମାନେ କହିଲେ ଧାଡ଼ିରେ ଯଦି ଆସିବ ତାହେଲେ ସିଂହଦ୍ୱାର ଦେଇକି ଆସ। ଏ ପାଖେ କେବଳ ପଣ୍ଡାମାନଙ୍କ ଲୋକ ହିଁ ଯାଇପାରିବେ। ମାନେ ସେବାୟତ ଯାହାକୁ ଆଣିଥିବେ ସେଇମାନେ ଯାଇପାରିବେ। ଏହାପରେ ମୋତେ ଧାଡ଼ିରୁ ବାହାରିଯାଇ କୌଣସି ଜଣେ ସେବାୟତ କିମ୍ବା ପଣ୍ଡାଙ୍କୁ ଧରନ୍ତୁ ବୋଲି କହିଥିଲେ। ମୁଁ ମଧ୍ୟ ସେଇୟା କଲି। ଜଣେ ପଣ୍ଡାଙ୍କୁ ଦେଖାକରି କହିଲି ମତେ ଟିକେ ଭିତରକୁ ନେଇଯାଆନ୍ତୁ। ସେ କହିଲେ ତମେ କେତେ ଜଣ? ମୁଁ କହିଲି ୨ଜଣ। ସେ ମୋତେ ୧,୦୦୦ ଟଙ୍କା ମାଗିଲେ। କହିଲେ ହଜାରେ ଟଙ୍କା ଦିଅ ମନ୍ଦିର ଭିତରକୁ ନେଇଯିବି। ମୁଁ କହିଲି ଟଙ୍କା କ'ଣ ଦେବି ଫ୍ରି' ନୁହେଁ କି? ସେ କହିଲେ ମୁଣ୍ଡ ଗୋଟିକୁ ୫୦୦ ଟଙ୍କା। ତା'ପରେ ମୁଁ ସେଠାରୁ ଫେରିଆସି ଧାଡ଼ିରେ ଯେଉଁ ଲୋକେ ଥିଲେ ପଚାରିଲି, ଆପଣମାନେ କ'ଣ ସେବାୟତଙ୍କୁ ଟଙ୍କା ଦେଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି କି? ସେ କହିଲେ ହଁ! ଏଠି ଫ୍ରି'ରେ କିଏ ଛାଡ଼ିବ? ପରେ ମୁଁ ଏକ ମୋ ଫୋନ୍‌ରେ ଭିଡିଓ କରିବାକୁ ଲାଗିଲି। ଜଣେ ସେବାୟତ ଏବଂ ସେଠାରେ ଥିବା ପୋଲିସ୍ (ପଶ୍ଚିମ ଦ୍ୱାର) ମୋ ଫୋନ୍ ଛଡ଼େଇବା ସହିତ ମତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବାଡ଼େଇବା ପାଇଁ ହାତ ଉଠେଇ କହିଲେ ଏବେ ଏଠାରୁ ଯିବ ନା ମାଡ଼ ଖାଇବ? ମୁଁ ସେଠାରୁ ଆସି ପାଚେରି ପାଖରେ ମୋର ବନ୍ଧୁଙ୍କୁ ଫୋନ୍ କରୁଥିଲି। ପୁନର୍ବାର ଜଣେ ପୁଲିସ ବାବୁ ଆସି ମୋ ହାତ ଟାଣିଟାଣି ନେଲେ। ପଶ୍ଚିମ ଦ୍ୱାରରେ ଥିବା ତାଙ୍କର ସହକର୍ମୀ ପୁଲିସ୍ ମୋ ସହ ଖରାପ ବ୍ୟବହାର କରିଲେ ଏବଂ ଫୋନ୍ ଛଡ଼େଇ ନେଇଥିଲେ। ମୋର ବିଜେପି ସରକାରଙ୍କ ଉପରେ ବହୁତ୍ ଭରସା ଥିଲା। ଆଗରୁ ଯେମିତି ଶ୍ରୀମନ୍ଦିରରେ ସେବାୟତମାନଙ୍କ ମନମୁଖୀ ଶାସନ ଚାଲିଥିଲା ତାହା ବନ୍ଦ ହେଇଥିବ। କିନ୍ତୁ ମୁଁ ଭୁଲ୍ ଥିଲି। ଅସଲ ଚୋରି ଶ୍ରୀଜଗନ୍ନାଥ ମନ୍ଦିର ପଶ୍ଚିମଦ୍ୱାରରେ ହିଁ ହେଉଛି। ମୋ ସହ ଏହି ଘଟଣାଟି ଠିକ୍ ମଧ୍ୟାହ୍ନ ୧୨ଟାରୁ ୧ଟା ଭିତରେ ଘଟିଛି। ଶ୍ରୀମନ୍ଦିର ପ୍ରଶାସନ ଚାହିଁଲେ ପଶ୍ଚିମ ଦ୍ୱାର ସିସିଟିଭି ଯାଞ୍ଚ କରିଲେ ସତ୍ୟାସତ୍ୟ ଜାଣିପାରିବେ। ମୋର ଅନୁରୋଧ ଶ୍ରୀମନ୍ଦିର ପ୍ରଶାସନ ଏହାର ତଦନ୍ତ କରନ୍ତୁ'।

ଏହା କେବଳ ସୂର୍ଯ୍ୟକାନ୍ତଙ୍କ କ୍ଷୋଭ ନୁହେଁ, ପ୍ରତିଦିନ ଏମିତି ଶହଶହ ଭକ୍ତ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ତେଣୁ ମନ୍ଦିର ପ୍ରଶାସନ ତୁରନ୍ତ ଏହି ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ଭକ୍ତଙ୍କୁ ଦର୍ଶନ ସୁବିଧା ଦେଉ। ନଚେତ୍ ରାଜ୍ୟ ସରକାର ଚାରିଦ୍ୱାର ଖୋଲିଦେଲେ ବୋଲି ଯେଉଁ ଡିଣ୍ଡିମ ପିଟୁଛନ୍ତି ତାହା କେବଳ ବାହାସ୍ଫୋଟ ଛଡ଼ା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି। ସୂର୍ଯ୍ୟକାନ୍ତଙ୍କ ଏହି କ୍ଷୋଭର ପୋଷ୍ଟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି।

**ଜୀବନ ନେଲା ଚୋରା ବାଲି ଖାଦାନ**

# ସୋନ୍ ନଦୀରେ ବୁଡ଼ି ଦୁଇ ନାବାଳକ ମୃତ

ନୀଳଗିରି, ୧୦।୬ (ସମିସ) : ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ରାଧାକିଶୋରପୁର ପଞ୍ଚାୟତ ପୁନ୍ଦାଳ ସୋନ ନଦୀର ରଣିତ ଘାଟରେ ଘଟିଛି ଅଘଟଣ। ବୁଧବାର ମଧ୍ୟାହ୍ନ ସମୟରେ ୬ ଜଣ ସାଙ୍ଗ ଜାମୁ କୋଳି ଗଛରୁ କୋଳି ଖାଇ ନଦୀ ଘାଟକୁ ଗାଧୋଇବାକୁ ଯାଇଥିଲେ। ସମସ୍ତ ନାବାଳକ ସାଙ୍ଗ ନଦୀରେ ଗାଧୋଇବା ସମୟରେ ଅସାବଧାନତା ଯୋଗୁଁ ଜଣେ ଗଭୀର ନଦୀଗଣ୍ଡରେ ବୁଡିଯିବା ଯୋଗୁଁ ଅନ୍ୟ ଜଣେ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବୁଡିଯାଇଥିଲା। ପାଖରେ ଥିବା ଅନ୍ୟ ସାଙ୍ଗମାନେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପୁଲିସ, ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକ, ଅଗ୍ନିଶମ ବାହିନୀଙ୍କ ୧ ଘଣ୍ଟାର ପ୍ରୟାସ ପରେ ଉଭୟ ଦୁଇ ନାବାଳକଙ୍କୁ ଉଦ୍ଧାର କରି ୧୦୮ ଯୋଗେ ରେମୁଣା ମେଡିକାଲ କଲେଜକୁ ନେଇଥିଲେ। ତେବେ ଡାକ୍ତର ଉଭୟ ଦୁଇ ସାଙ୍ଗଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଦୁଇ ଜଣ ହେଲେ ରାଧାକିଶୋରପୁର ଗ୍ରାମର ଲକ୍ଷ୍ମୀଧର ମହାଳିକଙ୍କ ପୁଅ ଆକାଶ ମହାଳିକ(୧୨) ଓ ପ୍ରଦୀପ ବେହେରାଙ୍କ ପୁଅ କାର୍ତ୍ତିକ ବେହେରା(୧୪)। ଏହି ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖାଦେଇଛି। ନୀଳଗିରି ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି। ସୂଚନା ଥାଉକି ସୋନ ନଦୀର ଏକାଧିକ ଘାଟରେ କଛି ଦୁର୍ବୃତ୍ତ ବାଲି ଚୋରି କରିଥାନ୍ତି। ସୋନନଦୀରେ ଏହି ବାଲି ଚୋରି ଯୋଗୁଁ କୃତ୍ରିମ ଭାବେ ଗଭୀର ନଦୀଗଣ୍ଡ ହୋଇଛି। ଦୁଇ ନାବାଳକଙ୍କ ମୃତ୍ୟୁ ଚୋରା ବାଲିଖାଦାନ ପାଇଁ ହେଲା ବୋଲି ସାଧାରଣରେ ଆଲୋଚନା ହେଉଛି।

**ଶଙ୍ଖ ଭବନରେ ବିଜେଡିର ସାଂଗଠନିକ ସମୀକ୍ଷା**

# ୭୦ ନିର୍ବାଚନମଣ୍ଡଳୀ ନେତାଙ୍କ ସହ ନବୀନଙ୍କ ଆଲୋଚନା

ଭୁବନେଶ୍ୱର,୧୦।୬(ସମିସ): ବିଜୁ ଜନତା ଦଳର ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ସମୀକ୍ଷା ବୈଠକ ବୁଧବାର ଶଙ୍ଖ ଭବନରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୭୦ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାୟ ୯୦ ଜଣ ନେତା ସିଧାସଳଖ ଶ୍ରୀ ପଟ୍ଟନାୟକ ଆଲୋଚନା କରିଛନ୍ତି । ଏହି ଅବସରରେ ସାଙ୍ଗଠନିକ ସୁଦୃଢ଼ୀକରଣ ଓ ଜନସମସ୍ୟା ସମ୍ପର୍କରେ ସେମାନଙ୍କର ପରାମର୍ଶକୁ ନବୀନ ଗୋଟିଗୋଟି କରି ଶୁଣିଛନ୍ତି।

ବୈଠକ ପରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଦଳର ପ୍ରମୁଖ ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ସୁଦୃଢ଼ କରିବା। ବ୍ଲକ ଓ ସହରାଞ୍ଚଳ, ପଞ୍ଚାୟତ ସ୍ତରରେ ଦଳୀୟ ସଂଗଠନକୁ ମଜବୁତ କରିବା, ଜନସାଧାରଣଙ୍କ ସହ ସମ୍ପର୍କ ବଢ଼ାଇବା ଏବଂ ସମଗ୍ର ଓଡ଼ିଶାରେ ସାଙ୍ଗଠନିକ କାର୍ଯ୍ୟକ୍ଷମତାକୁ ଆହୁରି ବୃଦ୍ଧି କରିବା ନେଇ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଅନେକ ନେତା ଜନସାଧାରଣ ସମ୍ମୁଖୀନ ହୋଇଥିବା ବହୁ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ସେଥିରେ କ୍ଷୁଦ୍ର ଖଣିଜ ସମ୍ପଦର କଥିତ ବ୍ୟାପକ ଲୁଟ ଓ ଅବ୍ୟବସ୍ଥା, ଆଇନଶୃଙ୍ଖଳା ପରିସ୍ଥିତିର ଅବନତି, ମହିଳାଙ୍କ ବିରୋଧରେ ବଢୁଥିବା ଅପରାଧ, କୃଷକମାନଙ୍କ ସମସ୍ୟା, ଯୁବକମାନଙ୍କ ବେକାରୀ ଏବଂ ଜନକଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତାରେ ଥିବା ତ୍ରୁଟି ଆଦି ଅନ୍ତର୍ଭୁକ୍ତ ଥିଲା ବୋଲି ସେ କହିଛନ୍ତି। ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି ଯେ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ଜନହିତ ଦୃଷ୍ଟିରୁ ତୁରନ୍ତ ଧ୍ୟାନ ଓ ନିରନ୍ତର ହସ୍ତକ୍ଷେପ ଆବଶ୍ୟକ ଥିବା ୬ଟି ପ୍ରମୁଖ



- ସାଧାରଣ ଲୋକଙ୍କ ସମସ୍ୟା ବଖାଣିଲେ ଦଳୀୟ ନେତା
- ରାଜ୍ୟବାସୀଙ୍କ ଆଶା ପୂରଣ କରିବାରେ ସରକାର ବିଫଳ
- ଓଡ଼ିଶାବାସୀଙ୍କ ସ୍ୱାର୍ଥ ସମ୍ବଳିତ ୬ଟି ପ୍ରମୁଖ ପ୍ରସଙ୍ଗ ଚିହ୍ନଟ

ପ୍ରସଙ୍ଗକୁ ବୈଠକରେ ଚିହ୍ନଟ କରାଯାଇଛି। ଏହି ପ୍ରସଙ୍ଗଗୁଡ଼ିକ ହେଲା କୃଷକ କଲ୍ୟାଣ, ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତିକରଣ, ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ, ଦୁର୍ବଳ ବର୍ଗଙ୍କ ପାଇଁ ସାମାଜିକ ସୁରକ୍ଷା, ଜନସେବାର ପ୍ରଭାବଶାଳୀ ପ୍ରଦାନ ଏବଂ ଓଡ଼ିଶାର ବିକାଶମୂଳକ ସ୍ୱାର୍ଥର ସୁରକ୍ଷା। ରାଜ୍ୟର କୃଷକମାନଙ୍କ ସ୍ଥିତି ନେଇ ବୈଠକରେ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ବାରମ୍ବାର ଆଶ୍ୱାସନ ସତ୍ତ୍ୱେ ଅନେକ କୃଷକ ଅବହେଳିତ ମନେ କରୁଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟତ ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ଗତ ଦୁଇ ବର୍ଷ ଧରି ସାଧାରଣ ଲୋକମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ଅନେକ ସମସ୍ୟା ସମ୍ପର୍କରେ ନିର୍ବାଚନମଣ୍ଡଳୀର ନେତାମାନେ ଦଳୀୟ ନେତୃତ୍ୱକୁ ଅବଗତ କରାଇଥିଲେ। ଜୀବିକା, ଦରଦାମ ବୃଦ୍ଧି, ବେକାରୀ, ଜନସେବା ଏବଂ ଶାସନ ସମ୍ପର୍କିତ ପ୍ରସଙ୍ଗ ବିଭିନ୍ନ ଅଞ୍ଚଳର ନେତାମାନେ ବର୍ଣ୍ଣନା କରିଛନ୍ତି। ବିଜେଡି ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ଏବଂ ଲୋକଙ୍କ ସମସ୍ୟାର ପ୍ରଭାବଶାଳୀ ପ୍ରତିନିଧିତ୍ୱ ପାଇଁ ଏକ ଶକ୍ତିଶାଳୀ ଓ ଦାୟିତ୍ୱବାନ ବିରୋଧୀ ଦଳ ଭାବେ କାର୍ଯ୍ୟ କରିବା ଜାରି ରଖିବ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ।

**ନିଟ୍ ବିଭ୍ରାଟକୁ ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ**

# କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ: କହ୍ନେୟା କୁମାର

■ ସମ୍ବଲପୁର, ୧୦।୬ (ସମିସ): ସମ୍ବଲପୁର ବୀର ସୁରେନ୍ଦ୍ର ସାଏଙ୍କ ମାଟି। ଏହି ମାଟି କେତେ ଆନ୍ଦୋଳନକାରୀଙ୍କୁ ଜନ୍ମ ଦେଇଛି। ନିଟ୍ ପ୍ରଶ୍ନ ପତ୍ର ବିଭ୍ରାଟରେ କେତେ ଛାତ୍ରଙ୍କ ଜୀବନ ସହ ଖେଳ ହୋଇଛି। ତେଣୁ ଏହି ମାଟିରୁ ଛାତ୍ର ଆନ୍ଦୋଳନକାରୀ ଜନ୍ମ ନେବା ଉଚିତ। ଯେଉଁ ସରକାର ଗୋଟିଏ ପରୀକ୍ଷା ଠିକ୍ ଭାବରେ ପରିଚାଳନା କରିପାରୁନାହିଁ ଏବଂ ଯେଉଁ ଶିକ୍ଷାମନ୍ତ୍ରୀ ଏଥିପାଇଁ ଦାୟୀ ତାଙ୍କର ସେହି ପଦରେ ରହିବାର କୌଣସି ଅଧିକାର ନାହିଁ। ଉତ୍ତରଦାୟିତ୍ୱକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କୁ ଇସ୍ତଫା ଦେବାକୁ ପଡ଼ିବ ବୋଲି କହିଛନ୍ତି କଂଗ୍ରେସ ନେତା କହ୍ନେୟା କୁମାର। ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ ସ୍ଥାନୀୟ ଧନକଉଡ଼ା ପଡ଼ିଆରେ ଯୁବଛାତ୍ର କଂଗ୍ରେସ ପକ୍ଷରୁ ଆକ୍ରୋଶ କାର୍ଯ୍ୟକ୍ରମରେ କହ୍ନେୟା କୁମାର କହିଛନ୍ତି ଯେ ଆଜିର କାର୍ଯ୍ୟକ୍ରମରୁ ଅଧିକାଂଶ ଛାତ୍ରନେତା ସୃଷ୍ଟି ହେବେ। ବିଜେପି କ୍ଷମତାରେ




ଆସିବାପରେ ୮୦ରୁ ଅଧିକ ଥର ବିଭିନ୍ନ ସ୍ଥାନରେ ପ୍ରଶ୍ନ ପତ୍ର ଲିକ୍ ହୋଇଛି। ଓଡ଼ିଶାର ପୁଅ ଧର୍ମେନ୍ଦ୍ର ରାଜ୍ୟର ନାଁ କରିବା ପରିବର୍ତ୍ତେ ବଦନାମ କରୁଛନ୍ତି। ପ୍ରଧାନମନ୍ତ୍ରୀ ପରୀକ୍ଷା ପେ ଚର୍ଚ୍ଚା କରୁଛନ୍ତି; କିନ୍ତୁ ଲକ୍ଷାଧିକ ଛୁଆଙ୍କ ପରୀକ୍ଷା ପୂର୍ବରୁ ପ୍ରଶ୍ନ ପତ୍ର ଲିକ୍ କରୁଛନ୍ତି। ତେଣୁ ସମସ୍ତେ ପ୍ରଧାନମନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିବାର ଆବଶ୍ୟକ ରହିଛି। ଯୁବପିଢ଼ିଙ୍କ ଆଖିରେ ଧୂଳିଦେଇ ସରକାର ବିକଶିତ ଭାରତର ଚଷମା ବିକୁଛନ୍ତି। ଯେଉଁ ସରକାର ଗୋଟିଏ ପରୀକ୍ଷା ଠିକ୍ ଭାବେ କରାଇପାରୁ ନାହିଁ, ସେହି ସରକାର ପରୀକ୍ଷା ଉପରେ ଚର୍ଚ୍ଚା କରାଉଛି। ଯେଉଁ ସରକାର ବିଶ୍ୱସ୍ତ ଶିକ୍ଷକମାନଙ୍କର ଏକ ପ୍ୟାନେଲ୍ ଗଠନ କରିପାରିଲା ନାହିଁ, ସେହି ସରକାର କହୁଛି ଆମେ ବିଶ୍ୱଗୁରୁ ହେବୁ। ପ୍ରଶ୍ନପତ୍ର ଲିକ୍ କରାଉଥିବା ଗୁରୁମାନଙ୍କୁ ନେଇ ବିଶ୍ୱଗୁରୁ ହେବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସିବିଏସଇ ପରୀକ୍ଷା ପତ୍ର ମୂଲ୍ୟାଙ୍କନ ଦାୟିତ୍ୱ ନେଇଥିବା କମ୍ପାନୀ କିପରି ଜାଲିଆତି କରିଥିଲା, ସେ ସମ୍ପର୍କରେ କହ୍ନେୟା କୁମାର ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ କେବଳ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ ସରକାର ଯୁବପିଢ଼ିଙ୍କ ସ୍ୱପ୍ନର ଗଳା ଚିପି ଦେଇଛନ୍ତି। ଏ ମୃତ୍ୟୁ ପାଇ କିଏ ଦାୟୀ ତାର ଉତ୍ତର କେନ୍ଦ୍ରମନ୍ତ୍ରୀ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି । ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସ ଏ ଆନ୍ଦୋଳନ ଏପରି ଭାବେ ଜାରି ରହିବ ବୋଲି କହିଥିଲେ। ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ପ୍ରତିନିଧିଙ୍କୁ ଏ ସରକାର ଅଟକାଇ ରଖିଥିବା କହିଛନ୍ତି। ଯେତେ ଚେଷ୍ଟା କଲେ ମଧ୍ୟ କଂଗ୍ରେସର ଏହି ଆନ୍ଦୋଳନକୁ ଭଣ୍ଡୁର କରିପାରିବେ ନାହିଁ। ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ।

# +୩ ନାମଲେଖା ଆବେଦନ ଅବଧି ୧୬ ଯାଏଁ ବୃଦ୍ଧି

**୨୨ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା**

ଭୁବନେଶ୍ୱର,୧୦।୬(ସମିସ): ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଅବଧିକୁ ପ୍ରାୟ ସପ୍ତାହେ ବୃଦ୍ଧି କରାଯାଇଛି।ଆସନ୍ତା ୧୬ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ନାମଲେଖା ପାଇଁ ପ୍ରଥମ ରାଉଣ୍ଡ ମେଧା ତାଲିକା ଆସନ୍ତା ୨୨ ତାରିଖ ଅପରାହ୍ନ ୨ ଟାରେ ପ୍ରକାଶ ପାଇବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ରାଉଣ୍ଡରେ ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୨୫ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଏହାପରେ ଜୁଲାଇ ୨ ତାରିଖରେ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଏହି ରାଉଣ୍ଡରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୬ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ୮ ତାରିଖରେ ୱେଟିଂ ତାଲିକା ପ୍ରକାଶ ପାଇବା ପରେ ୯ ଓ ୧୦ ରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରଛାତ୍ରୀମାନେ ରିପୋର୍ଟିଂ କରିବେ। ୧୩ ତାରିଖରେ ମେଧା ତାଲିକା ପ୍ରକାଶ ପାଇବା ପରେ ୧୫ ତାରିଖ ମଧ୍ୟରେ ନାମଲେଖା ସରିବ। ଅପରପକ୍ଷରେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଜୁଲାଇ ୧୦ ତାରିଖରୁ ସ୍ନାତକ ପାଠପଢ଼ା ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ସିଏମ୍‌ଓରୁ ତଦନ୍ତ କମିଶନ ରିପୋର୍ଟ ଗାଏବ

**କ୍ୟାପିଟାଲ ଥାନାରେ ଏତଲା**

ଭୁବନେଶ୍ୱର ୧୦।୬ (ସମିସ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗୃହ ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ ରିପୋର୍ଟ ଗାଏବ୍ ହୋଇଯାଇଛି। ଏ ସଂକ୍ରାନ୍ତରେ ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡି କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ସରକାରୀ ରେକର୍ଡରୁ ଦୁଇ ବିଚାର ବିଭାଗୀୟ କମିସନଙ୍କ ତଦନ୍ତ ରିପୋର୍ଟ ଗାଏବ୍ ହୋଇଯାଇଥିବା ଏତଲାରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ କ୍ୟାପିଟାଲ ଥାନା ପୁଲିସ ୪୬୦/୨୬ରେ ଏକ ମାମଲା ରୁଜୁ କରିଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ମିଳିପାରେ। ମନ ଖୁସି ରହିବ। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। କର୍ମ ଚଞ୍ଚଳ ରହିବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଖର୍ଚ୍ଚ ଅଧିକ ହେବ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରୁ କ୍ଷତି ସହିପାରନ୍ତି। ଅନ୍ୟମାନଙ୍କ କଥା ଉପରେ ଧ୍ୟାନ ଦିଅନ୍ତୁ ନାହିଁ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ସିଂହ:** କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯୋଜନା ମୁତାବକ କାମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଖୁସି ଖବର ମିଳିପାରେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଖର୍ଚ୍ଚ ବଢ଼ିପାରେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ପେଟଜନିତ ସମସ୍ୟା ହୋଇପାରେ।

**ତୁଳା:** ଅଚାନକ ଖୁସି ଖବର ମିଳିପାରେ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଦାନ ଧର୍ମ କରିବେ। ଅତିଥି ସତ୍କାର କରିପାରନ୍ତି।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ଦିନଟି ବ୍ୟସ୍ତ ଭିତରେ କଟିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜୀବନସାଥୀଙ୍କୁ ମନ କଥା କହିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ସତ୍‌କାର୍ଯ୍ୟରେ ଦାନ କରିପାରନ୍ତି।

## ଆଜିର ଇତିହାସ

- ୧୮୬୬- ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୨୧- ବ୍ରାଜିଲ୍‌ରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୪୦- ଇଟାଲୀ ମିତ୍ରରାଷ୍ଟ୍ରଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୮୭- ମାର୍ଗାରେଟ ଥାଚର ତୃତୀୟ ଥର ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେଲେ।
- ୧୯୮୭-ଆଫଗାନିସ୍ତାନରେ ଭୂସ୍ଖଳନ ଯୋଗୁ ୮୦ ମୃତ।

## ଆଜି ବାହୁଡ଼ି ଥିଲେ

### ମହାନ ଜ୍ୟୋତିର୍ବିଜ୍ଞାନୀ

# ପଠାଣି ସାମନ୍ତ

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ଓଡ଼ିଶାର ଜଣେ ଅସାଧାରଣ ଜ୍ୟୋତିର୍ବିଜ୍ଞାନୀ, ଗଣିତଜ୍ଞ ଏବଂ ବିଦ୍ୱାନ ଥିଲେ। ସେ କୌଣସି ଆଧୁନିକ ଯନ୍ତ୍ରପାତି ବିନା କେବଳ ଖାଲି ଆଖିରେ ଏବଂ ନିଜ ପ୍ରସ୍ତୁତ ବାଉଁଶ ନଳୀ ତଥା କାଠି ସାହାଯ୍ୟରେ ଆକାଶର ଗ୍ରହ, ନକ୍ଷତ୍ର ଓ ସୂର୍ଯ୍ୟ-ଚନ୍ଦ୍ରଙ୍କର ସଠିକ୍ ଗତିବିଧି ଗଣନା କରି ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲେ। ପଠାଣି ସାମନ୍ତ ଓଡ଼ିଶାର ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାରେ ୧୩ ଡିସେମ୍ବର, ୧୮୩୫ରେ ଜନ୍ମଗ୍ରହଣ କରିଥିଲେ। ଖଣ୍ଡପଡ଼ା ନିକଟସ୍ଥ ଖୁଣ୍ଟୁପଡ଼ା ଗ୍ରାମସ୍ଥିତ ମହାଦେବ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କ ପ୍ରସାଦରୁ ସେ ଜନ୍ମଗ୍ରହଣ କରିଥିବାର ବିଶ୍ୱାସ କରି, ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ବାଲ୍ୟକାଳରୁ ସାମନ୍ତ ଚନ୍ଦ୍ରଶେଖର ଅତ୍ୟନ୍ତ ଜିଜ୍ଞାସୁ ଥିଲେ। ରାତ୍ରି ଆକାଶରେ ଗ୍ରହ, ନକ୍ଷତ୍ରଙ୍କ ଗତିକୁ ସେ ଛୋଟ ବେଳୁ ଲକ୍ଷ୍ୟ କରୁଥିଲେ। ଚାଟଶାଳୀରେ ଓଡ଼ିଆ ଶିକ୍ଷା ସାରିବା



ପରେ ସଂସ୍କୃତ କାବ୍ୟ, ନାଟକ, ପୁରାଣ, ବେଦ ଆଦି ପୋଥି ପଢ଼ି ଜ୍ଞାନ ଆହରଣ କରିଥିଲେ। ୧୫ ବର୍ଷ ବୟସ ବେଳକୁ ସେ ଜ୍ୟୋତିଷ ବିଦ୍ୟାରେ ପାରଙ୍ଗମ ହୋଇସାରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତିବିଧି ଉପରେ ନଜର ରଖି ସେ ପାଣିପାଗ, ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ ଆଦି ବିଷୟରେ ନିର୍ଭୁଲ ତଥ୍ୟ ଦେଇପାରୁଥିଲେ। ଗୋଲଯନ୍ତ୍ର, ସୂର୍ଯ୍ୟଘଡ଼ି, ଶଙ୍କୁଦଣ୍ଡ, ଉଲମ୍ବୀ ଚକ୍ର, ମାନଯନ୍ତ୍ର, ଖଗୋଳଯନ୍ତ୍ର ପ୍ରଭୃତି ସ୍ୱନିର୍ମିତ ଯନ୍ତ୍ର ସାହାଯ୍ୟରେ ସେ ଗ୍ରହ ନକ୍ଷତ୍ରମାନଙ୍କ ଉପରେ ଗବେଷଣା କରୁଥିଲେ। ଜ୍ୟୋତିଷଶାସ୍ତ୍ରର ନିର୍ଭୁଲ ଗଣନା ପାଇଁ ତାଙ୍କୁ ୧୮୯୩ ମସିହାରେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରାଯାଇଥିଲା। ତାଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' ସମଗ୍ର ବିଶ୍ୱ ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ। ପ୍ରାୟ ୨୦ ବର୍ଷର କଠିନ ପରିଶ୍ରମ ପରେ ସେ 'ସିଦ୍ଧାନ୍ତ ଦର୍ପଣ' ପ୍ରସ୍ତୁତ କରିଥିଲେ। ଏଥିରେ ଗ୍ରହମାନଙ୍କର ସଠିକ୍ ଅବସ୍ଥିତି, କକ୍ଷପଥ ଏବଂ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ଅଦ୍ଭୁତ ନିର୍ଭୁଲ ଗଣନା ରହିଛି। ୧୯୦୪ ମସିହା ଆଜିର ଦିନରେ ଏହି ମହାମନିଷୀଙ୍କର ଦେହାନ୍ତ ହୋଇଥିଲା।



# 'କ୍ରିଶ୍ ୪' ବଜେଟ୍‌କୁ ନେଇ ମୁହଁ ଖୋଲିଲେ ରାକେଶ



ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନଙ୍କ ବହୁ ପ୍ରତୀକ୍ଷିତ ସୁପରହିରୋ ଫିଲ୍ମ 'କ୍ରିଶ୍ ୪'କୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ହେଉଛି। ଫିଲ୍ମର ବଜେଟ୍‌କୁ ନେଇ ହ୍ରିତିକ୍ ରୋଶନ ଏବଂ ଆଦିତ୍ୟ ଚୋପ୍ରାଙ୍କ ମଧ୍ୟରେ ସହମତି ହୋଇ ନ ପାରିବାରୁ ଏହି ଫିଲ୍ମର ସୁଟିଂ ଅଟକି ରହିଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ଏହାକୁ ହ୍ରିତିକ୍‌ଙ୍କ ପିତା ରାକେଶ ରୋଶନ ଖଣ୍ଡନ କରିଛନ୍ତି। ଏନେଇ ପ୍ରକାଶ ପାଇଥିବା କିଛି ରିପୋର୍ଟ ଅନୁସାରେ, " 'କ୍ରିଶ୍ ୪' ର କାମ ୨୦୨୬ ମସିହାରେ ଆରମ୍ଭ ହେବାର ଥିଲା। ଏହି ଫିଲ୍ମକୁ 'କ୍ରିଶ୍' ସିରିଜ୍‌ର ଅଲଗା ଫିଲ୍ମଗୁଡ଼ିକ ଠାରୁ ଆହୁରି ଉନ୍ନତ କରିବା ପାଇଁ ହ୍ରିତିକ୍, ଆଦିତ୍ୟ ଚୋପ୍ରାଙ୍କ ନିକଟରେ ୫୦୦ କୋଟି ଟଙ୍କାର ବଜେଟ୍ ଦାବି କରିବାରୁ ଉଭୟଙ୍କ ମଧ୍ୟରେ ଏହାକୁ ନେଇ ବିବାଦ ଦେଖାଯାଇଛି। ଏଥିପାଇଁ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରୁ ନାହିଁ।" ଏବେ ରାକେଶ ଏହି ସବୁ ରିପୋର୍ଟକୁ ଭୁଲ୍ ବୋଲି କହିବା ସହ ଫିଲ୍ମର ସୁଟିଂ ଚଳିତ ବର୍ଷରୁ ହିଁ ଆରମ୍ଭ ହେବ ବୋଲି କହିଛନ୍ତି। ରାକେଶ ଏନେଇ କହିଛନ୍ତି, 'ହ୍ରିତିକ୍ ନିଜ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ପ୍ରଥମ ଫିଲ୍ମ ପାଇଁ ଉଚ୍ଚସ୍ତରର ଭିଏଫ୍ଏକ୍ସ ଏବଂ ୱାର୍ଲ୍ଡ-କ୍ଲାସ୍ ଆକ୍ସନ୍ ପାଇଁ ପ୍ରଯୋଜକଙ୍କ ନିକଟରେ ୫୦୦ କୋଟିର ବଜେଟ୍ ରଖିଛନ୍ତି, ହେଲେ ଯଶରାଜ ବ୍ୟାନର୍ ଏହି ଖର୍ଚ୍ଚକୁ ୩୫୦ କୋଟି ଟଙ୍କା ମଧ୍ୟରେ ସୀମିତ ରଖିବାକୁ ଚାହିଁବା କଥା ସମ୍ପୂର୍ଣ୍ଣ ଭାବେ ମିଛ। ଭଲ ଫିଲ୍ମ ତିଆରି କରିବାକୁ ସମୟ ଲାଗିଥାଏ। ମୁଁ ମଧ୍ୟ ମୋର 'କ୍ରିଶ୍' ସିରିଜ୍‌ର ପ୍ରତ୍ୟେକ ଫିଲ୍ମ ପାଇଁ ସମୟ ନେଇଛି।" 'କ୍ରିଶ୍ ୪' ର ସୁଟିଂ ଆରମ୍ଭ ହେବାରେ ବିଳମ୍ବ ହେବାର କାରଣ ଜଣାଇ ରାକେଶ କହିଛନ୍ତି, "ହ୍ରିତିକ୍ ଏବେ ସେହି ପ୍ରଡକ୍ସନ ହାଉସ୍ କାମରେ ବ୍ୟସ୍ତ ଅଛନ୍ତି ଯାହାକୁ ସେ ଚଳିତ ବର୍ଷ ଆରମ୍ଭ କରିଛନ୍ତି। 'କ୍ରିଶ୍ ୪' ପାଇଁ କୌଣସି ଅସୁବିଧା ନାହିଁ, ସବୁ କିଛି ଠିକ୍ ଚାଲିଛି। ଏହା ଆଦିତ୍ୟ ଚୋପ୍ରା, ହ୍ରିତିକ୍ ଏବଂ ମୋ ମଧ୍ୟରେ ଏକ ଟିମ୍ ୱାର୍କ।" ଏହି ଫିଲ୍ମରେ ହ୍ରିତିକ୍‌ଙ୍କୁ ଗୋଟିଏ କିମ୍ବା ଦୁଇଟି ଚରିତ୍ରରେ ନୁହେଁ ବରଂ ଚାରୋଟି ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। ହ୍ରିତିକ୍‌ଙ୍କ ବ୍ୟତୀତ ଏଥିରେ ପ୍ରିୟଙ୍କା ଚୋପ୍ରା ଏବଂ ପ୍ରୀତି ଜିଣ୍ଟା ମଧ୍ୟ ନଜର ଆସିବେ।

# ମଳ ମାସରେ କାଉ ଅନ୍ତର୍ଦ୍ଧାନ

ଭାରତର ଅନେକ ମନ୍ଦିର, ତୀର୍ଥସ୍ଥଳ, ସହରକୁ ନେଇ ଏମିତି ସବୁ ରହସ୍ୟ ଅଛି, ଯାହା ଉପରୁ ଆଜିଯାଏଁ ପରଦା ହଟିପାରି ନାହିଁ। ଏହି କ୍ରମରେ ବିହାରର ରାଜଗୀର ସହରରେ ପ୍ରତି ମଳ ମାସରେ କାଉ ଅନ୍ତର୍ଦ୍ଧାନ ହୋଇଯିବା କଥା ଆଜିବି ରହସ୍ୟ ଘେରରେ ରହିଛି। ପୌରାଣିକ ବିଶ୍ୱାସ ଅନୁଯାୟୀ, ମଳମାସ ଚାଲିଥିବା ପୂରା ଏକ ମାସ ପର୍ଯ୍ୟନ୍ତ ରାଜଗୀର ଆକାଶରେ ଗୋଟିଏ ବି କାଉ ଦେଖିବାକୁ ମିଳନ୍ତି ନାହିଁ। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଲୋକକଥା ଅନୁସାରେ, ଏକଦା ଏହି ସ୍ଥାନ ଉପରେ କାଉ କ୍ରୋଧିତ ହୋଇ ଯାଇଥିଲେ। ତେଣୁ ଏଠାରେ ମଳମାସରେ କାଉ ଦେଖାଯାନ୍ତି ନାହିଁ। ତେବେ ଏହି ଘଟଣାଟି ସତ୍ୟଯୁଗର ବୋଲି କୁହାଯାଏ। ଭଗବାନ ବ୍ରହ୍ମାଙ୍କ ମାନସପୁତ୍ର ରାଜା ବସୁ ରାଜଗୀର ବ୍ରହ୍ମକୁଣ୍ଡ ପରିସରରେ ଏକ ବିଶାଳ ଯଜ୍ଞର ଆୟୋଜନ କରିଥିଲେ। ଏହି ଯଜ୍ଞକୁ ୩୩ କୋଟି ଦେବୀଦେବତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ଭୁଲରେ କାଉଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। ଏହି କଥାରେ କ୍ରୋଧ ପ୍ରକଟ କରି କାଉମାନେ ରାଜଗୀର ଛାଡ଼ି ଚାଲି ଗଲେ। ସେବେଠୁ ଏହି ମାନ୍ୟତା ଚାଲି ଆସୁଛି ଯେ, ମଳ ମାସ ଆସିଲା ମାତ୍ରକେ କାଉ ରାଜଗୀରଠାରୁ ଦୂରକୁ ଚାଲି ଯାନ୍ତି। ତେଣୁ ଏଠାରେ ଘରର ଛାତ ଉପରେ, ଗଛରେ ଏବଂ ଆକାଶରେ ପ୍ରତିଦିନ ଦେଖାଯାଉଥିବା କାଉମାନେ ମଳମାସ ସମୟରେ ହଠାତ୍ ଅଦୃଶ୍ୟ ହୋଇଯାଆନ୍ତି। ରାଜଗୀରରେ ପ୍ରତ୍ୟେକ ମଳ ମାସରେ ଏକ ବଡ଼ ମେଳା ଆୟୋଜିତ ହୋଇଥାଏ। ଏଠାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥାନ୍ତି। ଏହି ସମୟରେ ଏଠାରେ ଥିବା କୁଣ୍ଡଗୁଡ଼ିକରେ ସ୍ନାନ କରିବା ଦ୍ୱାରା ସବୁ ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।



# ରଜପର୍ବରେ ଆଧୁନିକତାର ଛାପ



ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ, ଆସିଛି ରଜ ଲୋ ଘେନି ନୂଆ ସଜବାଜ। 'ରଜ ଦୋଳି କଟମଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ ଦିଶୁଥାଇ ଝଟଝଟ' ଆଦି ଗୀତ ଶୁଣିଲେ ମନରେ ଆନନ୍ଦ ଲହରୀ ଖେଳିଯାଏ। ଗୀତର ତାଳେ ତାଳେ ମିଠାପାନ, ଏବଂ ପିଠା ଖାଇ ସଭିଏଁ ପାଳନ୍ତି ରଜ ପର୍ବ। ପାଦରେ ଅଳତା, ଗଭାରେ ଗଜରା ଲଗାଇ ଖେଳନ୍ତି ଦୋଳି। ହେଲେ ସମୟାନୁସାରେ ଏହି ପାରମ୍ପରିକ ପର୍ବରେ ଏବେ ଆଧୁନିକତାର ଛାପ ପରିଲକ୍ଷିତ ହୋଇଛି। ରଜସଜ, ଖାଦ୍ୟପେୟ ଏବଂ ପ୍ରସ୍ତୁତିରେ ଦେଖାଯାଉଥିବା ଭିନ୍ନତାକୁ ନେଇ ଏହି ଉପସ୍ଥାପନା।

### ଡିଜିଟାଲ୍ ସେଲିବ୍ରେସନ୍

ଗାଁ ଗହଳିରେ ଝିଅମାନେ ରଜରେ ସଜ ହୋଇ ସାଙ୍ଗସାଥୀଙ୍କ ସହ ପଡ଼ୋଶୀ ଏବଂ ବନ୍ଧୁବାନ୍ଧବଙ୍କ ଘରକୁ ବୁଲିବାକୁ ଯାଆନ୍ତି। ଭଳିକି ଭଳି ପିଠା, ମିଠା ଏବଂ ପାନ ଖାଇ ରଜ ଦୋଳି ଏବଂ ପୁଚି ଖେଳର ମଜା ନିଅନ୍ତି। ହେଲେ ଏବେ ଏହାର ସ୍ଥାନ ନେଇଛି ସୋସିଆଲ ମିଡିଆ। ଝିଅମାନେ ଦୋଳିଖେଳି, ରଜରେ ସଜ ହୋଇ ରିଲ୍ସ ଭିଡିଓ କରୁଛନ୍ତି। ଏହି ଉତ୍ସବ ଏବେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍‌ରେ ରିଲ୍ସ ଏବଂ ଫଟୋ ଅପଲୋଡ୍ କରିବାର ଏକ ମାଧ୍ୟମ ପାଲଟିଛି।

### ସାଜସଜ୍ଜା ଏବଂ ମେକ୍‌ଅପ୍

ରଜର ଦିନକ ପୂର୍ବରୁ ସଜବାଜ ପ୍ରସ୍ତୁତି ଆରମ୍ଭ ହୁଏ। ଯୁବତୀମାନେ ଦିନକ ଆଗରୁ କେଶ ସଫା କରି ହଳଦୀ ବାଟି ରଖନ୍ତି। ହାତରେ ମେହେନ୍ଦୀ ଏବଂ ମୁଣ୍ଡରେ ବାସନାତେଲ ଲଗାଇ କେଶ ବିନ୍ୟାସ କରନ୍ତି। ହେଲେ ଏସବୁର ସ୍ଥାନ ଏବେ ନେଇଛି ପାର୍ଲର। ଏଥିପାଇଁ ଆଗୁଆ ପାର୍ଲରରେ ମହିଳାଙ୍କର ଭିଡ଼ ଜମୁଛି। ମେକ୍-ଅପ୍, ନେଲ୍ ଆର୍ଟ ଏବଂ ହେୟାର୍ କଲର୍ ଆଦି ସାଜସଜ୍ଜାର ମୁଖ୍ୟ ଆକର୍ଷଣ ପାଲଟିଛି। ସେହିପରି ପାରମ୍ପରିକ ପାଟ ଏବଂ ସୂତା ଶାଢ଼ି ସହ ଏବେ ସମ୍ବଲପୁରୀ, ଲେହେଙ୍ଗା ସମେତ ଆଧୁନିକ ପରିଧାନ ସ୍ଥାନ ନେଇଛି।



### ଖାଦ୍ୟପେୟ

ରଜ ଆସିଲେ ପ୍ରତ୍ୟେକ ଓଡ଼ିଆଣୀଙ୍କ ହାଣ୍ଡିଶାଳ ପିଠାପଣାରେ ମହକୁଥାଏ। ଏହି ପର୍ବରେ ପୋଡ଼ପିଠାର ବିଶେଷ ମହତ୍ତ୍ୱ ଥିଲେ ହେଁ, କାକରା, ଚକୁଳି, ଇଡ଼ଲି ଆଦି ପିଠାମାନ ପ୍ରସ୍ତୁତ କରାଯାଏ। ଏଥିପାଇଁ ଦିନକ ପୂର୍ବରୁ ଆବଶ୍ୟକ ସରଞ୍ଜାମ ଯଥା- ବିରି, ଚାଉଳ ବାଟି ରଖାଯାଏ। ହେଲେ ପାରମ୍ପରିକ ପିଠା ସମେତ ଏବେ କେକ୍, ମିଠା ଏବଂ ପାନୀୟ ଆଦି ରଜ ମେନ୍ୟୁରେ ସାମିଲ ହୋଇଛି।



"ସମୟାନୁସାରେ ଲୋକେ ଏବେ ଆଧୁନିକ ଶୈଳୀରେ ରଜପର୍ବ ପାଳନ କରୁଛନ୍ତି। ପରିବାର ସହ ମଲ୍, ହୋଟେଲ୍ ଏବଂ ବିଭିନ୍ନ ସ୍ଥାନରେ ଆୟୋଜିତ ରଜ ମହୋତ୍ସବ ବୁଲି ଏହାର ମଜା ନେଉଛନ୍ତି। ସ୍ୱାଦିଷ୍ଟ ଖାଦ୍ୟ, ଦୋଳି, ପାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଫଟୋ ଉଠାଇ ମନୋରଞ୍ଜନ କରୁଛନ୍ତି। ଏଥିପାଇଁ ଆଗୁଆ ଯୋଜନା ମଧ୍ୟ କରୁଛନ୍ତି। ଅବଶ୍ୟ ଆମ ସମୟରେ ଯେମିତି ରଜ ପାଳନ ହେଉଥିଲା ଏବେ ସେସବୁ ଆଉ ନାହିଁ। ଏଥିରେ ଅନେକ ପରିବର୍ତ୍ତନ ଆସିଛି।

- ଗୀତାଞ୍ଜଳୀ ସ୍ୱାଇଁ
ବରମୁଣ୍ଡା, ଭୁବନେଶ୍ୱର



ଏବେ ଆଉ ଆଗ ପରି ରଜପର୍ବର ଖୁସି ଜଣା ପଡୁନାହିଁ। ଗାଁ ଆମ୍ବତୋଟା ବାଉଁଶ ଦୋଳି, ପୁଚି ଖେଳ ଆଉ ନାହିଁ। ସବୁଠି ଆଧୁନିକ ଶୈଳୀରେ ରଜ ମହୋତ୍ସବ ଅନୁଷ୍ଠିତ ହେଲାଣି। ଏପରିକି ପିଠାପଣା ମଧ୍ୟ ଲୋକେ ଏତେ ଖାଇବାକୁ ପସନ୍ଦ କରୁନାହାନ୍ତି। ଖାଲି ବିଧିକୁ ଯାହା କରିବା କଥା।

-ପ୍ରତିମା ପାଇକରାୟ
ଶଗଡ଼ଭଙ୍ଗା, ଖୋର୍ଦ୍ଧା"

## ସୁଶ୍ରୀ

# ଆଇବ୍ରୋ ଲାମିନେସନ୍ କରୁଥିଲେ...

ସାମାଜିକ ଗଣମାଧ୍ୟମରେ ମେକ୍‌ଅପ୍‌କୁ ନେଇ ଅନେକ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ଆଇବ୍ରୋ ଲାମିନେସନ୍ ଚର୍ଚ୍ଚାରେ ରହିଛି। ଫିଲ୍ମ ତାରକାଠୁ ନେଇ ଇନ୍‌ଫ୍ଲୁଏନ୍ସର୍‌ମାନେ ଏହା ଅନୁକରଣ କରୁଛନ୍ତି। ତେବେ ଏହା ତ୍ୱଚା ଏବଂ କେଶ ପାଇଁ କେତେ ସୁରକ୍ଷିତ ଜାଣିବା ସେ ବିଷୟରେ।



### କ'ଣ ଆଇବ୍ରୋ ଲାମିନେସନ୍

ଏହା ଏକ ପ୍ରକାର ବିୟୁଟି ଟ୍ରିଟ୍‌ମେଣ୍ଟ। ଏଥିରେ ଭ୍ରୂଲତାକୁ ଏକ ସ୍ୱତନ୍ତ୍ର କେମିକାଲ୍ ସାହାଯ୍ୟରେ ସେଟ୍ କରାଯାଏ। ଏହାଦ୍ୱାରା ଦୀର୍ଘ ସମୟ ଧରି ଭ୍ରୂଲତା ଉପରକୁ ଟେକି ହୋଇ ରହିଥାଏ। ଏହା ଭ୍ରୂଲତାକୁ ଘନ, ମୋଟା ଏବଂ ସୁନ୍ଦର କରିଥାଏ। ଫଳରେ ଦୈନିକ ଭ୍ରୂଲତାକୁ ସେପ୍ ଦେବାକୁ ପଡ଼େନି। ଏହି ପ୍ରଭାବ ଚାରିରୁ ପାଞ୍ଚ ସପ୍ତାହ ରହିଥାଏ।

### ସୁରକ୍ଷିତ କି ନାହିଁ

ତାଲିମପ୍ରାପ୍ତ ହାଇଜେନିକ୍ ସେଲୁନ୍‌ରେ କରିବା ଦ୍ୱାରା ଏହାକୁ ସୁରକ୍ଷିତ ମଣାଯାଏ। ହେଲେ ଇଣ୍ଟରନେଟ୍ ଭିଡିଓ ଦେଖି ଏହାକୁ କରିବା ଖୁବ୍ ବିପଜ୍ଜନକ ହୋଇଥାଏ। ସେହିପରି କିଛି ମହିଳା ସାମାଜିକ ଗଣମାଧ୍ୟମରେ ପୋଷ୍ଟ ଦେଖି ଏହା କରନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ତ୍ୱଚାଜନିତ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ।

### ଧ୍ୟାନ ରଖିବେ

ସମ୍ବେଦନଶୀଳ ତ୍ୱଚା ଥିଲେ ଏହା ନ କରିବା ଭଲ। ସେହିପରି ଏକ୍‌ଜିମା, ଆଲର୍ଜି ଏବଂ ତ୍ୱଚା ସଂକ୍ରମଣ ସମସ୍ୟା ଥିଲେ, ଏହାଠୁ ଯଥା ସମ୍ଭବ ଦୂରେଇ ରହିବା ଭଲ। ଏଥିସହ ଭ୍ରୂଲତା ପତଳା ଥିଲେ ନ କରିବା ଉଚିତ୍। ବାରମ୍ବାର ଆଇବ୍ରୋ ଲାମିଲେସନ୍ କଲେ ଏହା ଭ୍ରୂଲତାକୁ ଖରାପ କରିଥାଏ।

# ପୁରୁଣା ଜିନ୍ସରୁ ସାଜୋପକରଣ

ଜିନ୍ସ ପ୍ୟାଣ୍ଟ ଢିଲା ହୋଇଗଲେ ଅନେକ ଏହାକୁ ଫୋପାଡ଼ି ଦିଅନ୍ତି ନଚେତ୍ ଘରପୋଛା କରନ୍ତି। ହେଲେ ଏହାକୁ ନ ଫୋପାଡ଼ି ପକେଟ୍‌କୁ ଉପଯୋଗ କରି ଘରପୋକରଣ ସାମଗ୍ରୀ ପ୍ରସ୍ତୁତ କରି ଚାବି, ରିମୋଟ୍ ଆଦି ଜିନିଷ ରଖିପାରିବେ।

- ପ୍ରଥମେ ଜିନ୍ସରୁ ପକେଟ୍‌କୁ କାଟି ବାହାର କରନ୍ତୁ। ଏହାକୁ ଏକ ମୋଟା ଡେନିମ୍ କପଡ଼ା କିମ୍ବା ଏକ କାର୍ଡବୋର୍ଡ଼ରେ ଅଠା ଦେଇ ପେଷ୍ଟ କରନ୍ତୁ।
- ଏହାପରେ ଏଥିରେ ଏମ୍ବ୍ରୋଡୋରୀ କିମ୍ବା ମୋତି ମାଳି ଲଗାଇ ଡିଜାଇନ୍ କରନ୍ତୁ।
- ଏହାକୁ ବିଭିନ୍ନ ଡିଜାଇନ୍ ଯଥା - ମିକି ମାଉସ, ର୍ୟାବିଟ୍ ଆଦି ଆକାର ଦେଇପାରିବେ। ଏହାକୁ କାନ୍ଥରେ ଝୁଲାଇଲେ ଏଥିରୁ ଘରକୁ ଏକ ସୁନ୍ଦର୍ ଲୁକ୍ ମିଳିଥାଏ।
- ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଏଥିରେ ଷ୍ଟିକର୍ ଏବଂ ଗ୍ଲିଟର୍ ମଧ୍ୟ ଲଗାଇପାରିବେ।



## ହଜିଯାଉଥିବା ସ୍ୱାଦ

# ଆମ୍ବ ପୋଡ଼ପିଠା

ଆମ୍ବରସ – ଦୁଇକପ୍, ଚାଉଳଗୁଣ୍ଡ - ୧ କପ୍, କ୍ଷୀର – ଆବଶ୍ୟକତା ଅନୁସାରେ, ଚିନି – ଏକ କପ୍, ଲୁଣ - ଏକ ଚିମୁଟିଏ, ଅଳେଇଚ ଗୁଣ୍ଡ - ଅଧା ଚାମଚ, ଘିଅ କିମ୍ବା ତେଲ - ୨ ଚାମଚ, କାଜୁ – ଛଅ ସାତୋଟି, କିସ୍‌ମିସ୍ – ଚାରିପାଞ୍ଚୋଟି ଏବଂ ନଡ଼ିଆ କୋରା – ଅଳ୍ପ।



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗୋଟିଏ ପାତ୍ର ନେଇ ସେଥିରେ ଚାଉଳଗୁଣ୍ଡ, ଚିନି, ଲୁଣ ଏବଂ ଆମ୍ବରସକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହାପରେ ଏଥିରେ ଆବଶ୍ୟକତା ଅନୁସାରେ କ୍ଷୀର ଦେଇ ବହଳିଆ ଘୋଳ ପ୍ରସ୍ତୁତ କରନ୍ତୁ। ଏଥିରେ ନଡ଼ିଆ କୋରା ଏବଂ ଅଳେଇଚ ଗୁଣ୍ଡ ପକାଇ ୧୫–୨୦ ମିନିଟ୍ ଘୋଡ଼ାଇ ରଖନ୍ତୁ। ଏହାପରେ ଗୋଟିଏ କଡ଼େଇ କିମ୍ବା ହାଣ୍ଡି ନେଇ ସେଥିରେ ତେଲ ନଚେତ୍ ଘିଅ ଲଗାନ୍ତୁ। ଏହାପରେ ଆମ୍ବ ମିଶ୍ରଣକୁ ସେଥିରେ ଦେଇ ଦିଅନ୍ତୁ। ଉପରେ ଡ୍ରାଏଫ୍ରୁଟ୍ସ ପକାଇ ସଜାନ୍ତୁ। ଏହାପରେ ଢାଙ୍କୁଣି ଘୋଡ଼ାଇ ପିଠାକୁ ୩୦ ରୁ ୪୦ ମିନିଟ୍ ପୋଡ଼ିବା ପାଇଁ ଛାଡ଼ି ଦିଅନ୍ତୁ। ପିଠାଟି ସିଝିଗଲେ ଏହାକୁ ଥଣ୍ଡା କରି ଖଣ୍ଡରେ କାଟି ପରଷନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଆମ୍ବ ପୋଡ଼ପିଠା'।




ସକାଳ
THE SAKALA
www.sakalaepaper.com

## ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ର ଖେଳସୂଚୀ

### ଜୁନ୍ ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁନ୍ ୧୧ | ମେକ୍ସିକୋ-ଦ.ଆଫ୍ରିକା | ମେକ୍ସିକୋ ସିଟି | ରାତି ୧୨.୩୦ |
| ଜୁନ୍ ୧୨ | ଚେକିଆ-ଦ.କୋରିଆ | ଜାପୋପାନ | ସକାଳ ୭.୩୦ |
| ଜୁନ୍ ୧୨ | କାନାଡା - ବୋସ୍‌ନିଆ | ଟରଣ୍ଟୋ | ରାତି ୧୨.୩୦ |
| ଜୁନ୍ ୧୩ | ପାରାଗୁଏ-ଆମେରିକା | ଲସ୍‌ଏଞ୍ଜେଲ୍ସ | ସକାଳ ୬.୩୦ |
| ଜୁନ୍ ୧୩ | କତାର-ସୁଇଜରଲାଣ୍ଡ | ସାଣ୍ଟା କ୍ଲାରା | ରାତି ୧୨.୩୦ |
| ଜୁନ୍ ୧୩ | ବ୍ରାଜିଲ-ମରୋକ୍କୋ | ନ୍ୟୁ ଜର୍ସି | ରାତି ୩.୩୦ |
| ଜୁନ୍ ୧୪ | ସ୍କଟ୍‌ଲାଣ୍ଡ-ହାଇତି | ଫକ୍ସବର୍ଗ | ସକାଳ ୬.୩୦ |
| ଜୁନ୍ ୧୪ | ଅଷ୍ଟ୍ରେଲିଆ-ତୁର୍କୀ | ଭାଙ୍କୋଭର | ସକାଳ ୯.୩୦ |
| ଜୁନ୍ ୧୪ | ଜର୍ମାନୀ-କ୍ୟୁରାସାଓ | ହଷ୍ଟନ | ରାତି ୧୦.୩୦ |
| ଜୁନ ୧୪ | ନେଦରଲାଣ୍ଡସ-ଜାପାନ | ଆଲଲିଙ୍ଗ୍‌ଟନ | ରାତି ୧.୩୦ |
| ଜୁନ୍ ୧୪ | ଆଇଭରି କୋଷ୍ଟ-ଇକ୍ୱେଡର | ଫିଲାଡେଲଫିଆ | ୪.୩୦ (୧୫ ଭୋର) |
| ଜୁନ୍ ୧୫ | ସ୍ୱିଡେନ-ଟ୍ୟୁନିସିଆ | ଗୌଦାଲାଜରା | ସକାଳ ୭.୩୦ |
| ଜୁନ୍ ୧୫ | ସ୍ପେନ୍-କେପ୍ ଭର୍ଡ | ଆଟ୍‌ଲାଣ୍ଟା | ରାତି ୯.୩୦ |
| ଜୁନ୍ ୧୫ | ବେଲଜିୟମ-ଇଜିପ୍ଟ | ସିଆଟଲ | ରାତି ୧୨.୩୦ |
| ଜୁନ୍ ୧୫ | ଉରୁଗୁଏ-ସାଉଦି ଆରବ | ମିଆମି | ରାତି ୩.୩୦ |
| ଜୁନ୍ ୧୬ | ଇରାନ-ନ୍ୟୁଜିଲାଣ୍ଡ | ଲସ୍ ଏଞ୍ଜେଲସ୍ | ସକାଳ ୬.୩୦ |
| ଜୁନ୍ ୧୬ | ଫ୍ରାନ୍ସ-ସେନେଗାଲ | ନ୍ୟୁ ଜର୍ସି | ରାତି ୧୨.୩୦ |
| ଜୁନ୍ ୧୬ | ଇରାକ୍-ନରୱେ | ଫକ୍ସବର୍ଗ | ରାତି ୩.୩୦ |
| ଜୁନ୍ ୧୭ | ଆର୍ଜେଣ୍ଟିନା-ଆଲଜେରିଆ | କାନସାସ ସିଟି | ସକାଳ ୬.୩୦ |
| ଜୁନ୍ ୧୭ | ଅଷ୍ଟ୍ରିଆ-ଜୋର୍ଡାନ | ସାଣ୍ଟା କ୍ଲାରା | ସକାଳ ୯.୩୦ |
| ଜୁନ୍ ୧୭ | ପର୍ତ୍ତୁଗାଲ-କଙ୍ଗୋ | ହଷ୍ଟନ | ରାତି ୧୦.୩୦ |
| ଜୁନ୍ ୧୭ | ଇଂଲଣ୍ଡ-କ୍ରୋଏସିଆ | ଆରଲିଙ୍ଗଟନ | ରାତି ୧.୩୦ |
| ଜୁନ୍ ୧୭ | ଘାନା-ପାନାମା | ଟରଣ୍ଟୋ | ୪.୩୦ (୧୮ ଭୋର) |
| ଜୁନ୍ ୧୮ | କଲମ୍ବିଆ-ଉଜ୍‌ବେକିସ୍ତାନ | ମେକ୍ସିକୋ ସିଟି | ସକାଳ ୭.୩୦ |
| ଜୁନ୍ ୧୮ | ଚେକିଆ-ଦ.ଆଫ୍ରିକା | ଆଟଲାଣ୍ଟା | ରାତି ୯.୩୦ |
| ଜୁନ୍ ୧୮ | ସ୍ୱିଜରଲାଣ୍ଡ-ବୋସନିଆ | ଲସ୍ ଏଞ୍ଜେଲ୍ସ | ରାତି ୧୨.୩୦ |
| ଜୁନ୍ ୧୮ | କାନାଡା-କତାର | ଭାଙ୍କୋଭର | ରାତି ୩.୩୦ |
| ଜୁନ୍ ୧୯ | ମେକ୍ସିକୋ-ଦ.କୋରିଆ | ଜାପୋପାନ୍ | ସକାଳ ୬.୩୦ |
| ଜୁନ୍ ୧୯ | ଆମେରିକା-ଅଷ୍ଟ୍ରେଲିଆ | ସିଆଟଲ | ରାତି ୧୨.୩୦ |
| ଜୁନ୍ ୧୯ | ସ୍କଟଲାଣ୍ଡ-ମରୋକ୍କୋ | ଫକ୍ସବର୍ଗ | ରାତି ୩.୩୦ |

# ଆଜିଠାରୁ ଫୁଟ୍‌ବଲ୍ ମହାକୁମ୍ଭ

ମେକ୍ସିକୋ ସିଟି,୧୦।୬ (ସମିସ)



ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ ପ୍ରତିଯୋଗିତାର ବରିଷ୍ଠ ବିଭାଗ ପୁରୁଷ ବିଶ୍ୱକପ୍ ପ୍ରତିଯୋଗିତା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଫୁଟବଲ ଖେଳର ସର୍ବୋଚ୍ଚ ସଂସ୍ଥା ଦ୍ୱାରା ଏହା ଆୟୋଜିତ ହେଉଥିବାରୁ ଫିଫା ବିଶ୍ୱକପ୍ ନାମରେ ପରିଚିତ ଏହି ମେଗା ଇଭେଣ୍ଟ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ ରେ ଶେଷ ହେବ । ପ୍ରଥମଥର ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡ଼ା ଏହି ବିଶ୍ୱକପ୍ ଆୟୋଜନ କରୁଥିବାରୁ ୩ଟି ଟାଇମିଂ ଜୋନ୍‌ରେ ଖେଳ ଦେଖିବା ଦର୍ଶକଙ୍କ ଲାଗି କଷ୍ଟକର ହେଉଛି । ତଥାପି ଅଂଶଗ୍ରହଣକାରୀ ଦେଶର ସମୟ ଅନୁଯାୟୀ ଏହି ମ୍ୟାଚ୍‌ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏଥର ୩ଟି ଦେଶର ମୋଟ ୧୬ଟି ଭେନ୍ୟୁରେ ମ୍ୟାଚ୍ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଏହି ବିଶ୍ୱକପ୍ର ଉଦଘାଟନୀ ଉତ୍ସବ ଏକ ସଙ୍ଗେ ୩ଟି ଦେଶରେ ଆୟୋଜିତ ହେବ । ଆମେରିକାରରେ ସର୍ବାଧିକ ୧୧ଟି ଷ୍ଟାଡିୟମ୍‌ରେ ସର୍ବାଧିକ ୭୮ ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

## ଉଦ୍‌ଘାଟନୀ ଉତ୍ସବର ଆକର୍ଷଣ ସାକିରା



ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗାୟିକା ସାକିରା ଫିଫା ବିଶ୍ୱକପ୍ ପୂର୍ବର ଉଦ୍‌ଘାଟନୀ ସମାରୋହରେ ସଙ୍ଗୀତ ପରିବେଷଣ କରିବେ । ଫିଫା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସଙ୍ଗୀତ ଦାଏ ଦାଏ'କୁ ଗାଇବେ ସାକିରା । ତାଙ୍କ ସହ ନରୱେର ବୁର୍ଣ୍ଣା ବୟ ମଧ୍ୟ ଫିଫା ସଙ୍ଗୀତ ପରିବେଷଣ କରିବେ । ଅନ୍ୟ ତାରକାମାନଙ୍କ ମଧ୍ୟରେ ଆଲେଜାଣ୍ଡ୍ରୋ ଫର୍ଣ୍ଣାଣ୍ଡିଜ୍, ବେଲିଣ୍ଡା, ଡାନ୍ନି ଓସେନ୍, ଜେ. ବାଲଭିନ୍, ଲିଲା ଡାଉନ୍ସ, ଲସ୍‌ଆଞ୍ଜିଲ୍ସ ଆଜୁଲେସ୍, ମାନା ଓ ଟିଲା ମଧ୍ୟ ଅଫିସିଆଲ ଫିଫା ସଙ୍ଗୀତ ପରିବେଷଣରେ ସହଯୋଗ କରିବେ । ଉଦ୍‌ଘାଟନୀ ଉତ୍ସବ ମେକ୍ସିକୋ ସିଟିରେ ଭାରତୟ ସମୟ ରାତି ୧୦.୩୦ରୁ ଆରମ୍ଭ ହେବ । ପ୍ରତ୍ୟେକ ଦେଶରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମୁକାବିଲା ପୂର୍ବରୁ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବ । କାନାଡାରେ ଟରଣ୍ଟୋ ଓ ଆମେରିକାରେ ଲସ୍‌ଏଞ୍ଜେଲ୍ସରେ ଏହି ଉତ୍ସବ ଓ ପରେ ମ୍ୟାଚ୍ ଖେଳାଯିବ । ଟରଣ୍ଟୋରେ ଗାୟକ ଓ ଲେଖକ ମାଇକେଲ ବବଲ ଓ ଆଲାନିସ୍ ମୋରିସ୍ଟେ, ଆମେରିକାର ସୋଫି ଷ୍ଟାଡିୟମ୍‌ରେ ପପ୍ ଷ୍ଟାର କାଟି ପେର, ରାପର ଫ୍ୟୁଚର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିବେଷଣ କରିବେ । କାନାଡା ଜନ୍ମିତ ବଲିଉଡ୍ ଷ୍ଟାର ନୋରା ଫତେହୀ ଟରଣ୍ଟୋ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିବେ ।

## ମେକ୍ସିକୋରେ ଉଦ୍‌ଘାଟନୀ, ନ୍ୟୁ ଜର୍ସୀରେ ଫାଇନାଲ




ବିଶ୍ୱକପ୍‌ରେ ଏଥର ସର୍ବାଧିକ ୪୮ଟି ଦେଶ ଭାଗନେଉଥିବାରୁ ସ୍ୱାଭାବିକ ଭାବେ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ । ଏହା ମଧ୍ୟରୁ ଆମେରିକାରେ ୭୮ଟି ଓ ଅନ୍ୟ ଦୁଇ ସହଯୋଗୀ ଦେଶରେ ୧୩ଟି ଲେଖାଏଁ ମ୍ୟାଚ୍ ଆୟୋଜିତ ହେବ । ରାଉଣ୍ଡ ଅଫ୍ ୩୨ ଓ ରାଉଣ୍ଡ ଅଫ୍ ୧୬ରେ ୩ଟି ନକ୍‌ଆଉଟ ମ୍ୟାଚ୍ ଆମେରିକା ବାହାରେ ଓ ଅନ୍ୟ ସମସ୍ତ ନକ୍‌ଆଉଟ ମୁକାବିଲା ଆମେରିକାରେ ଅନୁଷ୍ଠିତ ହେବ । ରେକର୍ଡ ତୃତୀୟଥର ଉଦ୍‌ଘାଟନୀ ଉତ୍ସବ ସହ ଉଦ୍‌ଘାଟନୀ ମୁକାବିଲା କରିବାକୁ ଯାଉଥିବା ମେକ୍ସିକୋ ସିଟିର ଆଜ୍‌ଟେକା ଷ୍ଟାଡିୟମ୍‌ରେ ଆୟୋଜକ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ । ସେହିପରି ପ୍ରତିଯୋଗିତା ଶେଷରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଆମେରିକାର ନ୍ୟୁ ଜର୍ସୀରେ ଥିବା ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ଫାଇନାଲ ମୁକାବିଲା ଜୁଲାଇ ୧୯ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ ।

## ହାଇତି ଜର୍ସିରେ ରହିବ ପୋଲାଣ୍ଡ ପତାକା




ୱାଶିଂଟନ, ୧୦।୬ (ଏଜେନ୍ସି): ଦୀର୍ଘ ୫୨ ବର୍ଷ ପରେ ହାଇତି ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଏହି କାରବୀୟ ରାଷ୍ଟ୍ର ପ୍ରଥମ ଓ ଶେଷଥର ଲାଗି ୧୯୭୪ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ୫୨ ବର୍ଷ ପରେ ପୁଣିଥରେ ଏହି ମେଗା ଇଭେଣ୍ଟକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଏଥର ହାଇତି ପ୍ରଦର୍ଶନର ଛାପ ଛାଡ଼ିବା ଲକ୍ଷ୍ୟରେ ରହିଛି । କିନ୍ତୁ ହାଇତି ଖେଳାଳିମାନେ ପିନ୍ଧିବାକୁ ଥିବା ଜର୍ସିରେ ପୋଲାଣ୍ଡର ଜାତୀୟ ପତାକା ରହିବା ଫୁଟବଲପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ପ୍ରଥମତଃ ଏହା କିଟ୍ ନିର୍ମାତାଙ୍କ ଦ୍ୱାରା କୌଣସି ତ୍ରୁଟି ନୁହେଁ । ପ୍ରକୃତରେ ଏହା ଡିଜାଇନର ଏକ ଅଂଶ । ହାଇତି ଦଳର ଜର୍ସିରେ ପୋଲାଣ୍ଡର ଜାତୀୟ ପତାକାର ଉପସ୍ଥିତିର ଏକ ଐତିହାସିକ ଗୁରୁତ୍ୱ ରହିଛି । ତାହା ହେଉଛି ୧୮୦୪ ମସିହାରେ ହାଇତିକୁ ସ୍ୱାଧୀନତା ହାସଲ କରିବାରେ ୫,୦୦୦ ପୋଲାଣ୍ଡ ସୈନିକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ହାଇତିର ପ୍ରତିଷ୍ଠାତା ନେତା ଜିନ୍-ଜ୍ୟାକ୍ ଡେସାଲିନ୍ସ ପୋଲାଣ୍ଡମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମର୍ଥନକୁ ସ୍ୱୀକାର କରିଥିଲେ । ତେଣୁ ଏଥର ହାଇତିର ଜର୍ସି ଡିଜାଇନ୍ ପୋଲାଣ୍ଡ ସୈନିକଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଭାବରେ ଦେଖାଯାଉଛି । ଯେଉଁମାନେ ସ୍ୱାଧୀନତା ପାଇଁ ସେମାନଙ୍କ ଲଢ଼େଇ ସମୟରେ ହାଇତିଙ୍କ ସହିତ ଠିଆ ହୋଇଥିଲେ । ଅପରପକ୍ଷରେ ଏକ ଉଲ୍ଲେଖନୀୟ ଘଟଣା ହେଉଛି ଏଥର ପୋଲାଣ୍ଡ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି । କିନ୍ତୁ ହାଇତି ଜର୍ସିରେ ଏହାର ପରୋକ୍ଷ ପ୍ରତିନିଧିତ୍ୱ ରହିଛି ।

## ସିଧା ପ୍ରସାରଣ ଦେଖିପାରିବେ ଭାରତୀୟ ଦର୍ଶକ

ବିଶ୍ୱର ଲୋକପ୍ରିୟ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣର ସିଧାପ୍ରସାରଣ ଅଧିକାର ଭାରତରେ ଜି' ଟିଭି ହାସଲ କରିଛି । ଜି ଟିଭି' ନେଟ୍‌ୱର୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୪ଟି ୟୁନାଇଟ୍-୮ ସ୍ପୋର୍ଟ୍ସ ଚ୍ୟାନେଲ (unite 8 ) ରେ ବିଶ୍ୱକପ୍‌ର ସମସ୍ତ ୧୦୪ଟି ଯାକ ମ୍ୟାଚ୍ ହିନ୍ଦି ଓ ଇଂରାଜୀ ଭାଷାରେ ସିଧାପ୍ରସାରଣ ହେବ । ଚାରୋଟି ଚ୍ୟାନେଲ ୟୁନାଇଟ୍ ସ୍ପୋର୍ଟ୍ସ-୧, ୟୁନାଇଟ୍ ସ୍ପୋର୍ଟ୍ସ-୧ ଏଚ୍‌ଡି, ୟୁନାଇଟ୍ ସ୍ପୋର୍ଟ୍ସ-୨ ଓ ୟୁନାଇଟ୍ ସ୍ପୋର୍ଟ୍ସ-୨ ଏଚ୍‌ଡି ଚ୍ୟାନେଲରେ ଭାରତୀୟ ଦର୍ଶକ ମ୍ୟାଚ୍ ଦେଖିପାରିବେ । ସେହିଭଳି ଅନ୍‌ଲାଇନରେ ଜି୫(ZEE 5) ଆପ୍ ଓ ୱେବସାଇଟ୍‌ରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ମଧ୍ୟ ହେବ ।

### ଭାରତରେ କେତେବେଳେ ଦେଖିବେ ଖେଳ

ବିଶ୍ୱକପ୍ ଏଥର ୩ଟି ଦେଶରେ ଆୟୋଜିତ ହେଉଥିବାରୁ ୩ଟ ଟାଇମିଂ ଜୋନ୍‌ରେ ମ୍ୟାଚ୍ ଖେଳାଯିବ । ଏଣୁ ଭାରତୀୟ ସମୟରେ ୧୨ ଘଣ୍ଟା ମଧ୍ୟରେ ଖେଳ ହେବ ଓ ଜଣେ ଦର୍ଶକ ରାତି ୯ଟା ୩୦ରୁ ତା'ପରଦିନ ସକାଳ ୯ଟା ୩୦ ଯାଏ ଖେଳ ଦେଖିପାରିବେ । ରାତି ୯ଟା ୩୦, ରାତି ୧୦ଟା ୩୦, ରାତି ୧୨.୩୦, ରାତି ୧.୩୦, ରାତି ୩.୩୦, ଭୋର ୪.୩୦, ପରଦିନ ସକାଳ ୬.୩୦, ୮.୩୦ ଓ ୯.୩୦ରୁ ଆରମ୍ଭ ହୋଇ ୨ଘଣ୍ଟା ଯାଏ ଖେଳାଯିବ । ଏଣୁ ଜଣେ ଦର୍ଶକ ରାତିରୁ ପରଦିନ ପୂର୍ବାହ୍ଣ ୧୧ଟା ୩୦ ମିନିଟ୍ ଯାଏ ଖେଳ ଦେଖିପାରିବେ ।

## ଚାରିଥରର ଚାମ୍ପିଅନ ଇଟାଲୀର ଅଲୋଡ଼ା ହ୍ୟାଟ୍ରିକ

ଏଥର ଫିଫା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ଚାରିଥରର ପୂର୍ବ ବିଜେତା ଇଟାଲୀ ଏଥର ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି । ଏହାକୁ ମିଶାଇ ଇଟାଲୀ କ୍ରମାଗତ ୩ୟ ସଂସ୍କରଣ ଲାଗି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିପାରିନାହିଁ । ଏଥିପୂର୍ବରୁ ୨୦୧୮ ଓ ୨୦୨୨ ବିଶ୍ୱକପ ମଧ୍ୟ ଇଟାଲୀ ଖେଳିପାରି ନ ଥିଲା । ବିଶ୍ୱ ମାନ୍ୟତାର ୧୨ତମ ସ୍ଥାନରେ ଥିବା ଏହି ୟୁରୋପୀୟ ଦଳ ଲାଗି ଏହା ଶକ୍ତ ଝଟକା ସଦୃଶ ହୋଇଛି । ସେହିଭଳି ଚଳିତ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିପାରି ନ ଥିବା ଅନ୍ୟ କିଛି ପ୍ରମୁଖ ଦେଶ ହେଲେ ଡେନମାର୍କ, ନାଇଜେରିଆ, ୟୁକ୍ରେନ ଓ ପୋଲାଣ୍ଡ । ୨୦୨୨ ବିଶ୍ୱକପ୍‌ରେ ଡାର୍କହର୍ସ ଥିବା ଡେନମାର୍କ ବର୍ତ୍ତମାନ ଫିଫା ର୍‌ୟାଙ୍କିଙ୍ଗ୍‌ରେ ୨୦ତମ ସ୍ଥାନରେ ରହିଛି । କିନ୍ତୁ ଯୋଗ୍ୟତା ପର୍ଯ୍ୟାୟରେ ଚେକ୍ ରିପବ୍ଲିକ ନିକଟରୁ ସୁଟ୍ ଆଉଟ୍‌ରେ ହାରିବା ପରେ ଡେନମାର୍କର ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ୍ ହୋଇଯାଇଥିଲା । ଆଫ୍ରିକ ମହାଦେଶର ଅନ୍ୟତମ ଶକ୍ତିଶାଳୀ ଦଳ ନାଇଜେରିଆ ବର୍ତ୍ତମାନ ଫିଫା ର୍‌ୟାଙ୍କିଙ୍ଗ୍‌ରେ ୨୬ତମ ସ୍ଥାନରେ ରହିଛି । କିନ୍ତୁ ୪୮ ଜଣିଆ ବିଶ୍ୱକପ୍‌କୁ ଦଳ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା । 'କାଫ୍' ପ୍ଲେ ଅଫ୍ ଫାଇନାଲରେ କଙ୍ଗୋଠାରୁ ହାରିବା ନାଇଜେରିଆ ପାଇଁ ମହଙ୍ଗା ପଡ଼ିଥିଲା । ନାଇଜେରିଆ ୨୦୨୨ ବିଶ୍ୱକପ୍‌କୁ ମଧ୍ୟ ଟିକଟ୍ ହାସଲ କରି ନ ଥିଲା । ଅପରପକ୍ଷରେ ୪ ବର୍ଷ ଧରି ରୁଷ ସହ ଯୁଦ୍ଧରେ ସଂଘର୍ଷ କରୁଥିବା ୟୁକ୍ରେନକୁ ମଧ୍ୟ ଏଥର ବିଶ୍ୱକପ୍ ଟିକଟ୍ ମିଳିନି । ବିଶ୍ୱ ମାନ୍ୟତାର ୩୨ତମ ସ୍ଥାନରେ ଥିବା ଏହି ୟୁରୋପୀୟ ରାଷ୍ଟ୍ର ଶେଷଥର ଲାଗି ୨୦୦୬ ସଂସ୍କରଣ ଖେଳିଥିଲା । ପୋଲାଣ୍ଡ ମଧ୍ୟ ଏଥର ବିଶ୍ୱକପ୍ ବସ୍ ମିସ୍ କରିଛି । ଫିଫା ର୍‌ୟାଙ୍କିଙ୍ଗରେ ୩୨ତମ ସ୍ଥାନରେ ଥିବା ପୋଲାଣ୍ଡ ଯୋଗ୍ୟତା ପର୍ଯ୍ୟାୟର ଫାଇନାଲ ମ୍ୟାଚରେ ୨-୩ ଗୋଲ୍‌ରେ ସ୍ୱିଡେନଠାରୁ ହାରିବା ପୋଲାଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ।



## କ୍ୟୁର୍‌ସାଓ ସବୁଠୁ କ୍ଷୁଦ୍ରତମ ଦେଶ

ଫିଫା ବିଶ୍ୱକପ୍ ଇତିହାସରେ କ୍ୟୁରସାଓ ସବୁଠୁ କ୍ଷୁଦ୍ରତମ ଦେଶ ଭାବେ ଯୋଗ୍ୟତା ଅର୍ଜନ କରିଛି । ଏହି କାରବୀୟ ଦ୍ୱୀପ ରାଷ୍ଟ୍ରର ମୋଟ ଜନସଂଖ୍ୟା ଦେଢ଼ ଲକ୍ଷରୁ ସାମାନ୍ୟ ଅଧିକ ରହିଛି । ଏହି କାରିବିଆନ୍ ଦ୍ୱୀପ, ଜନସଂଖ୍ୟା ଏବଂ ଭୂମି ଆକାର ଉଭୟ ଦୃଷ୍ଟିରୁ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସବୁଠାରୁ ଛୋଟ ଦେଶ । ଉତ୍ତର ଆମେରିକୀୟ ମହାଦେଶର ଯୋଗ୍ୟତା ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରି କ୍ୟୁରସାଓ ୨୦୨୬ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଥିଲା । ଅଧିନାୟକ ର୍‌ୟାନ ମେଣ୍ଡେସ ଏହି ଦଳର ପ୍ରମୁଖ ଖେଳାଳି ରହିଛନ୍ତି । ବିଶ୍ୱକପ୍ ପୂର୍ବରୁ କ୍ୟୁରସାଓ ଦଳର ଖେଳାଳିମାନେ ଝରକା କାଚ ନ ଥିବା ଏକ ପୁରୁଣା ସ୍କୁଲ ବସ୍‌ରେ ଗ୍ରାଉଣ୍ଡକୁ ଯାତ୍ରା କରୁଥିଲେ । ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା ।

● ନାଇଟ୍ କ୍ଲବ ବିବାଦ

## ଦଳରୁ ବାଦ୍ ସହ ଅଧିନାୟକ ପଦ ହରାଇଲେ ଷ୍ଟୋକ୍ସ

ଲଣ୍ଡନ, ୧୦।୬ (ଏଜେନ୍ସି): ନାଇଟ୍ କ୍ଲବ୍ ବିବାଦ ପରେ ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ୧୭ରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ଷ୍ଟୋକ୍ସଙ୍କ ସମେତ ଦ୍ରୁତ ବୋଲର୍ ଗସ୍ ଆଟକିନସନଙ୍କୁ ବାଦ୍ ଦିଆଯାଇଛି । ଷ୍ଟୋକ୍ସଙ୍କ ସ୍ଥାନରେ ଜୋ ରୁଟ୍‌ଙ୍କୁ ଅନ୍ତରୀଣ ଅଧିନାୟକ ନିଯୁକ୍ତ କରାଯାଇଛି । ସେହିଭଳି ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏବଂ ବ୍ୟାଟ୍ସମ୍ୟାନ୍ ଜୋର୍ଡାନ କକ୍ସଙ୍କୁ ଦଳରେ ସାମିଲ କରାଯାଇଛି । ଇସିବି ପକ୍ଷରୁ କୁହାଯାଇଛି ଯେ ନାଇଟ୍ କ୍ଲବ୍ ଘଟଣାର ତଦନ୍ତ ଚାଲିଥିବା ହେତୁ ଷ୍ଟୋକ୍ସ ଏବଂ ଆଟକିନସନ୍‌ଙ୍କ ନାମକୁ ଚୟନ ପାଇଁ ବିଚାରକୁ ନିଆଯାଇନାହିଁ ।

ପ୍ରକାଶ ଯୋଗ୍ୟ ଲର୍ଡ୍ସରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ୧୧୫ ରନରେ ଇଂଲଣ୍ଡ ପରାସ୍ତ କରିଥିଲା । ପରେ ବିଜୟର ଉତ୍ସବ ପାଳନ କରିବା ପାଇଁ ଷ୍ଟୋକ୍ସ ଏବଂ ଆଟକିନସନ୍ ଏକ ନାଇଟ କ୍ଲବ୍‌କୁ ଯାଇଥିଲେ । ଏହି ସମୟରେ ଉଭୟ କ୍ଲବରେ ଜଣେ ରଗବି ଖେଳାଳିଙ୍କ ସହ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା । ଝଗଡ଼ାର ସିସିଟିଭି ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି । ଇଂଲଣ୍ଡ ବୋର୍ଡ ଏବେ ଏହି ମାମଲାକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ।

ପିଟିଏଫ୍ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

## ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୬ ପଦକ




ଭୁବନେଶ୍ୱର, ୧୦।୬ (ସମିସ): ଶ୍ରୀନଗରର ସେର ଇ କାଶ୍ମୀର ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେଉଥିବା ପ୍ରଥମ ପିଟିଏଫ ଇଣ୍ଟରନେସନାଲ ତାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ଓଡ଼ିଶାକୁ ୬ଟି ପଦକ ମିଳିଛି । ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି । ଅନୁଷ୍କା ଦାସ, ମିନାକ୍ଷୀ ନାୟକ, ଅନ୍ୱେଷ ହୋତା ଏବଂ କୁମାର କାଶ୍ୟପ ସରଙ୍ଗୀ ସ୍ୱର୍ଣ୍ଣ ପଦକ ଏବଂ ଆରାଭି ମିଶ୍ର ଓ ଅଂଶୁ ଅନନ୍ୟା ମହାପାତ୍ର ରୌପ୍ୟ ପଦକ ଜିତିଛନ୍ତି । ଏହି ସମସ୍ତ ୬ଜଣ ଖେଳାଳି କୋଚ୍ ଏହେସାସ ହୋତାଙ୍କ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଛନ୍ତି । ପ୍ରତିଯୋଗିତାରେ ଚାରୋଟି ଦେଶରୁ ପାଖାପାଖି ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପଦକ ବିଜେତା କ୍ରୀଡ଼ାବିତଙ୍କୁ ଓଡିଶା ତାଇକ୍ୱୋଣ୍ଡୋ ସଂଘ ଓ ଏକାଡେମୀ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।

## ରଜରେ ମଦନପୁରରେ ଜାତୀୟ କବାଡ଼ି




ଭୁବନେଶ୍ୱର, ୧୦।୬ (ସମିସ)

ରଜ ପର୍ବ ଉପଲକ୍ଷେ ପାରମ୍ପରିକ କ୍ରୀଡାକୁ ପ୍ରୋତ୍ସାହିତ କରିବା ଲାଗି କବାଡ଼ି ଓ ଟଗ ଅଫ ୱାର ଚାମ୍ପିଅନସିପ ଜୁନ ୧୩ରୁ ଭୁବନେଶ୍ୱର ଉପକଣ୍ଠ ମଦନପୁରରେ ଆରମ୍ଭ ହେବ । ବିଚିତ୍ର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିବେ । ଉଭୟ ପୁରୁଷ ଓ ମହିଳା ବିଭାଗରେ କବାଡି ଓ ଟଗ୍ ଅଫ ୱାର ଚାମ୍ପିଅନସିପ ଅନୁଷ୍ଠିତ ହେବ । କବାଡିରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିବେ । ସମାନ ସଂଖ୍ୟକ ଦଳ ଟଗ ଅଫ ୱାରରେ ଭାଗନେବେ । ପୁରୁଷରେ ଚାମ୍ପିଅନ ଦଳକୁ ୫୦ ହଜାର ଓ ରନର୍ସଅପ ଦଳକୁ ୩୦ ହଜାର ପ୍ରଦାନ କରାଯିବ । ସେହିପରି ମହିଳାରେ ଚାମ୍ପିଅନଙ୍କୁ ୩୦ ହଜାର ଓ ରନର୍ସ ଅପ ଦଳକୁ ୨୦ ହଜାର ଟଙ୍କା ମିଳିବ ବୋଲି ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଦନପୁର ପଞ୍ଚାୟତ ରଜ ମହୋତ୍ସବର ସଭାପତି ପ୍ରଫେସର ଛେନୁ ଶେଖର ପଟ୍ଟନାୟକ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଆବାହକ ଅର୍ଦ୍ଧେନ୍ଦୁ ଦାସ, ସାଧାରଣ ସମ୍ପାଦକ ଅଜୟ ସାହୁ, ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ପ୍ରଧାନ ଶିକ୍ଷକ କାହ୍ନୁଚରଣ ମିଶ୍ର, ଏମ୍ସର ପୂର୍ବତନ ଡିରେକ୍ଟର୍ ଅଫ ଆକାଉଣ୍ଟାଣ୍ଟ ଜ୍ଞାନରଞ୍ଜନ ସାହୁ ଏବଂ ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ୍ତ କୁମାର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ ।

● ମହିଳା ଟି-୨୦ ବିଶ୍ୱକପ୍

## ଶେଷ ୱାର୍ମଅପ୍‌ରେ ହାରିଲା ଭାରତ

ଲଣ୍ଡନ, ୧୦।୬ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଶୁକ୍ରବାରଠାରୁ ଇଂଲଣ୍ଡରେ ଆରମ୍ଭ ହେବାକୁଯାଉଛି । ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଏହାର ଶେଷ ୱାର୍ମଅପ୍ ମ୍ୟାଚରେ ପରାଜୟବରଣ କରିଛି । ବୁଧବାର କାର୍ଡିଫରେ ଆୟୋଜକ ଇଂଲଣ୍ଡ ରୋମାଞ୍ଚକ ଭାବେ ୫ ରନରେ ହରମନପ୍ରୀତ୍ କୌରଙ୍କ ଦଳକୁ ହରାଇ ଦେଇଛି । ଏଥିପୂର୍ବରୁ ଭାରତ ପ୍ରଥମ ୱାର୍ମଅପ୍ ମ୍ୟାଚରେ ୨୬ ରନରେ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା । ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ଜୁନ ୧୪ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ।

## ସିଏମ୍ ଟ୍ରଫି ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୬ (ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଚାଲିଥିବା ମୁଖ୍ୟମନ୍ତ୍ରୀ (ସିଏମ୍) ଟ୍ରଫିର ଦ୍ୱିତୀୟ ସଂସ୍କରଣ ଉଦଯାପିତ ହୋଇଯାଇଛି । ୧୫ ବର୍ଷରୁ କମ୍ ବାଳକ ଫୁଟବଲରେ ବରଗଡ଼ ଚାମ୍ପିଅନ ଓ ଯାଜପୁର ରନର୍ସଅପ୍, ବାଳିକାରେ ଭୁବନେଶ୍ୱର ଚାମ୍ପିଅନ ଓ କେନ୍ଦୁଝର ରନର୍ସଅପ୍, ୧୪ ବର୍ଷରୁ କମ୍ ଖୋ-ଖୋ'ର ବାଳକ ବିଭାଗରେ ପୁରୀ ଚାମ୍ପିଅନ, କଟକ ରନର୍ସଅପ୍, ବାଳିକାରେ ଖୋର୍ଦ୍ଧା ଚାମ୍ପିଅନ ଓ ପୁରୀ ରନର୍ସଅପ୍ ହୋଇଛି । ସେହିଭଳି ୧୬ ବର୍ଷରୁ କମ୍ ବାଳକ କବାଡ଼ିରେ ବାଲେଶ୍ୱର ଚାମ୍ପିଅନ ଓ ସୁନ୍ଦରଗଡ଼ ରନର୍ସଅପ୍, ବାଳିକାରେ ପୁରୀ ଚାମ୍ପିଅନ ଓ ଗଞ୍ଜାମ ରନର୍ସଅପ୍, ୧୪ ବର୍ଷରୁ କମ୍ ବାଳକ ଭଲିବଲ୍‌ରେ କଟକ ଚାମ୍ପିଅନ ଓ କେନ୍ଦ୍ରାପଡ଼ା ରନର୍ସଅପ୍ ଏବଂ ବାଳିକାରେ ଖୋର୍ଦ୍ଧା ଓ କଳାହାଣ୍ଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି । ଚଳିତ ସିଏମ ଟ୍ରଫିରେ ମୋଟ୍ ଉପରେ ରାଜ୍ୟର ପ୍ରାୟ ୬୦୦୦ ଖେଳାଳି ଅଂଶଗ୍ରହଣ କରିଥିଲେ ।

### ୧୨ଟି ବିଭାଗରେ ୨୫ ଜଣ ପ୍ରଶିକ୍ଷକ ନିଯୁକ୍ତ

ଅପରପକ୍ଷରେ ରାଜ୍ୟରେ କ୍ରୀଡ଼ାର ଭିତ୍ତିଭୂମି ବିକାଶ ତଥା ସୁଦକ୍ଷ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ୧୨ଟି ଭିନ୍ନଭିନ୍ନ କ୍ରୀଡ଼ାର ବିଭାଗ ପାଇଁ ୨୫ ଜଣ ପ୍ରଶିକ୍ଷକଙ୍କୁ ପ୍ରାଥମିକ ଭାବେ ମନୋନୀତ କରାଯାଇଛି । ୨୦୨୫ ମସିହାରେ ୧୬ଟି ବିଭିନ୍ନ ବିଭାଗରେ ୩୮ ଟି ଖାଲି ଥିବା ପ୍ରଶିକ୍ଷକ ପଦବୀ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS